ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.151 Bhubaneswar Saturday July 22 2023 | ୨୬ତମ ବର୍ଷ ସଂଖ୍ୟା-୧୫୧ ଭୁବନେଶ୍ୱର, ଶନିବାର, ଜୁଲାଇ ୨୨, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ୧୭ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ: ୧୧ଟି ଜିଲ୍ଲା ହସ୍ପିଟାଲରେ ମିଳିବ ଉନ୍ନତ କ୍ୟାନସର ଚିକିତ୍ସା ସେବା, ଏକହଜାର କୋଟି ବରାଦ



ଭୁବନେଶ୍ୱର,୨୧ ।୭(ପି.ଏନ): ରାଜ୍ୟ କ୍ୟାବିନେଟ୍ ର ୬୨ତମ ବୈଠକ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। କ୍ୟାବିନେଟ ବୈଠକରେ ୧୧ଟି ବିଭାଗର ମୋଟ ୧୭ ଟି ପ୍ରସ୍ତାବ ଗୁଡିକ ସ୍ୱୀକୃତି ଲାଭ କରିଛି। ରାଜ୍ୟ କ୍ୟାବିନେଟ ବୈଠକରେ ନିଷ୍ପତି ସଂପର୍କରେ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ, ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଓ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଅନ୍ୟ ସମସ୍ତ ୧୭ ଟି ପ୍ରସ୍ତାବ ରାଜ୍ୟ କ୍ୟାବିନେଟ ଦ୍ୱାରା ସ୍ୱୀକୃତି ଲାଭ କରିଥିବା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ମିଶନ ଶକ୍ତି ମହିଳାମାନଙ୍କ ପାଇଁ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ମିଶନ ଶକ୍ତି ବିଭାଗର ଏହି ପ୍ରସ୍ତାବକୁ ମଂଜୁରି ମିଳିଛି । ଏହି ଯୋଜନାରେ ଯୋଗ୍ୟା ସଦସ୍ୟାମାନଙ୍କୁ ସେମାନଙ୍କ ପସନ୍ଦ ମୁତାବକ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ଉପରେ ସମ୍ପୂର୍ଣ୍ଣ ସୁଧ ଫେରସ୍ତ ପାଇବେ। ବର୍ତମାନ ସିଆରପି-ସିଏମ୍, ଏମବିକେ, ପ୍ରାଣୀ ମିତ୍ର, କୃଷି ମିତ୍ର, ବ୍ୟାଙ୍କ ମିତ୍ର, ଜୀବିକା ସହାୟିକା, ଉଦ୍ୟୋଗୀ ମିତ୍ର, ବିସିଏ ୭୫ ହଜାର କମ୍ୟୁନିଟି ସପୋର୍ଟ ଷ୍ଟାଫ୍ , ୧ଲକ୍ଷ ୨୫ ହଜାର ଗ୍ରାମ ପଂଚାୟତ/ୱାର୍ଡ ବ୍ଲକ୍ ବା ସହର ସ୍ତରୀୟ ମହାସଂଘର କାର୍ଯ୍ୟନିର୍ବାହୀ ସଦସ୍ୟା ଏହି ଯୋଜନାରେ ଉପକୃତ ହେବେ। ସେହପରି କର୍କଟ ରୋଗୀଙ୍କ ପାଇଁ ରାଜ୍ୟ ସରକାର ଆରମ୍ଭ କରିଛନ୍ତି ନୂଆ ଯୋଜନା । ଓଡ଼ିଶା କମ୍ପ୍ରିହେନସିଭ କ୍ୟାନସର ପ୍ଲାନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ମିଳିଛି। କର୍କଟ ରୋଗୀମାନଙ୍କୁ ଚିକିତ୍ସା ଯୋଗାଇବା ଉଦ୍ଦେଶ୍ୟରେ ଓଡିଶା ସାମୁହିକ ସେବାର ଅଭିବୃଦ୍ଧି ପାଇଁ କ୍ୟାବିନେଟ୍ ୧୦୦୧.୧୪ କୋଟି ଟଙ୍କା ବଜେଟ୍ ଅନୁମୋଦନ କରିଛନ୍ତି। ୨ ବର୍ଷ ମଧ୍ୟରେ ୧୧ ଟି ସାମୁହିକ କର୍କଟ ଚିକିତ୍ସା ୟୁନିଟ୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବରଗଡ, ଭିମସାର ବୁର୍ଲା, ଏସଏଲଏନ୍ ମେଡିକାଲ କଲେଜ ଓ ହସ୍ପିଟାଲ କୋରାପୁଟ, ଏମକେସିଜି, କଳାହାଣ୍ଡି ମେଡିକାଲ କଲେଜ, ବିବି ମେଡିକାଲ କଲେଜ ବଲାଙ୍ଗିର, ପିଆରଏମ୍ ବାରିପଦା, ଏଫଏମ୍ ମେଡିକାଲ କଲେଜ ବାଲେଶ୍ୱର, କେନ୍ଦୁଝର ଧରଣୀଧର ମେଡିକାଲ କଲେଜ , ତାଳଚେର ମେଡିକାଲ କଲେଜ ଓ କ୍ୟାପିଟାଲ ହସ୍ପିଟାଲ ଭୁବନେଶ୍ୱରରେ ନିର୍ମାଣ କରାଯିବ। ଏହାପରେ ଉନ୍ନତ କର୍କଟ ରୋଗ ଚିକିତ୍ସା ପାଇଁ ରାଜ୍ୟ ବାହାରକୁ ଯିବାକୁ ପଡିବ ନାହିଁ।ଏହା ବ୍ୟତୀତ ୫ ପ୍ରତିଶତ ସୁଧରେ ସମବାୟ ବ୍ୟାଙ୍କ ଓ ପ୍ରାଥମିକ ସମବାୟ ସମିତିରୁ ଫସଲ ଋଣ ନେଉଥିବା ଚାଷୀଙ୍କ ଋଣ ଉପରେ ସୁଧ ଛାଡ। ଚଳିତ ଆର୍ଥିକ ବର୍ଷରୁ ଆଗାମୀ ପାଂଚ ବର୍ଷ ପାଇଁ ଏହି ସୁଧ ଛାଡ ବ୍ୟବସ୍ଥା ଲାଗୁ ହେବ ।ଓଡିଶା ଲୋକାୟୁକ୍ତଙ୍କ ଦ୍ୱାରା ଉପସ୍ଥାପିତ ୨୦୨୨ ବର୍ଷର ରିପୋର୍ଟ ଅନୁମୋଦନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମଂଜୁର କରିଛି। ଓଡିଶା ପର୍ଯ୍ୟଟନ ସେବା (ଓଟିଏସ୍ ) କ୍ୟାଡରର ପୁନର୍ଗଠନ ପାଇଁ ଓଡିଶା ପର୍ଯ୍ୟଟନ ସେବା ନିୟମାବଳୀ ୨୦୨୩କୁ କ୍ୟାବିନେଟ୍ ଅନୁମୋଦନ କରିଛି। ରାଜ୍ୟ ସେକ୍ଟର ସଡକ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ-ଜମ୍ବୁ ରାସ୍ତାକୁ ପ୍ରଶସ୍ତିକରଣ ପାଇଁ କ୍ୟାବିନେଟ୍ ନିଷ୍ପତି ହୋଇଛି। ଏହି ପ୍ରକଳ୍ପ ମାର୍ଶାଘାଇ ଠାରୁ ଗୋବରୀ ନଦୀ ନିକଟ ୨୪.୬୦୦ କିମି ରାସ୍ତା ୨ ଥାକିଆ ହେବ। ଏଥିପାଇଁ ଏବିସିଆଇ ଇନଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ର ୧୦୩.୪୫ କୋଟି ଟଙ୍କାର ବିଡ୍ କୁ ଅନୁମୋଦନ ମିଳିଛି। ୨୧ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ବନ ସୁରକ୍ଷା ସମିତି କୋଠା ନିର୍ମାଣ ପାଇଁ ସରକାରଙ୍କ ନୂଆ ଯୋଜନା । ପ୍ରତି ଜିଲ୍ଲାରେ କୋଠା ନିର୍ମାଣ କାମ ହେବ ତ୍ୱରାନ୍ୱିତ । ସରକାରୀ ଉଦ୍ୟୋଗ, କମ୍ପାନୀ, ଘରୋଇ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ ଉପରେ ବାକି ପଡିଥିବା ଜଳକର ଏଣିକି ଏକକ ଭାବେ ପରିଶୋଧ କରିହେବ । ଏଥିପାଇଁ ଜଳସଂପଦ ବିଭାଗର ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି । ରାଜ୍ୟରେ ସେମିକଣ୍ଡକ୍ଟର ଓ ଇଲେକଟ୍ରୋନିକ୍ସ ଚିପ ନିର୍ମାଣ ପାଇଁ ଆସିଲା ନୂଆ ନୀତି । ଯେଉଁମାନେ ଏହି କମ୍ପାନୀ ଶିଳ୍ପ ପ୍ରତିଷ୍ଠା କରିବେ ସେମାନଙ୍କୁ ନୂଆ ନୀତି ଆଧାରରେ ଦିଆଯିବ ପ୍ରୋତ୍ସାହନ ।

## ବାଜା ବଜାଇ ସମର୍ଥକଙ୍କ ଗହଣରେ ଯାଇଥିଲେ ବିଜେଡି ବିଧାୟକ

ପୁରୀ,୨୧ ।୭(ପି.ଏନ): ବାଜା ବାଜାଇ ଓ ବାଣ ଫୁଟାଇ ଶିଳାନ୍ୟାସ କାର୍ଯ୍ୟକ୍ରମକୁ ଯାଇଥିଲେ ନିମାପଡା ବିଜେଡି ବିଧାୟକ ସମୀର ଦାଶ। ହେଲେ ଅଧା ରାସ୍ତାରେ ତାଙ୍କୁ ବିରୋଧ କଲେ ଗାଁ ଲୋକ। ବିଧାୟକଙ୍କ ପିଏସ୍ଓ ବିରୋଧ କରିବାରୁ ଠେଲାପେଲା ହୋଇଥିଲା। କିଛି ସମୟ ପାଇଁ ରଣକ୍ଷେତ୍ର ପାଲଟିଥିଲା ପରିବେଶ। ଶେଷରେ ଗାଁ ଲୋକଙ୍କୁ ପୁଲିସ୍ ଘଉଡାଇ ଥିବା ଜଣାପଡିଛି।

## ସରକାର ବନ୍ଦ କରିଥିବା ସ୍କୁଲକୁ ଗାଁ ଲୋକେ ଖୋଲିଲେ, ପାଳିକରି ପଢ଼ାଇଲେ



ବାଲେଶ୍ୱର,୨୧ ।୭(ପି.ଏନ): ୧୨୧ ବର୍ଷର ପୁରୁଣା ସ୍କୁଲକୁ ବନ୍ଦ କରି ଦେଇଥିଲେ ରାଜ୍ୟ ସରକାର। ଗାଁ ଲୋକ ଯେତେ ନେହୁରା ହେଲେ ମଧ୍ୟ ପ୍ରଶାସନ ଶୁଣିଲା ନାହିଁ। ସ୍କୁଲ ଖୋଲିଲା ନାହିଁ। ଶେଷରେ ପିଲାଙ୍କ ଭବିଷ୍ୟତ ପାଇଁ ଗାଁ ଲୋକେ ନିଜସ୍ୱ ଉଦ୍ୟମରେ ବନ୍ଦ ହୋଇଥିବା ସ୍କୁଲକୁ ଖୋଲିଲେ। ଆଉ ଗାଁର ଶିକ୍ଷିତ ଯୁବକ ଓ ଯୁବତୀମାନେ ପାଳି କରି ପିଲାମାନଙ୍କୁ ପାଠ ପଢ଼ାଉଛନ୍ତି। ଏପରି ଏକ ସ୍କୁଲ ବାଲେଶ୍ୱର ଜିଲ୍ଲାରେ ଚ଼ାଲିଛି। ଭୋଗରାଇ ବ୍ଲକ କୁମ୍ଭୀରଗଡି ପଞ୍ଚାୟତ ବାଉଁଶଖଣା ଗାଁ। ସୁବର୍ଣ୍ଣରେଖା ନଦୀର ଅବବାହିକାରେ ଅବସ୍ଥିତ ଏହି ଗାଁରେ ୧୫୦ଟି ପରିବାର ବାସ କରୁଛନ୍ତି। ଅଧିକାଂଶ ହେଉଛନ୍ତି ମତ୍ସ୍ୟଜୀବୀ ଓ ଦିନମଜୁରିଆ। ସେଥିରୁ ଯାହା ଉପାର୍ଜନ ହୁଏ, ସେଥିରେ ଜଳେ ଚୂଲି ଓ ମେଣ୍ଟେ ପରିବାରର ଗୁଜୁରାଣ। ଏହି ଗାଁ ଉପରେ ବାରମ୍ବାର ସୁବର୍ଣ୍ଣରେଖାର କୋପ ଦୃଷ୍ଟି ପଡେ। ବନ୍ୟା ପାଣିରେ ଗାଁ ଲୋକଙ୍କ ବର୍ତ୍ତମାନ ଓ ଭବିଷ୍ୟତ ଭାସିଯାଏ। ସେଥିପ୍ରତି ଗାଁ ଲୋକେ ତିଳେ ମାତ୍ର ଭ୍ରୁକ୍ଷେପ ନକରି କାହାର ହାତ ଟେକାକୁ ଅପେକ୍ଷା ନକରି ପୁଣି ଥରେ ମାଟିରୁ ଉଠି ସଜାଡନ୍ତି ନିଜ ପରିବାର।

## ସ୍କୁଲ ଛାତରୁ ପ୍ଲାଷ୍ଟର ଖସିବା ଘଟଣା : ବିଡିଓ, ଜେଇଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯାଉ: ବିଜେପି

ଭୁବନେଶ୍ୱର ,୨୧ ।୭(ପି.ଏନ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ୫-ଟି ବିଭାଗ ଖୋଲାଯାଇ ବିଭିନ୍ନ ଜିଲ୍ଲାର ସ୍କୁଲ ଗୁଡିକର କିଭଳି ଭିତିଭୂମି ନିର୍ମାଣ ହେବ ଏବଂ ଶିକ୍ଷା ପ୍ରଚାରିତ ଓ ପ୍ରସାରିତ ହୋଇପାରିବ ସେ ନେଇ କାର୍ଯ୍ୟ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଅଲଗା। ଗତ ୬ମାସ ତଳେ କାକଟପୁର ନିର୍ବାଚନ ମଣ୍ଡଳୀର ତାଳଦାସ୍ଥିତ ପଡ଼ିଆରୀ ବିଦ୍ୟାପୀଠରେ ୫୦ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ସ୍କୁଲର ଭିତିଭୂମି ନିର୍ମାଣ କରାଯାଇଥିଲା। ଗତ ୧୯ତାରିଖରେ ବିଦ୍ୟାଳୟର କମନ୍ ରୁମ୍‌ର ଛାତ ପ୍ଲାଷ୍ଟର ଖସି ଜଣେ ଶିକ୍ଷୟତ୍ରୀ ପ୍ରିୟଦର୍ଶିନୀ ସେନାପତି ଓ ସିଆରସିସି ତ୍ରିଲୋଚନ ବେହେରା ଓ ଦୈତାରୀ ନାୟକ ଆହତ ହୋଇ ଭୁବନେଶ୍ୱରରେ ଆମ୍ରି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଓଡିଶା ସରକାର ୫-ଟି ନାଁରେ ଦୁର୍ନୀତି କରୁଛନ୍ତି ବୋଲି ଅନୁସୁଚିତ ମୋର୍ଚ୍ଚା ରାଜ୍ୟ ସଭାପତି ଡ.ବିଭୂ ପ୍ରସାଦ ତରାଇ କହିଛନ୍ତି ।ରାଜ୍ୟ କାର୍ଯ୍ୟାଳରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତରାଇ କହିଛନ୍ତି ଯେ, ଜେଇ ସୁନୀଲ ପୁଟିଙ୍କ ନାଁରେ ୱାର୍କ ଅର୍ଡର ଦିଆଯାଇଛି, ବିଡିଓ ବବିତା ମଞ୍ଜରୀ ନାୟକ ପାଖରେ ଲୋକ ନିମ୍ନମାନର କାମ ହେଉଛି ବୋଲି ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରିନଥିଲେ। ୫୦ ଲକ୍ଷରୁ ମାତ୍ର ୧୦ଲକ୍ଷ ଖର୍ଚ୍ଚ କରାଯାଇ ଆଉ ସମସ୍ତ ଅର୍ଥ ହରିଲୁଟ୍ ହୋଇଛି ବୋଲି ଲୋକେ ଅଭିଯୋଗ କରୁଛନ୍ତି। ଲୁଟ୍‌ରେ ତୃତୀୟ ମହଲାଠୁ ଆରମ୍ଭ କରି ୫-ଟି ସଚିବ ଏବଂ ବିଡିଓ, ଜେଓ ସହ କାକଟପୁର ବିଧାୟକ ଓ ସ୍ଥାନୀୟ ବିଜେଡି ନେତାଙ୍କ ପର୍ଯ୍ୟନ୍ତ ସମସ୍ତେ ପିସି କାରବାରରେ ସମୁଦାୟ ସଂପୃକ୍ତ। ଗତ ୬ମାସ ତଳେ ଏହି ସ୍କୁଲର ଭିତିଭୂମି ନିର୍ମାଣ ହୋଇଥିଲା ତାହା ଭୁଷୁଡି ଯାଇଛି, ୫-ଟି ସ୍କୁଲକୁ ତରବରିଆଭାବେ ସଚିବଙ୍କ ନିର୍ଦ୍ଦେଶରେ କାର୍ଯ୍ୟ ନସରୁଣୁ ଉଦ୍‌ଘାଟନ ହୋଇଥିଲା। ୫-ଟି ବ୍ୟବସ୍ଥା ଗୁଣାତ୍ମକ ଦୃଷ୍ଟିରୁ ଠିକଣା ଢଙ୍ଗରେ ଚାଲୁନାହିଁ। ସ୍କୁଲରେ ଶିକ୍ଷକଙ୍କ ଅଭାବ, ପାଠପଢ଼ା ହେଉନାହିଁ। ଅନ୍ୟପକ୍ଷରେ ବିଦ୍ୟାଳୟ କାନ୍ଥରୁ ସିମେଂଟ ଖସିବା, ରଙ୍ଗ ଛାଡିବା, ପାଚେରୀ ଭୁଷୁଡି ପଡିବା ଭଳି ପ୍ରତିଦିନ ଘଟଣା ଘଟୁଛି। ୫-ଟି ସ୍କୁଲ ନିର୍ମାଣ ଏବେ ବିଜେଡି ରାଜନେତା ଓ ଠିକାଦାରଙ୍କ ରୋଜଗାରର ମାଧ୍ୟମ ହୋଇଛି। ବିଡିଓ, ଜେଇଙ୍କ ଅବହେଳା ହେତୁ ଏଭଳି ଘଟଣା ଘଟିଥିବାରୁ ତାଙ୍କୁ ତୁରନ୍ତ ସସ୍‌ପେଣ୍ଡ କରାଯିବା ସହ ଠିକାଦାର ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଡ. ତରାଇ ଦାବି କରିଛନ୍ତି ।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲ୍ଲୀପ ମଲ୍ଲିକ, ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡା, ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଜିଲ୍ଲା ସଭାପତି ଆଶ୍ରିତ ପଟ୍ଟନାୟକ, ସୁଦର୍ଶନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଅଛନ୍ତି।

## ରାୟଗଡ଼ ପାହାଡ଼ ଧସିବା ଘଟଣାରେ ଏପର୍ଯ୍ୟନ୍ତ ୧୧୯ ଲୋକ ଉଦ୍ଧାର ୧୬ ମୃତ, ୨୧ ଆହତ ଉଦ୍ଧାର କାର୍ଯ୍ୟ ଜାରୀ

ମୁମ୍ବାଇ, ୨୧ ।୭(ପି.ଏନ): ରାୟଗଡ଼ ଜିଲ୍ଲାର ଇରଶାଲବାଡିରେ ପାହାଡ଼ ଧସିବା ଘଟଣାରେ ଏପର୍ଯ୍ୟନ୍ତ ୧୧୯ ଲୋକଙ୍କୁ ଉଦ୍ଧାର କରାଯାଇଛି । ଘଟଣାସ୍ଥଳରେ ୧୬ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୧ ଜଣ ଆହତ ହୋଇଛନ୍ତି । ଏହି ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ଅନିଲ ପାଟିଲ । ଅନିଲ ପାଟିଲ କହିଛନ୍ତି ଯେ, ବୁଧବାର ରାତିରେ ରାୟଗଡ଼ ଜିଲ୍ଲାର ଖାଲାପୁର ତହସିଲ ଅନ୍ତର୍ଗତ ଇରଶାଲବାଡି ଗ୍ରାମରେ ପାହାଡ଼ ଧସିବା ଫଳରେ କେତେକ ଘର ଦବି ଯାଇଛି । ଗ୍ରାମରେ ମୋଟ୍ ୪୮ ଘରେ ୪୮ଟି ପରିବାର ବସବାସ କରୁଥିଲେ । ଗ୍ରାମର ମୋଟ୍ ଜନସଂଖ୍ୟା ୨୮୮ । ଦୁର୍ଘଟଣା ପରେ ମାଟି ତଳେ ପୋତି ହୋଇରହିଥିବା ଲୋକ ମାନଙ୍କୁ ଉଦ୍ଧାର କାର୍ଯ୍ୟ ଜାରୀ ରହିଛି । ଘଟଣାସ୍ଥଳ ମାଟି କାଦୁଅପୂର୍ଣ୍ଣ ହୋଇଥିବା, ସେଠାକୁ ରାସ୍ତା ନଥିବା ଏବଂ ମଝିରେ ମଝିରେ ଭୀଷଣ ବର୍ଷା ଯୋଗୁଁ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହେଉଛି । ଘଟଣାରେ ଆହତ ୨୧ ଜଣଙ୍କୁ ଏମଜିଏମ ହସ୍ପିଟାଲରେ ଭର୍ତି କରାଯାଇଛି । ପୀଡ଼ିତ ମାନଙ୍କୁ ଶିବିରରେ ରଖାଯାଇଛି । ଏବଂ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧା ଯୋଗାଇ ଦିଆଯାଇଛି ।

## ଲାଂଚ ନେଲାବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଲେ ମହିଳା ଅଧିକାରୀ

ବଲାଙ୍ଗିର, ୨୧ ।୭(ପି.ଏନ): ଭିଜିଲାନ୍ସ ଜାଲରେ ମହିଳା ଅଧିକାରୀ। ଭିଜିଲାନ୍ସ ଜାଲରେ ଜେଣ୍ଡର କୋର୍ଡିନେଟରର ପୁଷ୍ପାଙ୍ଗିନୀ ଯୋଶୀ । ବଲାଙ୍ଗୀର ଡିପିସି କାର୍ଯ୍ୟାଳୟର ଜେଣ୍ଡର କୋର୍ଡିନେଟର ପୁଷ୍ପାଙ୍ଗିନୀ ଲାଂଚ ନେଉଥିବା ବେଳେ ତାଙ୍କୁ ଆଜି ଭିଜିଲାନ୍ସ ଧରିଛି। ଜଣେ ପ୍ରଧାନ ଶିକ୍ଷକଙ୍କ ଠାରୁ ସେ ୩୧ ହଜାର ଟଙ୍କା ଲାଂଚ ନେଉଥିଲେ।

## ଭିଜିଲାନ୍ସ ଜାଲରେ ଆଇଆଇସି: ୮୦ ହଜାର ନେଲେନି, ଲକ୍ଷେ ଟଙ୍କା ନେଉଥିବା ବେଳେ ଧରାପଡିଲେ

ଭୁବନେଶ୍ୱର,୨୭ ।୭(ପିଏନ):ଦେଢ଼ଙ୍କା ଏକ ଲକ୍ଷ ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଆଇଆଇସି ପୁଷ୍ପଲତା ରାଉତରାୟ। ଏକ ଜବତ ବାଲି ଗାଡିକୁ ଛାଡି ଦେବାକୁ ସେ ଏହି ଅର୍ଥ ନେଉଥିବା ବେଳେ ଧରାପଡିଛନ୍ତି। ଶରତ ବେହେରା ନାମକ ଜଣେ ବ୍ୟକ୍ତି ହରଭଙ୍ଗାର ବାଲିଘାଟ ଠିକା ନେଇଛନ୍ତି। ତାଙ୍କର ଏକ ବାଲି ବୋଝେଇ ଗାଡିକୁ କୌଣସି କାରଣରୁ ପୁଲିସ୍ ଧରିଥିଲା ଓ ତାକୁ ଜବତ କରି ହରଭଙ୍ଗା ଥାନାରେ ରଖାଯାଇଥିଲା। ସେହି ଗାଡିକୁ ଛାଡିବା ପାଇଁ ଆଇଆଇସି ଲକ୍ଷେ ଟଙ୍କା ଲାଞ୍ଚ ମାଗିଥିଲେ। ଗତକାଲି ଶରତ ୮୦ ହଜାର ଟଙ୍କା ନେଇ ଆଇଆଇସି ପୁଷ୍ପଲତା ରାଉତରାୟଙ୍କୁ ଦେଇଥିଲେ। କିନ୍ତୁ ୮୦ ହଜାର ଟଙ୍କା ହବନି ବୋଲି ସେ କହିଥିଲେ। ସେଥିରେ ଆଉ ୨୦ ହଜାର ଟଙ୍କା ମିଶାଇ ଆସନ୍ତାକାଲି (ଶୁକ୍ରବାର) ଦିଅନ୍ତୁ ବୋଲି ଶରତଙ୍କୁ ଆଇଆଇସି କହିଥିଲେ। ଶରତ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ ।ଆଜି ଶରତଙ୍କ ଠାରୁ ଆଇଆଇସି ପୁଷ୍ପଲତା ରାଉତରାୟ ଲକ୍ଷେ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ କର୍ମଚାରୀମାନେ ତାଙ୍କୁ ଧରିଥିଲେ। ବ୍ରହ୍ମପୁର ଓ ବୌଦ୍ଧର ଭିଜିଲାନ୍ସ ଟିମ୍ ମିଳିତ ଭାବେ ଏହି ଚଢ଼ାଉ କରିଥିଲେ ବୋଲି ଜଣାପଡିଛି।

## ବାହାନଗା ଦୁର୍ଘଟଣା: ଦେଢ଼ମାସ ପରେ ବି ଚିହ୍ନଟ ଅପେକ୍ଷାରେ ୪୧ ମୃତକ, ଡିଏନଏ ଟେଷ୍ଟ ନେଇ ରେଳବାଇ ନିରବ




ବାଲେଶ୍ୱର,୨୧ ।୭(ପି.ଏନ): ବାଲେଶ୍ୱର ଜିଲ୍ଲା ବାହାନଗା ଭୟାବହ ଟ୍ରେନ ଦୁର୍ଘଟଣାକୁ ଦେ ?ମାସରୁ ଅଧିକ ଦିନ ହେଲାଣି । ଏବେବି ୪୧ଜଣ ମୃତ ଯାତ୍ରୀଙ୍କ ଚିହ୍ନଟ ସମ୍ଭବପର ହୋଇପାରିନି । ଦୁର୍ଘଟଣାରେ ମୋଟ ମୃତ୍ୟୁ ସଂଖ୍ୟା ୨୯୫ ଛୁଇଁଥିବାବେଳେ ମୃତ ଯାତ୍ରୀଙ୍କ ଚିହ୍ନଟ ପ୍ରକ୍ରିୟାରେ ବିଳମ୍ବର କାରଣ ଓ ଡିଏନଏ ଟେଷ୍ଟ ଦ୍ୱାରା ସମସ୍ତ ମୃତ ଯାତ୍ରୀଙ୍କ ଶବ ହସ୍ତାନ୍ତର ହୋଇଛି କି ନାହିଁ ସେ ସମ୍ପର୍କରେ ରେଳବାଇ ବିଭାଗ ନିରବ ରହିଛି । ତେବେ ଦୁର୍ଘଟଣାରେ ମୃତାହତଙ୍କୁ ଜୁଲାଇ ୧୬ତାରିଖ ସୁଦ୍ଧା ମୋଟ ୨୯.୪୯କୋଟି ଟଙ୍କା ଅନୁକମ୍ପାମୂଳକ ସହାୟତା ବଂଟନ କରାଯାଇଛି ବୋଲି ରେଳବାଇ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି । ଆଜି ରାଜ୍ୟସଭାରେ ସାଂସଦ ଏମ୍ . ସାନମୁଗମଙ୍କ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି ଯେ, ୨୦୨୩ ଜୁନ୍ ୨ତାରିଖରେ ବାହାନଗା ଷ୍ଟେସନ ବଜାରଠାରେ ଦୁର୍ଭାଗ୍ୟଜନକ ଟ୍ରେନ ଦୁର୍ଘଟଣାରେ ମୋଟ ୨୯୫ଜଣ ଯାତ୍ରୀ ପ୍ରାଣ ହରାଇଛନ୍ତି । ସେମାନଙ୍କ ମଧ୍ୟରୁ ୧୭୬ଜଣ ଗୁରୁତର ଆହତ ଓ ୪୫୧ଜଣ ସାମାନ୍ୟ ଆହତ ହୋଇଥିଲେ । ୧୮୦ଜଣ ଯାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିଲା । ମୃତ ଯାତ୍ରୀଙ୍କ ମଧ୍ୟରୁ ୨୫୪ଜଣଙ୍କୁ ଚିହ୍ନଟ ପରେ ହସ୍ତାନ୍ତର କରାଯାଇଛି । ବାକି ୪୧ଜଣ ମୃତ ବ୍ୟକ୍ତିଙ୍କ ଚିହ୍ନଟ ହୋଇପାରିନାହିଁ । ଜୁଲାଇ ୧୬ତାରିଖ ସୁଦ୍ଧା ମୃତକଙ୍କ ନିକଟ ସମ୍ପର୍କୀୟଙ୍କୁ ୧୦ଲକ୍ଷ ଟଙ୍କା ଲେଖାଏଁ, ଗୁରୁତର ଆହତଙ୍କୁ ୨ଲକ୍ଷ ଟଙ୍କା ଓ ସାମାନ୍ୟ ଆହତଙ୍କୁ ୫୦ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ବାବଦରେ ମୋଟ ୨୯.୪୯କୋଟି ଟଙ୍କା ପ୍ରଦାନ କରାଯାଇଛି । ଏହି ଅନୁକମ୍ପା ରାଶି ସମେତ ରେଳବାଇ ମୃତକଙ୍କ ସମ୍ପର୍କୀୟ ଓ କ୍ଷତିଗ୍ରସ୍ତଙ୍କୁ ସେମାନଙ୍କର ଅବସ୍ଥା ଦେଖି କ୍ଷତିପୂରଣ ପ୍ରଦାନ କରିଛି ।ରେଳବାଇ କ୍ଲେମ୍ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁସାରେ କ୍ଷତିପୂରଣ ପ୍ରଦାନ କରାଯାଇଛି । ଦିଲ୍ଲୀସ୍ଥିତ ରେଳବାଇ କ୍ଲେମ୍ ଟ୍ରିବ୍ୟୁନାଲଙ୍କ ପ୍ରମୁଖ ଖଣ୍ଡପୀଠ ଅଧକ୍ଷ ଏହି ଦୁର୍ଭାଗ୍ୟଜନକ ଦୁର୍ଘଟଣାକୁ ନିଜ ଆଡୁ ବିଚାରକୁ ନେଇ ୨୦୨୩ ଜୁନ୍ ୧୫ତାରିଖରେ ବିଭିନ୍ନ ଖଣ୍ଡପୀଠଙ୍କୁ ମିଳିଥିବା ମାମଲାର ତୁରନ୍ତ ଫଇସଲା ପାଇଁ ନ୍ୟାୟିକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ୨୦୨୩ ଜୁଲାଇ ୧୩ତାରିଖ ସୁ ?ଧା ରେଳବାଇ କ୍ଲେମ ଟ୍ରିବ୍ୟୁନାଲଙ୍କ ବିଭିନ୍ନ ଖଣ୍ଡପୀଠଙ୍କୁ ମିଳିଥିବା ମୋଟ ୨୫୮ଟି ଅଭିଯୋଗ ଓ ଦାବି ମଧ୍ୟରୁ ୫୧ଟି ମାମଲାର ଫଇସଲା ଶେଷ ହୋଇଛି ବୋଲି ଶ୍ରୀ ବୈଷ୍ଣବ କହିଛନ୍ତି ।

## ରାଜସ୍ଥାନରେ ଭୂ-କମ୍ପ, ତିନି ଥର ଥରିଉଠିଲା ଧରଣୀ : ତୀବ୍ରତା ୪.୪

ଜୟପୁର, ୨୧ ।୭(ପି.ଏନ): ରାଜସ୍ଥାନର ରାଜଧାନୀ ଜୟପୁର ସମେତ ସମ୍ପୂର୍ଣ୍ଣ ରାଜ୍ୟ ଶୁକ୍ରବାର ଭୂ-କମ୍ପର ଝଟକା ଅନୁଭୂତ ହୋଇଛି । କିଛି କିଛି ସମୟ ବ୍ୟବଧାନରେ ଲଗାତାର ତିନି ଥର ଭୂ-କମ୍ପର ଏହି ଝଟକା ଅନୁଭୂତ ହେବା ଫଳରେ ଲୋକ ମାନେ ଭୟରେ ଘରୁ ବାହାରକୁ ଚାଲି ଆସିଥିଲେ । ପ୍ରଥମ ଝଟକା ଭୋର୍ ୪ଟା ୯ ମିନିଟ୍ ସମୟରେ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଯାହାର ତୀବ୍ରତା ଥିଲା ୪.୪ । ଏହାର କେନ୍ଦ୍ରସ୍ଥଳ ଜୟପୁର ଥିଲା । ଦ୍ୱିତୀୟ ଥର ଭୂ-କମ୍ପ ପ୍ରାୟ ୪ଟା ୨୩ ମିନିଟ୍ ସମୟରେ ଆସିଥିଲା ।

## ଝଗଡେଇ ସୋରଡ଼ା ପି ଡବ୍ଲୁ ଡି ରାସ୍ତା ପାଲଟିଛି ମରଣ ଜନ୍ତା



ଆସିକା ,୨୧ ।୭(ପି.ଏନ): ରାଞ୍ଚି ବିଜୟୱାଡା ୫୯ନଂ ଜାତୀୟ ରାଜପଥ ଆସିକା ନିକଟସ୍ଥ ଝଗଡେଇ ଛକ ଠାରୁ ଜାହାଡ଼ା ଦେଇ ସୋରଡ଼ା ନୂଆଗାଁ ଦୀର୍ଘ ୨୪ କିଲୋମଟର ରାସ୍ତା ନିର୍ମାଣ ପି.ଡବ୍ଲୁ.ଡି ଭଞ୍ଜନର ଡିଭିଜନର କ୍ଷେତ୍ରୀୟ ବ୍ରହ୍ମପୁର ସୋରଡ଼ା ସେକସନ୍ ଅଧୀନରେ ଏହି ରୋଡ ନିର୍ମାଣ କାର୍ଯ୍ୟ ଚ଼ାଲିଛି ।ବ୍ରହ୍ମପୁର ସ୍ଥିତ ଯୁଧିଷ୍ଠିର ସାମନ୍ତରା କନଷ୍ଟ୍ରେକସନ୍ କମ୍ପାନୀ ଏହି ରୋଡର ମଙ୍ଗଳପୁର ଠାରୁ ସୋରଡ଼ା ନୂଆଗାଁ ପର୍ଯ୍ୟନ୍ତ କାର୍ଯ୍ୟ କରୁଅଛି ।ଏହି କାର୍ଯ୍ୟ ପାଇଁ ୨୦୧୮ ୨୪ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡର ହୋଇଛି ।ଦୀର୍ଘ ଦେଢ଼ ବର୍ଷ ଧରି ରାସ୍ତା କାର୍ଯ୍ୟ ଚ଼ାଲିଛି ।ଏହି ୨୪ କିଲୋମିଟର ମଧ୍ୟରେ ଅନେକ ବକ୍ସ ବ୍ରିଜ୍ ହୋମ୍ ପାଇବ ବ୍ରିଜ୍ ପୋଲ ନିର୍ମାଣ କାର୍ଯ୍ୟ ଚ଼ାଲିଛି ।ଏହି କାର୍ଯ୍ୟ ସବୁ ଅଧାପନ୍ତରିଆ ଯୋଗୁଁ ରାସ୍ତା ମେଟଲ ଗୁଡ଼ି ବିଛେଇ ହୋଇ ରାସ୍ତାରେ ପଡ଼ି ରହିଛି ।ଯାହା ଫଳରେ ଏହି ରୋଡ ଉପରେ ନିର୍ଭର କରୁଥିବା ୪୫ ଟି ଗ୍ରାମର ଲକ୍ଷାଧିକ ଲୋକ ନିର୍ଭର ନିର୍ଭର କରିଥାନ୍ତି ।ପ୍ରତିଦିନ ସ୍କୁଲ କଲେଜ ମେଡିକାଲ୍ ନୈଦିନ କାମକୁ ଯାନ ବାହନ ସମେତ ଚ଼ାଲିଯିବା ମଧ ସମ୍ଭବ ହେଉନି ।ଅନ୍ୟପଟେ ବର୍ତ୍ତମାନ ବର୍ଷା ଋତୁ ପହଞ୍ଚିଛି ।ଏହି ରାସ୍ତା ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ରାସ୍ତା ନାହିଁ ।ଏତିକିବେଳେ ଆସିକା ବିଧାୟିକା ଓ ସୋରଡ଼ା ବିଧାୟକ ଏହି କାର୍ଯ୍ୟକୁ ତୁରନ୍ତ ସରିବା ପାଇଁ ତାଗିଦ୍ କଲେ ମଧ୍ୟ ଠିକାଦାର ଜଣଙ୍କ କର୍ଣ୍ଣପାତ କରୁ ନାହାନ୍ତି ।ସବଡିଭିଜନ ଭଞ୍ଜନଗର ଏକ୍ସ୍ୟୁକ୍ୟୁଟ୍ ଇଞ୍ଜିନିୟର ଓ ସୋରଡ଼ା କ୍ଷେତ୍ରୀୟ ବ୍ରହ୍ମପୁର ସେକସନ୍ ଜେଇ ଏହି କାର୍ଯ୍ୟ ତଦାରଖ କରିବା ବା ତୁରନ୍ତ କାର୍ଯ୍ୟ ସମାପ୍ତ କରିବା ପାଇଁ କୌଣସି ପଦକ୍ଷେପ ନେଉ ନାହାନ୍ତି ।ଯାହା ଦ୍ୱାରା ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକଙ୍କର ବହୁ ଅସୁବିଧା ହେଉଛି ।ବିଭାଗୀୟ ଠିକାଦାର ଓ ଯନ୍ତ୍ରୀଙ୍କୁ ଏ ସମ୍ବନ୍ଧୀୟ ତଥ୍ୟ ମାଗିଲେ ମଧ୍ୟ ସନ୍ତୋଷ ଜନକ ଉତ୍ତର ନଦେଇ ବିଭିନ୍ନ ଆଳ ଦେଖାଉଛନ୍ତି ।ଅନ୍ୟ ପକ୍ଷରେ ଏହି ରାସ୍ତା ପାଇଁ ସ୍ଥାନୀୟ ଲୋକ ଏକ ବଡ଼ଧରଣର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ସ୍କୁଲ ପିଲାଙ୍କୁ ଉନ୍ନତ ଶିକ୍ଷାରୁ ବଂଚିତ କରିବା ପାଇଁ ଓଡିଶା ବିଜେପିର ଷଡ଼ଯନ୍ତ୍ର: ବିଜେଡି

ଭୁବନେଶ୍ୱର,୨୧ ।୭(ପି.ଏନ): ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳର ଏକ ସ୍କୁଲର ଅଫିସ ଗୃହ ଛାତରୁ ପ୍ଲାଷ୍ଟର ଖସି ଦୁଇ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଆହତ ହେବା ଘଟଣା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ତେବେ ୫-ଟି ସ୍କୁଲରେ ନିମ୍ନ ମାନର କାମ ଯୋଗୁଁ ଏଭଳି ଦୁର୍ଘଟଣା ଘଟିଲା ବୋଲି ଓଡିଶା ବିଜେପି ଯେଉଁ ଅଭିଯୋଗ ଆଣିଛି, ତାହା ସମ୍ପୂର୍ଣ୍ଣ ମିଥ୍ୟା। କାରଣ କୌଣସି ୫-ଟି ରୂପାନ୍ତରଣ କାର୍ଯ୍ୟରେ ସ୍କୁଲର ଅଫିସ ଗୃହର ନିର୍ମାଣ ବା ମରାମତି ହୁଏ ନାହିଁ ବୋଲି ବିଜୁ ଜନତା ଦଳ ପକ୍ଷରୁ ଆଜି ସ୍ପଷ୍ଟ କରାଯାଇଛି। ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ତୁମ୍ନନାଥ ପଣ୍ଡା କହିଛନ୍ତି ଯେ ଆମ ରାଜ୍ୟର ପିଲାମାନେ ଉନ୍ନତ ମାନର ସ୍କୁଲରେ ଏକ ସୁସ୍ଥ ଶୈକ୍ଷିକ ବାତାବରଣରେ ଭଲ ଶିକ୍ଷା ପାଆନ୍ତୁ, ଓଡ଼ିଶା ବିଜେପି ତାହା ଚାହୁଁନାହିଁ। ତେଣୁ ବିଜେପି ନେତାମାନଙ୍କୁ ୫-ଟି ଭୂତ ଘାରିଛି। ସେମାନେ ୫-ଟି ରୂପାନ୍ତରଣକୁ ବନ୍ଦ କରିବା ପାଇଁ ଷଡ଼ଯନ୍ତ୍ର କରି ଓଡ଼ିଶାବାସୀ ଏବଂ ସ୍କୁଲ ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି। ମିଛର ସାହାରା ନେଇ କେବଳ ରାଜନୀତି କରିବାକୁ ଓଡ଼ିଶା ବିଜେପି ନେତାମାନଙ୍କ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗତକାଲି ଅସ୍ତରଙ୍ଗର ସେହି ସ୍କୁଲକୁ ଯାଇଥିଲା ବୋଲି ଉଲ୍ଲେଖ କରି ଶ୍ରୀ ପଣ୍ଡା କହିଛନ୍ତି ଯେ କିଛିଦିନ ପୂର୍ବରୁ ବାହାନଗାଠାରେ ଭୟଙ୍କର ରେଳ ଦୁର୍ଘଟଣା ଘଟି ଯେତେବେଳେ ପ୍ରାୟ ୩୦୦ ଲୋକଙ୍କ ଜୀବନ ଚାଲିଗଲା ଏବଂ ଶହଶହ ଲୋକ ଆହତ ହେଲେ, ସେତେବେଳେ ଦୁର୍ଘଟଣାସ୍ଥଳକୁ ଓଡ଼ିଶା ବିଜେପିର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କାହିଁକି ଯାଇ ନଥିଲା ? ଏହା ପରଠୁ ଆଜି ଯାଏ ଓଡ଼ିଶାରେ ବାରମ୍ବାର ରେଳ ଦୁର୍ଘଟଣା ଘଟି ଚାଲିଛି। କେତେବେଳେ ଟ୍ରେନରେ ନିଆଁ ଲାଗିଯାଉଛି ତ କେତେବେଳେ ଡବା ଛାଡ଼ି ଇଞ୍ଜିନ ପଳାଉଛି। ଏଭଳି ଦୁର୍ଘଟଣାବେଳେ ତ ଓଡ଼ିଶା ବିଜେପିର କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ କେଉଁଠି ତଥ୍ୟ ସଂଗ୍ରହ କରିବାକୁ ଯାଉ ନାହିଁ। ତିନି ଦିନ ତଳେ ୧୬ ନମ୍ବର ଜାତୀୟ ରାଜପଥର ଯାଜପୁର ରସୁଲପୁର ନିକଟରେ ଗୋଟିଏ ବ୍ରିଜ୍ ତଳକୁ ଦବି ଗଲା। ଏନ୍‌ଏଚ୍‌ଏଆଇ କେନ୍ଦ୍ର ସରକାରଙ୍କ ଅଧୀନ ବୋଲି ଓଡ଼ିଶା ବିଜେପିର ଟିମ୍ ସେଠାକୁ ଗଲା ନାହିଁ କି ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଥିଲେ। ସେହିପରି ଦୀର୍ଘ ୬ ବର୍ଷ ହେଲା ମରାମତି ଓ ପ୍ରଶସ୍ତିକରଣ କାମ ସରୁନଥିବା କଟକ-ସମ୍ବଲପୁର ଏନ୍‌ଏଚ୍-୫୫ଟି ଏବେ ଦେଶର ସବୁଠାରୁ ବିପଦସଂକୁଳ ଜାତୀୟ ରାଜପଥ ପାଲଟି ଯାଇଛି। ଏହି ମୃତ୍ୟୁ ପଥରେ ବିଗତ ୬ ବର୍ଷ ମଧ୍ୟରେ ୧୩୦୦ରୁ ଅଧିକ ଦୁର୍ଘଟଣା ଘଟି ୬୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ରାଉରକେଲା ଇସ୍ପାତ କାରଖାନାରେ ମଧ୍ୟ ବାରମ୍ବାର ଦୁର୍ଘଟଣା ଘଟେ। କେତେବେଳେ ଗ୍ୟାସ ଲିକ୍ ହୋଇ ତ କେତେବେଳେ ତରଳ ଲୁହା ପଡ଼ି ଶ୍ରମିକ-କର୍ମଚାରୀଙ୍କ ଜୀବନହାନି ଘଟିଥାଏ। ବାରମ୍ବାର ଘଟୁଥିବା ମର୍ମନ୍ତୁଦ ଦୁର୍ଘଟଣାବେଳେ କେବେ ଥରଟିଏ ବି ବିଜେପିର ଫ୍ୟାକ୍ଟ ଫାଇଣ୍ଡିଂ ସେଠାକୁ ଯାଇଥିବାର ନଜିର୍ ଅଛି କି ବୋଲି ଶ୍ରୀ ପଣ୍ଡା ପଚାରିଥିଲେ ? ୫-ଟି ରୂପାନ୍ତରଣ ପରେ ଓଡ଼ିଶାରେ ସ୍କୁଲଗୁଡ଼ିକର ଭିତିଭୂମିରେ ବ୍ୟାପକ ପରିବର୍ତନ ହୋଇଛି। ଆମ ପିଲାମାନେ ଉତମ ପରିବେଶରେ ଉତମ ଶିକ୍ଷା ପାଇ ପାରୁଛନ୍ତି। ମାତ୍ର ଏହାକୁ ବିଜେପି ସହିପାରୁ ନାହିଁ। ପିଲାମାନେ କେମିତି ଭଲ ଶିକ୍ଷା ନପାଇବେ ସେଥିପାଇଁ ୫-ଟି ରୂପାନ୍ତରଣକୁ ବନ୍ଦ କରିବା ପାଇଁ ସେମାନେ ଯେଉଁ ଷଡ଼ଯନ୍ତ୍ର କରୁଛନ୍ତି, ତାହା କେବେବି ସଫଳ ହେବ ନାହିଁ ବୋଲି ଶ୍ରୀ ପଣ୍ଡା କହିଥିଲେ।

## ଠକାମୀରେ ପଡିଲେ ବଲିଉଡ୍ ଅଭିନେତା ବିବେକ ଓବରୋୟ


ନୂଆଦିଲ୍ଲୀ,୨୧ ।୭(ପି.ଏନ): ଠକାମୀରେ ପଡିଲେ ବଲିଉଡ୍ ଅଭିନେତା ବିବେକ ଓବରୋୟ। ସେ ପ୍ରାୟ ୧.୫୫ କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ୩ ଜଣଙ୍କ ନାମରେ ସେ ଏହି ଅଭିଯୋଗ ଆଣିଛନ୍ତି। ଏକ ଫିଲ୍ମ କରିବାକୁ ସେମାନେ ଏହି ଟଙ୍କା ନେଇଥିଲେ ଓ ଭଲ ଲାଭ ମିଳିବ ବୋଲି କହି ଠକେଇ କରିଥିବା ଏତଲାରେ ଉଲ୍ଲେଖ କରିଛନ୍ତି। ମହାରାଷ୍ଟ୍ରର ଅନ୍ଧେରି ଇଷ୍ଟ ଅନ୍ତର୍ଗତ ଏମ୍‌ଆଇଡିସି ଥାନାରେ ଏତଲା ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ଅଭିଯୁକ୍ତ ତାଲିକାରେ ଜଣେ ଫିଲ୍ମ ନିର୍ମାତା ଅଛନ୍ତି। ଯିଏକି ତାଙ୍କୁ ଫିଲ୍ମରେ ଟଙ୍କା ନିବେଶ ନିମନ୍ତେ କହିଥିଲେ। ସେ ପ୍ରାୟ ୧.୫୫ କୋଟି ଟଙ୍କା ଏଥିନିମନ୍ତେ ଦେଇଥିବା ବେଳେ ଅଭିଯୁକ୍ତମାନେ ଏହାକୁ ନିଜ ବ୍ୟବହାରରେ ଖର୍ଚ୍ଚ କରିଦେଇଛନ୍ତି। ଏହି ଫିଲ୍ମ ନିର୍ମାଣରେ ବିବେକଙ୍କ ପତ୍ନୀ ମଧ୍ୟ ଜଣେ ପାଟନର ହୋଇଥିଲେ।








# ଟି ଟାଇମ୍



## ଜୋକ୍ସ

ଟିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଟିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

---

ହରି-ମୁଁ ଯେତେବେଳେ ଏଠାକୁ ଆସିଲି ଖାଲି ପାଦରେ ଆସିଥିଲି ।
ଶାମ- ମୁଁ ତ ଖାଲି ଦେହରେ ଆସିଥିଲି।
ହରି-କିପରି ?
ଶାମ- ମୁଁ ପରା ଏଇଠି ଜନ୍ମ ହୋଇଛି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ପୁରାଣ କାହାଣୀ

# ରାମାୟଣ ଆଦ୍ୟକାଣ୍ଡ

ସରଜୁ ନଦୀ କୂଳରେ ଅବସ୍ଥିତ ଅଯୋଧ୍ୟା ନଗରୀ ହେଉଛି କୋଶଳ ରାଜ୍ୟର ରାଜଧାନୀ। କୋଶଳ ନରେଶ ରାଜା ଦଶରଥଙ୍କ ରାଜତ୍ୱ କାଳରେ ପ୍ରଜାମାନେ ଅତ୍ୟନ୍ତ ସୁଖରେ କାଳାତିପାତ କରୁଥିଲେ। ରାଜା ଦଶରଥଙ୍କ ତିନି ରାଣୀ ଥିଲେ କୌଶଲ୍ୟା, କୈକେୟୀ ଏବଂ ସୁମିତ୍ରା। ମାତ୍ର ବହୁ ଦିନ ଧରି ରାଜା ଅପୁତ୍ରୀକ ଥିଲେ। ତେଣୁ ଋଷି ବଶିଷ୍ଠଙ୍କ ପରାମର୍ଶ କ୍ରମେ ଋଶ୍ୟଶୃଙ୍ଗ ମୁନୀଙ୍କୁ ନିମନ୍ତ୍ରଣ କରି ତାଙ୍କରି ଦ୍ୱାରା ରାଜା ପୁତ୍ରେଷ୍ଟି ଯଜ୍ଞର ଆୟୋଜନ କଲେ। ଯଜ୍ଞର ଫଳର ସ୍ୱରୂପ ପ୍ରଥମେ ରାଣୀ କୌଶଲ୍ୟାଙ୍କ ଗର୍ଭରୁ ରାମ, ରାଣୀ କୈକେୟୀଙ୍କ ଗର୍ଭରୁ ଭରତ ଏବଂ ସୁମିତ୍ରାଙ୍କ ଗର୍ଭରେ ଲକ୍ଷ୍ମଣ ଓ ଶତୃଘ୍ନ ଜନ୍ମ ନେଲେ। ପୁରାଣ କହେ, ରାକ୍ଷାସ ରୂପି ରାବଣ ଦେବଗଣଙ୍କୁ ଅତ୍ୟାଚାର କରୁଥିଲା ଏବଂ ରାବଣର ମୃତ୍ୟୁ ମାନବାତାର ରାମଙ୍କ ଦ୍ୱାରା ନିଶ୍ଚିତ ଥିଲା। ତେଣୁ ରାବଣ ବଦ୍ଧ ନିମନ୍ତେ ମର୍ତ୍ତ୍ୟରେ ମାନବ ଅବତାର ଧାରଣ କରିବାକୁ



ଭଗବାନ ବିଷ୍ଣୁ ଇଚ୍ଛା ପ୍ରକଟ କରନେତ୍ ତାଙ୍କରି ଅଂଶରୁ ଭଗବାନଙ୍କ ଗୁଣ ସମ୍ପନ୍ନ ଚାରିପୁଅ ଦଶରଥଙ୍କ କୋଳରେ ଜନ୍ମ ଗ୍ରହଣ କରିଥିଲେ। ସମୟ କ୍ରମେ ଚାରିପୁଅ ଶାସ୍ତ୍ର ବିଦ୍ୟା ଅଧ୍ୟୟନ ସହ ଶାସ୍ତ୍ର ବିଦ୍ୟାରେ ନିପୁଣତା ହାସଲ କଲେ। ରାମଙ୍କୁ ହୋଇଥାଏ ୧୬ ବର୍ଷ ବୟସ। ଋଷି ବିଶ୍ୱାମିତ୍ର ଦିନେ ରାଜା ଦଶରଥଙ୍କ ଦରବାରକୁ ଆସିଲେ। ବଣରେ ଯଜ୍ଞ ନଷ୍ଟ କରୁଥିବା ଅସୁର ଗଣଙ୍କୁ ନିପାତ କରିବା ପାଇଁ ସହାୟତା ସ୍ୱରୂପ ସେ ରାଜା ଦଶରଥଙ୍କୁ ପୁତ୍ର ରାମଙ୍କୁ ମାଗିଲେ। ଭ୍ରାତା ଲକ୍ଷ୍ମଣ ରାମଙ୍କୁ ଅନୁସରଣ କରିବାକୁ ଇଚ୍ଛା ପ୍ରକଟ କରନ୍ତେ ରାଜାଙ୍କ ସମ୍ମତି କ୍ରମେ ଋଷି ରାମ ଓ ଲକ୍ଷ୍ମଣଙ୍କୁ ଧରି ବଣକୁ ଚାଲିଲେ। ସମୟ କ୍ରମେ ରାମ ଓ ଲକ୍ଷ୍ମଣ ଋଷି ମିଶ୍ୱାମିତ୍ରଙ୍କଠାରୁ ବହୁ ଶସ୍ତ୍ର ବିଦ୍ୟା ସହିତ ବିଭିନ୍ନ ଦୈବୀ ଅସ୍ତ୍ର ମଧ ଲାଭ କଲେ ଓ ଋଷିଙ୍କ ହୋମରେ ବିଘ୍ନ ସୃଷ୍ଟି କରୁଥିବା ତାଡକା ଅସୁରୁଣୀ ସହିତ ଅନ୍ୟାନ୍ୟ ଅସୁରମାନଙ୍କୁ ବଦ୍ଧ କଲେ।

# ଗରିବରୁ ହେଲେ ଧନୀ

ଗରିବ ଚାଷୀ ପରିବାରରେ ଜନ୍ମ ହୋଇଥିଲା ତାଙ୍କର। ମାତ୍ର ନିଜର ଦୃଢ଼ଇଚ୍ଛା ଶକ୍ତି ଓ ପରିଶ୍ରମ ବଳରେ ସେ ଆଜି ପାଇଛନ୍ତି ସଫଳତା। କୌଣସି ଡିଗ୍ରୀ ନଥାଇ ମଧ ସେ ଆଜି ସଫଳ ଉଦେଷ୍ୟାଗପତି। ପ୍ରତିଷ୍ଠା କରିଛନ୍ତି ଏୟାରଲାଇନ କମ୍ପାନୀ। ଯାହାଦ୍ୱାରା ତାଙ୍କ ଅଞ୍ଚଳରେ ଜମୁଛି ପର୍ଯ୍ୟଷ୍ୟଟକଙ୍କ ଭିଡ। ଏହି ଉଦେଷ୍ୟାଗପତି ଜଣକ ହେଉଛନ୍ତି ବୁଦ୍ଧିପ୍ରକାଶ ଠାକୁର। ହିମାଚଳ ପ୍ରଦେଶ କୁଲୁ ଜିଲ୍ଲାର ଖାକନାଲ ଗ୍ରାମରେ ଏକ ଚାଷୀ ପରିବାରରେ ଜନ୍ମ ହୋଇଥିଲା ବୁଦ୍ଧି ପ୍ରକାଶଙ୍କର। ତାଙ୍କ ବାପା ନିଜ ଅଧିନରେ ଥିବା କିଛି ଜମି ଚାଷ କରି ପରିବାର ପ୍ରତିପୋଷଣ କରୁଥିଲେ। ନିଜେ ଅଶିକ୍ଷିତ ହେଲେ ମଧ ପିଲାମାନଙ୍କୁ ପାଠପଢାର ସୁଯୋଗ ଦେଇଥିଲେ ତାଙ୍କ ବାପା। ଯାହାଦ୍ୱାରା ବୁଦ୍ଧି ପ୍ରକାଶ ଓ ତାଙ୍କ ଦୁଇ ଭାଇ ଗ୍ରାମର ଏକ ସରକାରୀ ସ୍କୁଲରେ ପାଠପଢୁଥିଲେ। ପାଠପଢା ସହ ମଧ ବୁଦ୍ଧି ପ୍ରକାଶ ତାଙ୍କ ବାପାଙ୍କୁ ଚାଷ କାର୍ଯ୍ୟଷ୍ୟରେ ସାହାଯଷ୍ୟ କରୁଥିଲେ। ସ୍କୁଲ ଶେଷ କରିବା ପରେ ବୁଦ୍ଧି ଉଚ୍ଚ ଶିକ୍ଷା ପାଇଁ ଚାଲିଯାଇଥିଲେ ଚଣ୍ଡିଗଡ। ସେଠାରେ ଯୁକ୍ତ ଦୁଇ ଶେଷ କରିବା ପରେ ଚଣ୍ଡିଗଡ ବିଶ୍ୱବିଦଷ୍ୟାଳୟରେ ସ୍ନାତକରେ ନାମ ଲେଖାଇଥିଲେ। ନାମ ସିନା ଲେଖାଇଦେଲେ କିନ୍ତୁ ପଢା ଶେଷ କରିପାରିଲେ ନାହିଁ। ପରିବାରର ଆର୍ଥିକ ଅବସ୍ଥା ତାଙ୍କୁ ଆଗକୁ ପଢିବା ପାଇଁ ଦେଇନଥିଲା ଏବଂ ସେ ଫେରି ଆସିଥିଲେ ଗ୍ରାମକୁ। ବାପାଙ୍କ ସହ ମିଶି ଆରମ୍ଭ କଲେ ସେଓ ଚାଷ। ଯାହାକି ଧୀରେ ଧୀରେ କରି ବୃଦ୍ଧି ପାଇଥିଲା। ନିଜ ଅଞ୍ଚଳ ବଷ୍ୟତୀତ ଅନଷ୍ୟ ରାଜଷ୍ୟରେ ବିକ୍ରି କରିବା ଆରମ୍ଭ କରିଥିଲେ ସେମାନେ। ଯାହାଦ୍ୱାରା ପରିବାରର ଆର୍ଥିକ ଅବସ୍ଥାରେ କିଛିମାତ୍ରାରେ ସୁଧାର ଆସିଥିଲା। ମନାଲିଠାରୁ ମାତ୍ର ୯କିଲୋମିଟର ଦୂରରେ ଥିବା ତାଙ୍କ ଗ୍ରାମକୁ ଭ୍ରମଣ ଋତୁରେ ଅନେକ ସଂଖଷ୍ୟାରେ ପର୍ଯଷ୍ୟଟକଙ୍କ ଭିଡ ଲାଗିଥାଏ। ବର୍ଷକୁ ବର୍ଷ ପର୍ଯଷ୍ୟଟକଙ୍କ ବର୍ଦ୍ଧିତ ସଂଖଷ୍ୟାକୁ ଦୃଷ୍ଟିରେ ରଖି ବୁଦ୍ଧିପ୍ରକାଶ ଓ ତାଙ୍କ ବାପା ନିଜ ଗ୍ରାମରେ ଏକ ପାଞ୍ଚ ରୁମ ବିଶିଷ୍ଟ ଯାତ୍ରୀ ନିବାସ ନିର୍ମାଣ କରିଥିଲେ। ଏହାର ପ୍ରାୟ ୬ବର୍ଷ ପରେ ତାଙ୍କର ଏହି ଯାତ୍ରୀ ନିବାସ ସାର୍ଥକ ରିସୋର୍ଟରେ ପରିବର୍ତ୍ତିତ ହୋଇଥିଲା। ୫ଟି ରୁମ ବଦଳରେ ୬୫ଟି ରୁମ ରହିଲା। ରିସୋର୍ଟ ଭଲ ଚାଲିବା ସହ ତାଙ୍କ ପରିବାରର ଆର୍ଥିକ ଅବସ୍ଥାରେ ମଧ ବହୁ ସୁଧାର ଆସିଥିଲା। ଧୀରେ ଧୀରେ କରି ବୁଦ୍ଧିପ୍ରକାଶ ମନାଲି ର ପ୍ରତି ଅଞ୍ଚଳରେ ଜଣେ ସମ୍ମାନସ୍ପଦ ହୋଟେଲ ମାଲିକ ଭାବେ ପରିଚିତ ହୋଇଗଲେ। ବିଭିନ୍ନ ଟୁରିଜିମ କମ୍ପାନୀ ମାନଙ୍କ ସହ କାର୍ଯଷ୍ୟ କରିବାର କିଛିବର୍ଷ ପରେ ସେ ହିମାଳୟ ହଲିଡେଜ ନାମରେ ନିଜର ଏକ କମ୍ପାନୀ ଆରମ୍ଭ କରିଥିଲେ। ଏହି କମ୍ପାନୀ ପର୍ଯଷ୍ୟଟକ ମାନଙ୍କୁ ସେମାନଙ୍କୁ ଇଚ୍ଛା ଓ ବଜେଟ ଅନୁଯାୟୀ ସ୍ଥାନକୁ ବୁଲାଇନେଲା। ମାତ୍ର ଏତିକିରେ ତାଙ୍କ ମନଭରି ନଥିଲା। ସେ ଚାହୁଁଥିଲେ କି ଅଧିକରୁ ଅଧିକ ପର୍ଯଷ୍ୟଟକ ମନାଲି ଆସିବା ସହ ତାଙ୍କ ଗ୍ରାମକୁ ମଧ ଆସନ୍ତୁ। କିନ୍ତୁ ଏଥିରେ ବାଧା ସାଜୁଥିଲା ଗମନାଗମନ। ମନାଲିକୁ ସିଧାସଳଖ ଟ୍ରେନ କିମ୍ବା ବିମାନ ଯାଉନଥିଲା ଏବଂ ବସରେ ଯିବା ପର୍ଯଷ୍ୟଟକଙ୍କ ପାଇଁ ବିପଦଜ୍ଜନକ ହେଉଥିଲା। ଏହି ଅସୁବିଧା ସବୁକୁ ଦୂର କରିବା ପାଇଁ ବୁଦ୍ଧିପ୍ରକାଶ ହିମାଳୟ ହଲିଡେଜ କମ୍ପାନୀ ଅଧିନରେ



ଆରମ୍ଭ କଲେ ଏୟାର ହିମାଳୟ ନାମରେ କମ୍ପାନୀ। ନିଜ ସଞ୍ଚିତ ଅର୍ଥ ଓ ବଷ୍ୟାଙ୍କରୁ ଋଣ କରି ନିଜ ଅଞ୍ଚଳରେ ପ୍ରତିଷ୍ଠା କଲେ ଏହି ପ୍ରଥମ ଘରୋଇ ବିମାନ ଚଳାଚଳ କମ୍ପାନୀ। ୨୦୧୪ ଅପ୍ରେଲରେ ଅନଷ୍ୟ ଏକ କମ୍ପାନୀ ଠାରୁ ୯ଟି ସିଟ ଥିବା ଏକ ବିମାନ ଭଡାରେ ଆଣି ଚଣ୍ଡିଗଡ ଠାରୁ କୁଲୁ ରୁଟରେ ଚଳାଇଥିଲେ। ପର୍ଯଷ୍ୟଟକଙ୍କ ଭିଡକୁ ଲକ୍ଷଷ୍ୟ କରି ବିମାନକୁ ଦିନରେ ଦୁଇରୁ ତିନି ଥର ଚଳାଯାଇଥିଲା। କିନ୍ତୁ ୨୦୧୫ ବୁଦ୍ଧିପ୍ରକାଶଙ୍କ ପାଇଁ ଖରାପ ସମୟ ଆଣିଥିଲା। କମ୍ପାନୀ ପ୍ରତିଷ୍ଠା ସମୟର ଜଣେ ସହଯୋଗୀ ହାତ ଛାଡି ଦେଇଥିବାରୁ ଏକାକୀ ବୁଦ୍ଧିଙ୍କୁ ସମସ୍ତ କାର୍ଯଷ୍ୟ ସମ୍ଭାଳିବାକୁ ପଡିଥିଲା। ଆର୍ଥିକ ସଙ୍କଟ ଯୋଗୁଁ ବଷ୍ୟବସାୟରେ ମାନ୍ଦାବସ୍ଥା ଆସିଥିଲା। ତଥାପି ମଧ ବୁଦ୍ଧି ହାର ମାନିନଥିଲେ। ତାଙ୍କର ନିଷ୍ଠା ଆଜି ବି ଏୟାର ହିମାଳୟକୁ ଭାଙ୍ଗିବାକୁ ଦେଇନାହିଁ। ବୁଦ୍ଧିପ୍ରକାଶଙ୍କ କହିବାନୁଯାୟୀ, ରାସ୍ତା କଠିନ ହୋଇଥିଲେ ମଧ ମୁଁ ମୋ ସ୍ୱପ୍ନ ପୂରଣ କରିବାରୁ ବିଚୁଷ୍ୟତି ହେବି ନାହିଁ।

# ବିହାରରେ ହେବ ବିଶ୍ୱର ସବୁଠାରୁ ବଡ଼ ମନ୍ଦିର

ପାଟନା ଖୁବଶୀଘ୍ର ବିହାରରେ ତିଆରି ହେବାକୁ ଯାଉଛି ବିଶ୍ୱର ସବୁଠାରୁ ବଡ଼ ମନ୍ଦିର। ଏଥିପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯଷ୍ୟାୟରେ ପହଞ୍ଚି ସାରିଛି। ପୂର୍ବରୁ ଏହି ମନ୍ଦିର ତିଆରି ପାଇଁ ତାରିଖ ଧାର୍ଯଷ୍ୟ ହୋଇଥିଲା ବେଳେ କାମ୍ବୋଡିଆ ସରକାରଙ୍କ ବିରୋଧ କାରଣରୁ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରାଯାଉଛି। ପାଟନାସ୍ଥିତ ମହାବୀର ମନ୍ଦିର ଟ୍ରଷ୍ଟର କିଶୋର କୁଣାଳ କହିଛନ୍ତି ଯେ ଆମେ ଏଠାରେ ଏକ ବିରାଟ ରାମାୟଣ ମନ୍ଦିର ନିର୍ମାଣର ନିଷ୍ପତ୍ତି ନେଇଛୁ। ତେବେ କାମ୍ବୋଡିଆ ସରକାର ଅଭିଯୋଗ ଆଣିଥିଲେ ଯେ ପ୍ରସ୍ତାବିତ ମନ୍ଦିରର ଢାଞ୍ଚା ତାଙ୍କ ଦେଶରେ ଥିବା ଅଙ୍ଗକୋର ବାଟ ମନ୍ଦିରର ଢାଞ୍ଚା ସହ ଦିଶୁଛି। ସେଥିପାଇଁ ଆମେ ଏବେ ମନ୍ଦିରର ଢାଞ୍ଚାରେ ପରିବର୍ତ୍ତନ କରିସାରିଛୁ। ଆସନ୍ତା ହୋଲି ପର୍ବ ପରେ ମନ୍ଦିର



ନିର୍ମାଣ କାର୍ଯଷ୍ୟ ଆରମ୍ଭ ହେବ। ପ୍ରସ୍ତାବିତ ମନ୍ଦିରଟି ପଶ୍ଚିମ ଚମ୍ପାରଣଷ୍ୟ ଜିଲାର କେସରିଆ ନିକଟ ଜାନକି ନଗରର ୧୬୫ଏକର ସ୍ଥାନରେ ତିଆରି ହେବ। ପ୍ରଥମ ପର୍ଯଷ୍ୟାୟରେ ରାମାୟଣ ମନ୍ଦିର, ଶିବ ମନ୍ଦିର ଏବଂ ମହାବୀର ମନ୍ଦିରର ନିର୍ମାଣ ହେବାକୁ ଥିବା ବେଳେ ଏବାବଦରେ ୨୦୦କୋଟି ଟଙ୍କା ଖର୍ଚ୍ଚ କରାଯିବ। ମନ୍ଦିରର ମୁଖଷ୍ୟ ଆକର୍ଷଣ ହେଉଛି ଏହାର ୪୦୫ଫୁଟ ଉଚ୍ଚ ଅଷ୍ଟଭୂଜିୟ ମିନାର। ଏହା କାମ୍ବୋଡିଆର ମନ୍ଦିରର ମିନାର ଠାରୁ ୨୧୫ଫୁଟ ଅଧିକ ଉଚ୍ଚ ହେବ। ଏଥିସହ ମନ୍ଦିର ପରିସରରେ ୪୪ଫୁଟ ଉଚ୍ଚ ଏବଂ ୩୩ଫୁଟ ଗୋଲେଇ ବିଶିଷ୍ଟ ଏକ ଶିବ ଲିଙ୍ଗ ମଧ ପ୍ରତିଷ୍ଠା କରାଯିବାର ଯୋଜନା ରହିଛି। ଯାହା ବିଶ୍ୱର ସବୁଠାରୁ ବଡ଼ ଶିବ ଲିଙ୍ଗ ହେବ।

# ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ



ଓଡିଶା ମୟୂରଭଂଜ ଜିଲ୍ଲାର ବାରିପଦା ଠାରେ ଜନ୍ମିତ ଜଣେ ସୁଶାସକ ଓ ଭାଷା ଆନ୍ଦୋଳନର ପୁରୋଧା ଥିଲା। ସେ ରାଜ୍ୟର ମଙ୍ଗଳ ତଥା ପ୍ରଜାଙ୍କ ହିତ ପାଇଁ ସର୍ବଦା ଚେଷ୍ଟିତ୍ ଥିଲେ। ଶ୍ରୀରାମଚନ୍ଦ୍ର ଜଣେ ସରଳ ଓ ଅମାୟିକ ବ୍ୟକ୍ତି ଭାବେ ପରିଚିତ ଥିଲେ। ଛାତ୍ର ବୟସରେ ସହପାଠୀଙ୍କ ସହିତ ସରଳ ଭାବରେ ମିଶୁଥିଲେ। ପାଠ ପଢୁଥିବା ସମୟରେ ସେ ଅନେକ ସ୍ଥାନ ବୁଲି ଯାଇଥିଲେ। ମାତ୍ର ରାଜବେଶ ବା ରାଜ ଢ଼ଙ୍ଗଢ଼ାଙ୍ଗରେ ସେ ଯିବାକୁ ଇଚ୍ଛା କରୁନଥିଲେ। ତାଙ୍କର ଏହି ସରଳ ପ୍ରକୃତି ଯୋଗୁଁ ସେ ସବୁଠାରେ ସମସ୍ତଙ୍କର ଅତି ପ୍ରିୟପାତ୍ର ହୋଇଥିଲେ। ପ୍ରଜା ପାଳନ ରାଜାର ଧର୍ମ ଏ କଥା ଶ୍ରୀରାମଚନ୍ଦ୍ରଙ୍କୁ ଭଲ ଭାବେ ଜଣାଥିଲା। ରାଜଦଣ୍ଡ ଧରିବା ପରେ ଶ୍ରୀରାମଚନ୍ଦ୍ର ରାଜନୀତି ଓ ଦର୍ଶନଶାସ୍ତ୍ରକୁ ଭଲକରି ପଢ଼ିବାରେ ଲାଗିଲେ। ନିଜ ରାଜ୍ୟକୁ ଏକ ଆଦର୍ଶ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ କରି ଗଢ଼ିବା ପାଇଁ ସେ ବରାବର ଚେଷ୍ଟା କରୁଥିଲେ। ଗୁଣି ଓ ଉଦାର ଲୋକଙ୍କୁ ପାଖରେ ରଖି ସୁଚାରୁ ରୂପେ ରାଜ୍ୟ ଶାସନ କରୁଥିଲେ। ଏହି ସମୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କାର୍ଯ୍ୟଶୈଳୀ ସମଗ୍ର ରାଜ୍ୟରେ ଗୁଞ୍ଜରିତ ହେଉଥିଲା। ତାଙ୍କ ଗୁଣରେ ମୁଗ୍ଧ ହୋଇ ଶ୍ରୀରାମଚନ୍ଦ୍ର ତାଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପଦରେ ନିଯୁକ୍ତି କରିଥିଲେ। ପଣ୍ଡିତ ଗୋପବନ୍ଧୁ ସେତେବେଳେ ସକଳ କାର୍ଯ୍ୟରେ ତାଙ୍କର ପରମ ସଖା ରୂପେ ପରାମର୍ଶଦାତାଥିଲେ। ଶ୍ରୀରାମଚନ୍ଦ୍ର ଓ ଗୋପବନ୍ଧୁ ମଧ୍ୟରେ ଏପରି ଘନିଷ୍ଠ ବନ୍ଧୁତା ଥିଲା ଯେ, କୌଣସି କାର୍ଯ୍ୟ କଲାବେଳେ ଶ୍ରୀରାମଚନ୍ଦ୍ର, ଗୋପବନ୍ଧୁଙ୍କ ପରାମର୍ଶ ନେଉଥିଲେ।

# ରେଷ୍ଟୁରାଣ୍ଟରେ ଦିଆଯାଉଥିଲା କୁକୁର ମାଂସ



ହାଇଦ୍ରାବାଦ ଖାସି ମାଂସ ନାମରେ କୁକୁର ମାଂସ ବିକ୍ରି କରୁଥିବା ଅଭିଯୋଗରେ ଏକ ରେଷ୍ଟୁରାଣ୍ଟ ଉପରେ ନିକଟରେ ଗ୍ରେଟର ହାଇଦ୍ରାବଦ ମୁଣ୍ଷ୍ୟନିସିପାଲ କର୍ପୋରେସନର ଅଧିକାରୀମାନେ ଚଢାଉ କରିଥିଲେ। ଏହି ରେଷ୍ଟୁରାଣ୍ଟର ମାଂସକୁ ଜବତ କରାଯାଇ ପରୀକ୍ଷା ନିମନ୍ତେ ଗବେଷଣାଗାରକୁ ପଠାଇଛନ୍ତି। ପୂର୍ବରୁ ଏଠାରେ କୁକୁର ମାଂସ ବିକ୍ରି ହେଉଥିବା ଅଭିଯୋଗ ଆସିଥିଲା ବେଳେ ସୋସିଆଲ ମିଡିଆରେ ମଧ ଏହି ଫଟୋ ଭାଇରାଲ ହୋଇଛି। ପୂର୍ବରୁ ମ୍ୟୁନିସିପାଲ କର୍ପୋରେସନ ପକ୍ଷରୁ ଏହି ରେଷ୍ଟୁରାଣ୍ଟକୁ ନୋଟିସ ପଠାଯାଇଥିଲା ବେଳେ ଏହାର ମାଲିକ ଇରଫାନ କହିଛନ୍ତି ଯେ ଆମେ କେବେ ବି କୁକୁର ମାଂସ ବିକ୍ରି କରିନାହୁଁ। ଆମ ରେଷ୍ଟୁରାଣ୍ଟର ଭାବମୂର୍ତ୍ତୀକୁ ଖରାପ କରିବା ପାଇଁ କିଛି ବିରୋଧି ଏଭଳି ଚକ୍ରାନ୍ତ କରିଛନ୍ତି।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।




# ବିଲୁପ୍ତ ହେବାରେ ଲାଗିଛି ପରବରାଣୀ ରଜର ପରମ୍ପରା



କୋଣାର୍କ (ପିଏନ୍)- ଓଡିଶାରେ ପାଳନ କରାଯାଉଥିବା ବିଭିନ୍ନ ପର୍ବ ପର୍ବାଣୀମାନଙ୍କ ମଧ୍ୟରେ ରଜପର୍ବ ଅନ୍ୟତମ । ଆମେ ପାଳନ କରୁଥିବା ସମସ୍ତ ପର୍ବ ପର୍ବାଣୀଗୁଡିକରେ ଦେବାଦେବୀମାନଙ୍କୁ ପୂଜା କରୁଥିବାବେଳେ ରଜପର୍ବ ଏହାର ଏକ ବ୍ୟତିକ୍ରମ । ଏହି ପର୍ବକୁ ମାଟିମା'ର ବିଶ୍ରାମ ପର୍ବ ବୋଲି ଆମେ ମାନିଥାଉ । ଏହି ପର୍ବ ଝିଅ ବୋହୂମାନଙ୍କର ଏକ ମୁଖ୍ୟ ପର୍ବ ହୋଇଥାଏ । ପୂର୍ବେ ରଜ ଉତ୍ସବ ସମୟରେ ଗାଁଦାଣ୍ଡରେ ପୁଅପିଲାମାନେ କବାଡି. ତାସ, ପଶା ଓ ଲୁଡୁ ଖେଳରେ ମଜିରହୁଥିବା ବେଳେ ଏହି ସମୟରେ ଝିଅବୋହୂମାନେ ନୂତନ ବସ୍ତ୍ର ପରିଧାନ କରି ତାସ, ଲୁଡୁ, ପୁଚି ଇତ୍ୟାଦି ଖେଳିବା ସହ ଗାଁ ମଧ୍ୟରେ ଥିବା ବଡ ବଡ ବୃକ୍ଷମାନଙ୍କରେ ଦୋଳି ବାନ୍ଧି ଦଳ ଦଳ ହୋଇ ରଜଗୀତ "ବନସ୍ତେ ଡାକିଲା ଗଜ, ବରଷକେ ଥରେ ଆସିଛି ରଜ ଘେନି ନୂଆ ସଜବାଜ..." ଇତ୍ୟାଦି ବିଭିନ୍ନ ରକମର ପଲ୍ଲୀଗୀତ ବୋଲିଥା'ନ୍ତି । ଓଡିଆମାନଙ୍କର ସଂସ୍କୃତି ଓ ପରମ୍ପରାର ଏକ ନିଛକ ପ୍ରତିଛବି ହେଉଛି ଏହି ରଜ ପର୍ବ । ଆଧୁନିକତାର ଛାପରେ ଧିରେ ଧିରେ ରଜ ପର୍ବର ପୂର୍ବ ପରମ୍ପରା ହଜିବାରେ ଲାଗିଛି । ଉଗ୍ର ଆଧୁନିକତାର କୁପ୍ରଭାବରେ ଓଡିଆମାନଙ୍କର ପୁରାତନ ପରମ୍ପରା ଓ ସଂସ୍କୃତି ଜନମାନସରୁ ବିଲୁପ୍ତ ହେବାରେ ଲାଗିଛି । ଆଜିର ମାନବ ଆଧୁନିକ ସଂସ୍କୃତିକୁ ଆପଣେଇ ନେଉଥିବାରୁ ଉତ୍କଳବାସୀଙ୍କ ୧୨ମାସରେ ହେଉଥିବା ୧୩ ପର୍ବର ପୂର୍ବ ଉତ୍ସାହ ଆଉ ଦେଖିବାକୁ ମିଳୁନାହିଁ । ଓଡିଆମାନଙ୍କର ମୁଖ୍ୟ ଆକର୍ଷଣର ପର୍ବ, ପରବରାଣୀ ରଜ ଉତ୍ସବର ପୂର୍ବ ମହକ ଆଉ ନଥିବା ପରି ମନେହେଉଛି । ଓଡିଆମାନେ ଏହି ପର୍ବକୁ ଉତ୍ସାହ ଉଦ୍ଦୀପନାର ସହ ଚାରିଦିନ ଧରି ପାଳନ କରିଥାନ୍ତି । ଆଷାଢ ମାସର ସଂକ୍ରାନ୍ତି ଆଗ ଦିନଠାରୁ ରଜପର୍ବ ପାଳନ କରାଯାଇଥାଏ । ପ୍ରଥମ ଦିବସକୁ ପହିଲି ରଜ, ଦ୍ୱିତୀୟ ଦିବସକୁ ରଜସଂକ୍ରାନ୍ତି, ତୃତୀୟ ଦିବସକୁ ଭୂମିଦହନ ଦିବସ ଓ ଚତୁର୍ଥ ଦିବସକୁ ବସୁମତୀ ସ୍ନାନ ବା ଠାକୁରାଣୀ ଗାଧୁଆ ଦିବସ ଭାବରେ ପାଳନ କରାଯାଇଥାଏ । ଏହି ସମୟରେ ଘରେ ଘରେ ବିଭିନ୍ନ ପ୍ରକାର ପୋଡପିଠା ଓ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ ହେବାସହ ଖେଳକୁଦରେ ପୁରପଲ୍ଲୀରେ ଆନନ୍ଦର ଲହରୀ ଖେଳି ଉଠୁଥିଲା । ୨୦୦୦ରୁ ୨୦୨୦ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ କୋଣାର୍କର ଅଧିଷ୍ଠାତ୍ରୀ ଦେବୀ ମା' ଭଗବତୀଙ୍କ ପୀଠରେ ଜୁନ ମାସ ୧୪ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପୀ ଧୁମଧାମରେ ଆୟୋଜକ ଅନୁଷ୍ଠାନ ଅର୍କଶ୍ରୀ ପକ୍ଷରୁ ପାଳିତ ହୋଇ ଆସୁଥିଲା ରଜଉତ୍ସବ । କିନ୍ତୁ ଗତ ଦୁଇବର୍ଷ ମହାମାରୀ କରୋନା ପାଇଁ ରଜ ଉତ୍ସବ ମା' ଭଗବତୀଙ୍କ ପୀଠରେ ପାଳିତ ହୋଇପାରି ନ ଥିବା ବେଳେ କେବଳ ପରମ୍ପରା ରକ୍ଷା ନିମନ୍ତେ ଅର୍କଶ୍ରୀ ଶିଳ୍ପୀ ବାଟିକା ପରିସରରେ ସ୍ୱଳ୍ପ ସଂଖ୍ୟକ ଲୋକଙ୍କୁ ନେଇ ପାଳନ କରାଯାଇଥିଲା ।





# ପଞ୍ଚସାଗର ଶକ୍ତିପୀଠ, ବାରଣାସୀ



ପଞ୍ଚସାଗର ଶକ୍ତିପୀଠ ହିନ୍ଦୁ ମାନଙ୍କ ପାଇଁ ପ୍ରମୁଖ ଧାର୍ମିକ ସ୍ଥଳ ମଧ୍ୟରେ ଗୋଟିଏ। ଏହି ଶକ୍ତିପୀଠ ଉତ୍ତରପ୍ରଦେଶ ରାଜ୍ୟର ବାରଣାସୀ ରେ ଅବସ୍ଥିତ। ପଞ୍ଚସାଗର ମନ୍ଦିରରେ ମାତା ସତୀଙ୍କୁ ବରାହୀ ରୂପରେ ପୂଜା କରାଯାଏ। ହିନ୍ଦୁ ଧର୍ମରେ ବରାହୀ ମାତାଙ୍କୁ ତିନି ଶ୍ରେଣୀରେ ପୂଜା କରାଯାଏ, ଶକ୍ତିସ୍ତୁ(ଦେବୀଙ୍କୁ ପୂଜା କରାଯାଏ), ଶୈବୀସ୍ତୁ(ଭଗବାନ ଶିବଙ୍କୁ ପୂଜା କରାଯାଏ) ଓ ବୈଷ୍ଣବୀସ୍ତୁ(ଭଗବାନ ବିଷ୍ଣୁଙ୍କର ପୂଜା କାଯାଏ।




ପଞ୍ଚସାଗର ମନ୍ଦିରର ବାସ୍ତୁକଳା ଖୁବ୍ ସୁନ୍ଦର ଓ ମନୋରମ। ମନ୍ଦିରରେ ଉପଯୋଗ ହୋଇଥିବା ପଥର ଗୁଡ଼ିକ ବାସ୍ତବରେ ଅନ୍ୟ ଅପେକ୍ଷା ସ୍ୱତନ୍ତ୍ର। ଏହି ପଥର ଗୁଡ଼ିକ ସୂର୍ଯ୍ୟ କିରଣରେ ଚମକ ସୃଷ୍ଟି କରେ। ଏହି ମନ୍ଦିରର ମୁଖ୍ୟ ବିଶେଷତା ହେଲା ଯେ, ଏହି ମନ୍ଦିର କେବଳ ସକାଳ ବେଳା ମାତ୍ର ଦୁଇଘଣ୍ଟା ପାଇଁ ଖୋଲାରୁହେ। ବାକି ପୂରାଦିନ ବନ୍ଦ ରୁହେ। କୁହାଯାଏ ଯେ, ରାତିରେ ମାତା ବରାହୀ ବାରଣାସୀକୁ ସୁରକ୍ଷା ଦିଅନ୍ତି।

ପୌରାଣିକ କଥା ଅନୁସାରେ ଦେବୀ ବରାହୀ ଶବ୍ଦକୁ ଶକ୍ତି ରୂପରେ ପୂଜା କରାଯାଏ। ସେହିପରି ବରାହୀ ଶବ୍ଦ ଭଗବାନ ବିଷ୍ଣୁଙ୍କ ବରାହ ଅବତାରରୁ ସୃଷ୍ଟି ହୋଇଛି। ଏହି ମନ୍ଦିର ମାତା ସତୀଙ୍କ ଶକ୍ତିପୀଠ ମାନଙ୍କ ମଧ୍ୟରେ ଅନ୍ୟତମ। ଏହି ମନ୍ଦିରରେ ଶକ୍ତିଙ୍କୁ "ବରାହୀ" ରୂପରେ ପୂଜା କରାଯାଏ ଓ ଭଗବାନ ଶିବଙ୍କୁ "ମହାରୁଦ୍ର" ରୂପରେ ପୂଜା କରାଯାଏ। "ମହାରୁଦ୍ର"ର ଅର୍ଥ ପ୍ରଚଣ୍ଡ ରାଗିବାର ଅବତାର।



ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ବ୍ରହ୍ମାଣ୍ଡ ସରଂଚନା ପାଇଁ ଭଗବାନ ବ୍ରହ୍ମା, ଭଗବାନ ମହାଦେବ ଓ ଭଗବାନ ବିଷ୍ଣୁ ତାଙ୍କର ତଥାକଥିତ ମାତା ଆଦିଶକ୍ତିଙ୍କୁ ସନ୍ତୁଷ୍ଟି ପାଇଁ ଏକ ଯଜ୍ଞର ଆୟୋଜନ କଲେ। ମା'ଶକ୍ତି ମଧ୍ୟ ଏଥିରେ ବ୍ରହ୍ମାଙ୍କୁ ସହଯୋଗ ଦେଲେ। ତେବେ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ପିତାଙ୍କ ନିର୍ଦ୍ଦେଶରେ ମା' ଶକ୍ତିଙ୍କୁ ନିଜର ଝିଅ ରୂପରେ ପାଇବାକୁ ବିଭିନ୍ନ ଯଜ୍ଞ ଆଦି ଉପାସନା କଲେ। ଶେଷରେ ମା'ଶକ୍ତି ମାନବ ରୂପରେ ଜନ୍ମ ନେଲେ। ଏହା ପଛରେ ବ୍ରହ୍ମାଙ୍କର ଉଦ୍ଦେଶ୍ୟ ଥିଲା ଯେ, ଭଗବାନ ଶିବଙ୍କ ସହ ଶକ୍ତିଙ୍କର ମିଶ୍ରଣ କରାଇ ସୃଷ୍ଟି ସଂରଚନା କରିବା ପାଇଁ। ସେଥିପାଇଁ ସେ ତାଙ୍କର ନାମକରଣ କରିଥିଲେ ସତୀ। ମାତ୍ର କୌଣସି ପ୍ରକାର ମାତା ସତୀଙ୍କୁ ଶିବ ବିବାହ କରି କୈଳାଶ ପର୍ବତ ନେଇଗଲେ। ଏହା ଜାଣିପାରି ଦକ୍ଷଙ୍କ ରାଗ ଚରମ ସୀମାରେ ପହଂଚିଗଲା। ଶିବଙ୍କୁ ସବୁ ଦେବୀ ଦେବତାଙ୍କ ସାମ୍ନାରେ ଅପମାନିତ କରିବା ପାଇଁ ଦକ୍ଷ ମୁନିମଣ୍ଡଳ ଠାରେ ଏକ ଯଜ୍ଞର ଆୟୋଜନ କଲେ। ଝିଅ ସତୀ ଓ ଜ୍ୱାଇଁ ଶିବଙ୍କୁ ନିମନ୍ତ୍ରଣ କଲେ ନାହିଁ। ଏଥିରେ ନିଜକୁ ଅପମାନିତ ବୋଧ କରି ସତୀ ସ୍ୱଂୟ ବାପାଙ୍କ ଯଜ୍ଞ ସ୍ଥଳରେ ପହଂଚି ଯାହା ଦେଖିଲେ ଆଖିକୁ ବିଶ୍ୱାସ କଲେ ନାହିଁ। ବାପା ଦକ୍ଷ କିଛି ଆଦର ଗଉର ନକରି ଝିଅ ଜ୍ୱାଇଁଙ୍କୁ ଅପମାନ ସୂଚକ ଶବ୍ଦ ସବୁ ଶୁଣାଇଲେ। ସେହିକ୍ଷଣି ବାପାଙ୍କ ଅପମାନକୁ ସହ୍ୟ କରି ନପାରି ମାତା ସତୀ ଅଗ୍ନି କୁଣ୍ଡରେ ଆତ୍ମଦାହ କଲେ। ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସେଠାରେ ପହଞ୍ଚିଲେ ଓ ଗଭୀର ଦୁଃଖରେ ସତୀଙ୍କ ମର ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ। ଏହାଦ୍ୱାରା ସାରା ବ୍ରହ୍ମାଣ୍ଡ ପ୍ରକମ୍ପିତ ହୋଇ ଉଠିଲା। ସବୁଆଡ଼େ ଚାଲିଲା ଧ୍ୱଂସଲୀଳା। ଦେବ ଦେବୀ ମାନେ ଏହାର ସମାଧାନ ବା ଭଗବାନ ଶିବଙ୍କ କ୍ରୋଧକୁ ଶାନ୍ତ କରିବା ପାଇଁ କିଛି ଉପାୟ ବାହାର କରିବାକୁ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଧ୍ୱଂସଲୀଳା ବନ୍ଦ କରି ବ୍ରହ୍ମାଣ୍ଡରେ ଶାନ୍ତି ସ୍ଥାପନ ପାଇଁ ଭଗବାନ ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ। ଭଗବାନ ବିଷ୍ଣୁ ଅନୁଭବ କଲେ ଯେ, ଯେପର୍ଯ୍ୟନ୍ତ ଭଗବାନ ଶିବଙ୍କ ହସ୍ତରୁ ମାତା ସତୀଙ୍କ ମର ଶରୀର ଅଲଗା ହୋଇନାହିଁ, ସେପର୍ଯ୍ୟନ୍ତ ଭଗବାନ ଶିବ ଶାନ୍ତ ହେବେ ନାହିଁ କି ବ୍ରହ୍ମାଣ୍ଡ ଧ୍ୱଂସାଭିମୁଖରୁ ବର୍ତ୍ତିବ ନାହିଁ। ଏଣୁ ବ୍ରହ୍ମାଣ୍ଡ ରକ୍ଷା ପାଇଁ ସଙ୍ଗେସଙ୍ଗେ ଭଗବାନ ଶିବ ଧରିଥିବା ମାତା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆଡ଼ୁ ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ।


କିଛିକ୍ଷଣ ମଧ୍ୟରେ ସୁଦର୍ଶନ ଚକ୍ର ମା'ସତୀଙ୍କ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଲା ଓ ମା'ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ଅନେକ ସ୍ଥାନରେ ବିକ୍ଷିପ୍ତହେଇ ପଡ଼ିଲା। ଦୁଃଖରେ ମ୍ରିୟମାଣ ଭଗବାନ ଶିବ ସତୀଙ୍କ ବିଖଣ୍ଡିତ ଅଙ୍ଗ ଖୋଜିବା ଆରମ୍ଭ କଲେ। ଏଥିରେ ସହାୟତା କଲେ ଭଗବାନ ଭୈରବ। ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସମେତ ସମସ୍ତ ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡ ଗୁଡ଼ିକୁ ସୁରକ୍ଷା ଦେବାକୁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା। ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ।



ତେବେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ ମାନଙ୍କ ମଧ୍ୟରେ ଉତ୍ତରପ୍ରଦେଶର ବାରଣାସୀରେ ମାତା "ବରାହୀ" ଦେବୀଙ୍କ ଶକ୍ତିପୀଠ ଅନ୍ୟତମ। ଧାର୍ମିକ ଗ୍ରନ୍ଥ ଅନୁସାରେ ଏଠାକାର ଯେଉଁ ସ୍ଥାନରେ ମାତା ସତୀଙ୍କର "ବରାହୀ"ଦେବୀଙ୍କ ଶକ୍ତିପୀଠ ରହିଛି, ସେଠାରେ ମାତା ସତୀଙ୍କର 'ତଳଦାନ୍ତ ଖଣ୍ଡ' ପଡ଼ିଥିଲା।

ପଞ୍ଚସାଗର ଶକ୍ତିପୀଠରେ ସବୁ ପର୍ବପର୍ବାଣୀ ଆନନ୍ଦ-ଉଲ୍ଲାସର ସହ ପାଳିତ ହୁଏ। ବିଶେଷ କରି ଶିବରାତ୍ରୀ, ଦୁର୍ଗାପୂଜା ଓ ନବରାତ୍ର ଉତ୍ସବ ସମୟରେ ମାତାଙ୍କର ସ୍ୱତନ୍ତ୍ର ପୂଜା ଆୟୋଜନ ହୋଇଥାଏ। ପର୍ବ ଦିନ ମନ୍ଦିରକୁ ଫୁଲ ଓ ଆଲୋକ ମାଳାରେ ସଜାଯାଏ। ବର୍ଷର ସବୁ ସମୟରେ ମାତା "ବରାହୀ"ଦେବୀଙ୍କ ମନ୍ଦିରରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ। ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ।


**ଶରତ କୁମାର ରାଉତ, ଭୁବନେଶ୍ୱର, ମୋ: ୯୩୩୭୬୭୬୯୪୮**




# ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଂଘର ବିଶ୍ୱ ପରିବେଶ ଦିବସ ପାଳନ

ଭୁବନେଶ୍ୱର (ପିଏନ୍): ଆମ ସମସ୍ତଙ୍କ ପାଇଁ ଗୋଟିଏ ମାତ୍ର ପୃଥିବୀ ରହିଛି। ତେଣୁ ଏହାର ସର୍ବାନ୍ତକରଣରେ ଯତ୍ନ ନେଲେ ହିଁ ଆମେ ଏହା ପୃଷ୍ଠରେ ସୁନ୍ଦର ଜୀବନଯାପନ କରିପାରିବା ବୋଲି ଭୁବନେଶ୍ୱରସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ପ୍ରତିଷ୍ଠାନ (ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ)ର ପ୍ରଧାନ ବୈଜ୍ଞାନିକ ଡକ୍ଟର ପ୍ରମୋଦ କୁମାର ପଣ୍ଡା ମତବ୍ୟକ୍ତ କରିଛନ୍ତି। ଉତ୍କଳ ବିଶ୍ୱବିଦ୍ୟାଳୟ ପୁରାତନ ଛାତ୍ରସଙ୍ଘ ଓ ବିଶ୍ୱବିଦ୍ୟାଳୟ ଆଲୁମ୍ନୀ କନେକ୍ଟର ମିଳିତ ଆନୁକୂଲ୍ୟରେ 'ବିଶ୍ୱ ପରିବେଶ ଦିବସ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡକ୍ଟର ପଣ୍ଡା ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଓ ତାପମାତ୍ରା ବୃଦ୍ଧି, ଏହାର କାରଣ, ବିଶେଷ କରି ମାନବ ସମାଜର ଏଥିପ୍ରତି ଅବଦାନ, ଜୀବଜଗତ ଉପରେ ଏହାର ସୁଦୂରପ୍ରସାରୀ ଧ୍ୱଂସାତ୍ମକ ପ୍ରଭାବ ଓ ଏହାର ନିରାକରଣ ସମ୍ପର୍କରେ ସେ ଏକ ତଥ୍ୟମୂଳକ ବିଚାର ଉପସ୍ଥାପିତ କରିଥିଲେ। ଆଭାସୀ ମାଧ୍ୟମରେ ଛାତ୍ରସଂଘର ସଭାପତି ବିଜୟ କୁମାର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ ତାଙ୍କର ବକ୍ତବ୍ୟରେ କହିଥିଲେ ଜଳବାୟୁ ପରିବର୍ତ୍ତନ ଏକ ବିଶ୍ୱସ୍ତରୀୟ ପରିସ୍ଥିତି। ଏଥିପାଇଁ ପ୍ରାକୃତିକ ତଥା ମାନବକୃତ କାର୍ଯ୍ୟକଳାପ ଦାୟୀ। ତେଣୁ ଯେଉଁ ମାନବୀୟ କାର୍ଯ୍ୟକଳାପ ଏହାକୁ ନକାରାତ୍ମକ ଭାବରେ ପ୍ରଭାବିତ କରୁଛି ତାକୁ ନିୟନ୍ତ୍ରିତ କରିବାକୁ ହେବ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଛାତ୍ରସଂଘର ଯୁଗ୍ମ ସମ୍ପାଦକ ରଘୁନାଥ ପୃଷ୍ଟି ବିଶ୍ୱ ପରିବେଶ ଦିବସର ମହତ୍ତ୍ୱ ସମ୍ପର୍କରେ ସମ୍ୟକ ଆଲୋକପାତ କରିବା ସହିତ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଛାତ୍ରସଂଘର ସାଧାରଣ ସମ୍ପାଦକ ତଥା ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଅଶୋକ ଦାସ ତାଙ୍କ ବକ୍ତବ୍ୟରେ ସାମ୍ପ୍ରତିକ ପରିପ୍ରେକ୍ଷୀରେ ବିଶ୍ୱ ପରିବେଶର ଏକ ଚିତ୍ର ପ୍ରଦାନ କରିବା ସହିତ ବିଶ୍ୱତାପମାତ୍ରା ବୃଦ୍ଧିର କାରଣ ଆଲୋଚନା କରି ଏହାକୁ ନିୟନ୍ତ୍ରିତ କରିବା ପାଇଁ ବିଜ୍ଞାନସମ୍ମତ ଉପାୟ ଓ ଜନ ସମୁଦାୟର ମିଳିତ ପ୍ରୟାସର ଆବଶ୍ୟକତା ଅଛି ବୋଲି ଦୃଢୋକ୍ତି ରଖିଥିଲେ। ଛାତ୍ରସଂଘର ସଭାପତି ଶ୍ରୀ ବିଜୟ କୁମାର ପଟ୍ଟନାୟକ ତାଙ୍କର ସଭାପତି ଅଭିଭାଷଣରେ ବକ୍ତାମାନେ ପରିବେଶ ସମ୍ପର୍କିତ ଯେଉଁ ତଥ୍ୟ ଓ ମତ ରଖିଥିଲେ ତା'ର ବିଶ୍ଲେଷଣ କରିବା ପରିପ୍ରେକ୍ଷୀରେ ପ୍ରକୃତି ସହିତ ସଂହତି ରକ୍ଷା କରି ଏକ ସନ୍ତୁଳିତ ଜୀବନଚର୍ଯାକୁ ଆପଣାଇ ନେବା ଉଚିତ ବୋଲି ମତ ପୋଷଣ କରିଥିଲେ। ଛାତ୍ରସଂଘର କାର୍ଯ୍ୟନିର୍ବାହୀ ସମିତି ସଦସ୍ୟ ଡକ୍ଟର ପ୍ରଦୀପ କୁମାର ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଛାତ୍ରସଂଘର ଯୁଗ୍ମ କୋଷାଧ୍ୟକ୍ଷ ଡକ୍ଟର ବୀରକିଶୋର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ରସଂଘ ତରଫରୁ ରମାଶଙ୍କର ପଟ୍ଟନାୟକ, ରାଧାକାନ୍ତ ପାଣି, ନିତ୍ୟାନନ୍ଦ ଦାସ, ତପନ ଜେନା, ଦିଲୀପ ମିଶ୍ର, ତନ୍ମୟ ସ୍ୱାଇଁ, ରମେଶ ଦାଶ, ସନ୍ତୋଷ କୁମାର ମହାପାତ୍ର, ହରେକୃଷ୍ଣ ଶିଆଳ, ସନ୍ତୋଷ ସେଠୀ ତଥା ବିଶ୍ୱବିଦ୍ୟାଳୟ ତରଫରୁ ପ୍ରଫେସର ଭାସ୍ୱତୀ ପଟ୍ଟନାୟକ, ପ୍ରଫେସର ସ୍ମିତା ନାୟକ, ଡକ୍ଟର ଗୁଣନିଧି ସାହୁ, ଡକ୍ଟର ଅନସୂୟା ନାଥ, ଡକ୍ଟର ଆଶିଷ ଚନ୍ଦ୍ର ପାଠୀ, ରାକେଶ ଚନ୍ଦ୍ର ନାୟକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏତଦବ୍ୟତୀତ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଶିବ ପ୍ରସାଦ ଅଧିକାରୀ, ସେବାନିବୃତ୍ତ ପ୍ରଫେସର ଶ୍ରୀନିବାସ ପାଠୀଙ୍କ ସହିତ ଅନେକ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ସକ୍ରିୟ ଭାଗ ନେଇଥିଲେ।

# କୋଣାର୍କରେ ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



କୋଣାର୍କ (ପିଏନ୍)-ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପୁଣି ଥରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରାଙ୍କ ଉପରେ ଆସ୍ଥା ପ୍ରକଟ କରିଛନ୍ତି । ଦ୍ୱିତୀୟ ଥରେ ପାଇଁ ତାଙ୍କୁ ଓଡିଶା ସରକାରରେ ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, କ୍ରୀଡା, ଯୁବ ବ୍ୟାପାର ଗୃହରାଷ୍ଟ୍ରମନ୍ତ୍ରୀ ଭାବେ ଦାୟିତ୍ୱ ଅର୍ପଣ କରାଯାଇଛି । ଏହି ଖବର ପ୍ରଚାରିତ ହେବାପରେ ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ କୋଣାର୍କବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା କୋଣାର୍କ ଗସ୍ତରେ ଆସିଥିବା ଅବସରରେ ଚନ୍ଦ୍ରଭାଗାଠାରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏହି ଅବସରରେ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ଚନ୍ଦ୍ରଭାଗାଠାରେ ଅବସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲୋ । ଏହି କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧିନ କୁମାର ନାୟକ, କୋଣାର୍କ ଏନଏସି ଅଧ୍ୟକ୍ଷା ସୁଶ୍ରୀ ସଂଯୁକ୍ତା ତ୍ରିପାଠୀ, କୋଣାର୍କ ଏନଏସି ବିଜେଡି ସଭାପତି ଗୋପାଳଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ବିଜେଡି କର୍ମୀ ପୁଷ୍ପଗୁଚ୍ଛ ଦେଇ ଗୃହରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ସାମ୍ବାଦିକମାନଙ୍କର ପ୍ରଶ୍ନର ଉତ୍ତରରେ, ଆନ୍ତର୍ଜାତିକ ପର୍ଯ୍ୟଟନସ୍ଥଳ କୋଣାର୍କର ବହୁବିଧ ବିକାଶ ଦିଗରେ ତ୍ୱରିତ ପଦକ୍ଷେପ ନେବାପାଇଁ ଗୃହରାଷ୍ଟ୍ରମନ୍ତ୍ରୀ ଶ୍ରୀ ବେହେରା ପ୍ରତିଶ୍ରୁତି ଦେଇଛନ୍ତି ।

# ଶିକ୍ଷାନୁଷ୍ଠାନ ଚାଲୁଥିବା ସ୍ଥାନରେ କୋର୍ଟ କାର୍ଯ୍ୟାଳୟ ପାଇଁ ଯୋଜନା

କୋଣାର୍କ (ପିଏନ୍): ମାଧିପୁର ମୌଜାର ସାବକ ଖାତା ନମ୍ବର ୩୬, ପ୍ଲଟ ନମ୍ବର ୨୯, ୧ ଏକର ୫୦ଡିସିମିଲି, ପ୍ଲଟ ନମ୍ବର ୨୭୫, ଏ୦. ୭୫ ଡିସିମିଲି ମୋଟ ୨ ଏକର ୨୫ ଡିସିମିଲି ପରିମିତ ଅଞ୍ଚଳରେ ମାଧିପୁର ଗ୍ରାମର ଗୋଛାୟତ ସାହି ଓ ପାଢୀ ସାହି ଗ୍ରାମର ଗ୍ରମବାସୀଙ୍କ ମିଳିତ ଉଦ୍ୟମରେ ୧୯୯୪ ମସିହାରେ ସଂସ୍କୃତ ମହିଳା ମହାବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା॥ ଏହି ସଂସ୍କୃତ ମହିଳା ମହାବିଦ୍ୟାଳୟଟି ୧୯୯୪ ମସିହାରୁ ୨୦୦୧ ମସିହା ପର୍ଯ୍ୟନ୍ତ ଚାଲୁଥିଲା । ଏଥିପାଇଁ ଆବଶ୍ୟକ ସଂଖ୍ୟକ ଶ୍ରେଣୀଗୃହ, ଶିକ୍ଷାଦାନ ନିମନ୍ତେ ଆବଶ୍ୟକ ସଂଖ୍ୟକ ଉପକରଣ, କାର୍ଯ୍ୟଳୟ ଗୃହ, କମନ ରୁମ, ଲାଇବ୍ରେରୀ ଗୃହ ନିର୍ମାଣ କରାଯାଇଥିବା ବେଳେ ଶିକ୍ଷାଦାନ ନିମନ୍ତେ ଆଚାର୍ଯ୍ୟା ଓ ଆଚାର୍ଯ୍ୟମାନଙ୍କର ସୁବନ୍ଦୋବସ୍ତ କରାଯାଇଥିଲା । ପରବର୍ତ୍ତି ସମୟରେ କେତେକ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ବ୍ୟକ୍ତିଙ୍କ ପାଇଁ ଏହି ମହାବିଦ୍ୟାଳୟଟି ବନ୍ଦ ହୋଇଯାଇଥିଲା । ଫଳରେ ଅନେକ ଦିନ ଧରି ମହାବିଦ୍ୟାଳୟ ବନ୍ଦ ରହିଥିଲା ଏବଂ ପରବର୍ତ୍ତି ସମୟରେ ଏହି ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗଠନ, ସଂଗୀତ ଶିକ୍ଷାଦାନ, ମହିଳା ସଂଗଠନ, ଯୋଗଶିକ୍ଷା କେନ୍ଦ୍ର ଓ ସରସ୍ୱତୀ ଶିଶୁ ମନ୍ଦିରର ଛାତ୍ରଛାତ୍ରୀଙ୍କୁ ନେଇ ଶିକ୍ଷାଦାନ ଜାରି ରହିଥିଲା । ୧୯୯୯ ମହାବାତ୍ୟାରେ ମହାବିଦ୍ୟାଳୟର ଆଜବେଷ୍ଟସ, ଟେବୁଲ ଚେୟାର ସଂପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ବେଳେ ଶ୍ରେଣୀଗୃହର କାନ୍ଥଗୁଡିକ ଭୁଷୁଡି ପଡି ବିପଦସଂକୁଳ ଅବସ୍ଥାରେ ଥିଲା । ଅର୍ଥାଭାବରୁ ଆଉ ମହାବିଦ୍ୟାଳୟଟି ପୁନରୁଦ୍ଧାର ହୋଇ ନପାରି ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଲା। ୧୯୧୫ ମସିହାରେ କୋଣାର୍କ ସିଭିଲ ଜଜ ଜେଏମଏଫସି ଅଦାଲତ ପ୍ରତିଷ୍ଠା କରାଯାଇଥିଲା । ଏହି ଅଦାଲତ ପରିଚାଳନା ନିମନ୍ତେ ସୂର୍ଯ୍ୟ ମନ୍ଦିର ସମ୍ମୁଖସ୍ଥ ପୁରୁଣା ତହସିଲ କାର୍ଯ୍ୟାଳୟକୁ ମରାମତି କରାଯାଇ ଯୋଗାଇ ଦିଆଯାଇଥିଲା । କୋଣାର୍କରେ ସ୍ଥାୟୀ କୋର୍ଟ ପ୍ରତିଷ୍ଠା ନିମନ୍ତେ ରାଜସ୍ୱ ବିଭାଗ ପକ୍ଷରୁ ଜମି ଚିହ୍ନଟରେ ଅହେତୁକ ବିଳମ୍ବ ହୋଇ ଶେଷରେ ସଂସ୍କୃତ ମହିଳା ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଙ୍ଗଠନ, ମହିଳା ସଂଗଠନ, ସଂଗୀତ ଶିକ୍ଷାଦାନ କେନ୍ଦ୍ର, ଯୋଗଶିକ୍ଷା କେନ୍ଦ୍ର ଓ ସରସ୍ୱତୀ ଶିଶୁ ମନ୍ଦିରର ଚାଲୁଥିବା ସ୍ଥାନକୁ ଚଞ୍ଚକତା କରି ଯୋଗାଇଦିଆଗଲା । ଏ ସମ୍ପର୍କରେ ମାଧିପୁର ଗ୍ରାମର ଗୋଛାୟତ ସାହି ଓ ପାଢୀ ସାହି ଗ୍ରାମର ଗ୍ରମବାସୀମାନେ ଅବଗତ ହେବା ପରେ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ଜିଲ୍ଲାପାଳ, ଉପଜିଲ୍ଲାପାଳ, ତହସିଲଦାରଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରି ନଥିଲେ । ଶେଷରେ ବାଧ୍ୟ ହୋଇ ଉଭୟ ଗ୍ରାମବାସୀ କୋର୍ଟର ଆଶ୍ରୟ ନେଇଥିଲୋ । ମାମଲା ଏବେ କୋର୍ଟରେ ଥିବା ବେଳେ କୋର୍ଟ ନିର୍ମାଣ ପାଇଁ ଠିକାଦାରଙ୍କ ପକ୍ଷରୁ ଜେସିବା ଲଗାଇ ମହାବିଦ୍ୟାଳୟର ଶ୍ରେଣୀ ଗୃହ, କାର୍ଯ୍ୟାଳୟ ଗୃହ, ଲାଇବ୍ରେରୀ ଗୃହକୁ ଭାଙ୍ଗି ଦିଆଯାଇଛି । ଶିକ୍ଷାଦାନ ପାଇଁ ଗୃହ ମଧ୍ୟରେ ଥିବା ଲକ୍ଷାଧିକ ଟଙ୍କାର ଉପକରଣ ନଷ୍ଟ ହୋଇଯାଇଛି । ରାଜସ୍ୱ ବିଭାଗର ଏଭଳି ପାତରଅନ୍ତର ନୀତିକୁ ମାଧିପୁର ଗ୍ରାମର ଗୋଛାୟତ ସାହି ଓ ପାଢୀ ସାହି ଗ୍ରାମର ଗ୍ରାମବାସୀମାନେ ବିରୋଧ କରି ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ ଥିବା ସ୍ଥାନ ପରିବର୍ତ୍ତେ ଅନ୍ୟତ୍ର ନିର୍ମାଣ କରିବା ପାଇଁ ନ୍ୟାୟ ଭିକ୍ଷା କରିଛନ୍ତି ।

# ଦେଓଗାଁରେ ହନୁମାନ ମନ୍ଦିରର ଦ୍ୱାଦଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ

ଘଷିପୁରା (ପିଏନ୍): ଆନନ୍ଦପୁର ଉପଖଣ୍ଡ ଦେଓଗାଁରେ ଥିବା ହନୁମାନ ମନ୍ଦିରର ଦ୍ୱାଦଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଗ୍ରାମର ଅନେକ ମହିଳାଙ୍କ କଳସ ଯାତ୍ରା ଗ୍ରାମ ପରିକ୍ରମା କରିଥିଲା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ହନୁମାନ ମନ୍ଦିର କମିଟିର ସଦସ୍ୟ ଅନନ୍ତ ଚରଣ ରାଉତ, ପ୍ରେମାନନ୍ଦ ପାଣିଗ୍ରାହୀ, ରମାକାନ୍ତ ବଳ, ଅମରେନ୍ଦ୍ର ବିଶ୍ୱାଳ, ରଂଜନ ବଳ, ବାପି ସାହୁ, ରଘୁନାଥ ବାରିକ, ଟିକନ ପଣ୍ଡା, ବିଜୟ ରାଉତଙ୍କ ସମେତ ବହୁ ହନୁମାନ ଭକ୍ତ ଓ ଯୁବକମାନେ ସହଯୋଗ କରିଥିଲେ ।

# କବି ବିଶ୍ୱଜିତଙ୍କୁ ସନ୍ଥ ଭୀମଭୋଇ ସାହିତ୍ୟ ସମ୍ମାନ

ଘଷିପୁରା (ପିଏନ୍): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଇଞ୍ଜୋଳ ଗ୍ରାମର ପିତାମ୍ବର ରାଉତଙ୍କ ସୁପୁତ୍ର ଯୁବକବି ତଥା ଗାଳ୍ପିକ ବିଶ୍ୱଜିତ୍ ରାଉତଙ୍କୁ ସନ୍ଥ ଭୀମଭୋଇ ସାହିତ୍ୟ ସମ୍ମାନରେ ସମ୍ମାନୀତ କରାଯାଇଛି । ଭୀମଭୋଇ ସାହିତ୍ୟ ପରିଷଦ ପକ୍ଷରୁ କଟକ ଜିଲ୍ଲାର ସାରଳା ଭବନଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ସାହିତ୍ୟ ଏବଂ ଆଧ୍ୟାତ୍ମିକ ସମ୍ମିଳନୀରେ ଅନୁଷ୍ଠାନର ରାଜ୍ୟ ସମ୍ପାଦକ ସଂଗ୍ରାମକେଶରୀ ସାମନ୍ତରାୟ, ରାଜ୍ୟ ସଭାପତି ଗାୟତ୍ରୀ ସିଂହ ବିଶିଷ୍ଟ ଅତିଥି, ଓଡିଆ ସିନେମା ଜଗତର ଅଭିନେତା କୁନା ତ୍ରିପାଠୀ ଏବଂ ବ୍ୟଙ୍ଗକବି ଜ୍ଞାନ ହୋତା ପ୍ରମୁଖ ଯୋଗଦାନ କରି ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ତାଙ୍କର ଏହି ସଫଳତା ପଛରେ ଗୁରୁ ରଘୁ ସାର ଓ ବାପା, ମା' ତଥା ସ୍ଥାନୀୟ ଗ୍ରାମର ଗୁରୁଜନଙ୍କ ଆଶୀର୍ବାଦ ଯୋଗୁଁ ସମ୍ଭବ ହୋଇଥିବାରୁ ବିଶ୍ୱଜିତ ହୃଦୟର ନିଭୃତକୋଣରୁ ସମସ୍ତଙ୍କୁ ପ୍ରଣାମ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ୫-ଟି ସଚିବଙ୍କୁ କୃତଜ୍ଞତା ଜଣାଇଲେ ଏସଏସବି ଅଧ୍ୟାପକ ସଙ୍ଘ

କେନ୍ଦ୍ରାପଡ଼ା (ପିଏନ୍): ରାଜ୍ୟରେ ଥିବା ୪୪୮ବର୍ଗ ମହାବିଦ୍ୟାଳୟଗୁଡିକର ସୁପରିଚାଳନା ନିମନ୍ତେ ୨୦୧୬ ମସିହାରେ ରାଜ୍ୟ ସରକାର ବିଭିନ୍ନ ବିଭାଗରେ ରାଜ୍ୟ ପ୍ରବରଣ ମଣ୍ଡଳୀ ଦ୍ୱାରା (ଏସଏସବି) ପ୍ରାୟ ୧୬୬୪ ଅଧ୍ୟାପକଙ୍କୁ ନିୟମାନୁଯାୟୀ ନିଯୁକ୍ତି ପ୍ରଦାନ କରିଥିଲେ। ଏଥିରୁ ଉଚ୍ଚଶିକ୍ଷାର ଅଗ୍ରଗତି ପ୍ରତି ରାଜ୍ୟ ସରକାରଙ୍କ ଆନ୍ତରିକତା ସ୍ପଷ୍ଟ ବାରିହୋଇପଡେ। ଦୀର୍ଘବର୍ଷ ପରେ ରାଜ୍ୟ ପ୍ରବରଣ ମଣ୍ଡଳୀ ଦ୍ୱାରା ଅଧ୍ୟାପକ ଚୟନ ହୋଇ ତିନିବର୍ଷ ପର୍ଯ୍ୟନ୍ତ ବିଭିନ୍ନ ମହାବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବାପରେ ସରକାରଙ୍କ ଏହି ଫଳପ୍ରସୂ ଯୋଜନାର ସଫଳତା ଶିକ୍ଷାକ୍ଷେତ୍ରରେ ବିଶେଷ ପ୍ରଭାବ ପକାଇବାରୁ ସରକାର ଅଧିକ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ ୨୦୧୮ ମସିହାରେ ୮୩୩, ୨୦୨୧ ମସିହାରେ ୪୭୬ ପଦ ପୂରଣ ନିମନ୍ତେ ନୂତନ ବିଜ୍ଞାପନ ପ୍ରକାଶ କରି ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିଛନ୍ତି। ସରକାରଙ୍କ ଏହି ସାଧୁ ଉଦ୍ୟମ ନିମନ୍ତେ ଓଡିଶାର ସମସ୍ତ ଶିକ୍ଷିତ ଯୁବବର୍ଗ ଅତ୍ୟନ୍ତ ଆନନ୍ଦିତ ହେବା ସହ ଶିକ୍ଷାର ମାନଦଣ୍ଡକୁ ସୁଦୃଢ କରିବା ପାଇଁ ସଦାଚେଷ୍ଟିତ। ଏସଏସବି ଦ୍ୱାରା ନିଯୁକ୍ତି ପାଇଥିବା ୩ହଜାର ୫ଶହରୁ ଉର୍ଦ୍ଧ୍ୱ ଅଧ୍ୟାପକବୃନ୍ଦ ଓଡିଶା ଶିକ୍ଷାର ମେରୁଦଣ୍ଡ ସାଜିଛନ୍ତି। ଏହି ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ଚାକିରୀ ସର୍ତ୍ତାବଳୀ ଜନିତ କିଛି ତ୍ରୁଟିବିଚ୍ୟୁତିକୁ ସମାଧାନ କରିବା ପାଇଁ ପ୍ରଥମ ଅଣନିର୍ବାଚିତ ସଭାପତି ସ୍ୱର୍ଗତଃ ଅଧ୍ୟାପକ ସୁନିଲ କୁମାର ମଲ୍ଲିକ, ସମ୍ପାଦକ ଡଃ. ଲମ୍ବୋଦର ରାଉତ ଏବଂ କାର୍ଯ୍ୟକାରୀ ପରିଷଦ ସଭ୍ୟଙ୍କୁ ନେଇ ତତ୍କାଳୀନ ଉଚ୍ଚଶିକ୍ଷା ମନ୍ତ୍ରୀ ଅନନ୍ତ ଦାସ, ଉଚ୍ଚଶିକ୍ଷା ସଚିବ, ଏସଏସବି ନିର୍ଦ୍ଦେଶକ, ୫-ଟି ସଚିବ, ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ପ୍ରମୁଖଙ୍କୁ ସ୍ମାରକପତ୍ର ପ୍ରଦାନ ସହ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ସଭାପତି ସ୍ୱର୍ଗତଃ ମଲ୍ଲିକଙ୍କ ବିୟୋଗ ପରେ ନୂତନ ଭାବେ ଚୟନ ହୋଇଥିବା ସଭାପତି ଡଃ. ପ୍ରଦୀପ୍ତ ରଞ୍ଜନ ପଟ୍ଟନାୟକ, ସମ୍ପାଦକ ଡଃ. ଲମ୍ବୋଦର ରାଉତ, କୋଷାଧ୍ୟକ୍ଷ ଡଃ. ପ୍ରସନ୍ନ କୁମାର ବରାଳ, କାର୍ଯ୍ୟକାରୀ ପରିଷଦ ସଭ୍ୟ ଅଧ୍ୟାପକ ଡଃ. ସନ୍ଦିପ ବଳ, ଜ୍ଞାନରଞ୍ଜନ ଦାସ, ଡଃ. ଜ୍ୟୋତିପ୍ରକାଶ ପଲାଇ, ଡଃ. ଆନନ୍ଦ ଚନ୍ଦ୍ର ନାୟକ, ରାଜେଶ କୁମାର ସେଠୀ, ସରୋଜକାନ୍ତ ନାୟକ, ଅଚ୍ୟୁତାନନ୍ଦ ମହାରଣା, ରଜନୀ କୁମାର ନାୟକ, ଜୀତେନ୍ଦ୍ର କୁମାର ଦାସ, ଡଃ. ଦେବକାନ୍ତ ଷଡଙ୍ଗୀ ପ୍ରମୁଖଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଗତ ଅପ୍ରେଲ ମାସ ୨୮ତାରିଖରେ ସରକାରଙ୍କ ପତ୍ର ସଂଖ୍ୟା - ୪୪୬/୧୮୨୦୨୨୦୦୦୦୭ଦ୍ୱାରା ଏକ ପଞ୍ଜିକୃତ ସଂଗଠନର ମାନ୍ୟତା ଲାଭ କରିଛି। ଏହାକୁ ନେଇ ସଂଗଠନର ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କ ମହଲରେ ଖୁସିର ଲହରୀ ଖେଳିଯାଇଛି। ପଞ୍ଜିକରଣ ଫଳରେ ସଂଗଠନ ତା'ର ସଭ୍ୟ/ସଭ୍ୟାମାନଙ୍କ ବିଭିନ୍ନ ସମସ୍ୟାକୁ ସରକାରଙ୍କ ନିକଟରେ ଉପସ୍ଥାପନ କରିବାକୁ ଏକ ସ୍ୱୀକୃତି ପାଇପାରିଛି। ଏଥିନିମନ୍ତେ ସଙ୍ଘର ସଭାପତି, ସମ୍ପାଦକ ଓ କାର୍ଯ୍ୟକାରୀ ପରିଷଦ ସଦସ୍ୟବୃନ୍ଦ ରାଜ୍ୟ ସରକାର, ୫-ଟି ସଚିବ, ଉଚ୍ଚଶିକ୍ଷା ମନ୍ତ୍ରୀ, ଉଚ୍ଚଶିକ୍ଷା ସଚିବଙ୍କୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ ସହ ଏସଏସବି ଅଧ୍ୟାପକସମୂହଙ୍କ ସମସ୍ୟା ପ୍ରତି ଉଦାରଶୀଳ ହେବାକୁ ନିବେଦନ କରିଛନ୍ତି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୁତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ।।
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୩, ଜୁଲାଇ ୨୨



# ଆତ୍ମତ୍ୟାଗର ପ୍ରତୀକ ମାଆ ରମାଦେବୀ


ଡକ୍ଟର ଦୀପା ନାଗ

ଆତ୍ମତ୍ୟାଗ, ସେବା, ପରୋପକାର, ସଦ୍‌ବିଚାରର ପ୍ରତିମୂର୍ତ୍ତି, ଦେଶପୂଜ୍ୟା ରମାଦେବୀ ହଜାର ବର୍ଷର ପରିଚୟକୁ ନେଇ ସମ୍ଭ୍ରାନ୍ତ କଟକ ସହରରେ ଜନ୍ମ ହୋଇଥିଲେ । ତାଙ୍କ ବାପଘର ଓ ମାମୁଁଘର କହିବାକୁଗଲେ ଓଡ଼ିଶାର ଖାନଦାନି ବୁନିୟାଦର ଲୋକଥିଲେ । ପ୍ରାତଃ ସ୍ମରଣୀୟ ଉତ୍କଳ ଗୌରବ ମଧୁସୂଦନ ଦାସ ତାଙ୍କ ବଡ଼ବାପା । ଓଡ଼ିଶାର ଗୋଟିଏ ଆଦ୍ୟ ଉପନ୍ୟାସ ପଦ୍ମମାଳୀ ଭୁର୍ଯ୍ୟାଁ'ର ଲେଖକ ଗୋପାଳ ବଲ୍ଲଭ ଦାସ ଥିଲେ ତତ୍କାଳୀନ ସମୟର ଜଣେ ଡେପୁଟି କଲେକ୍ଟର ହେଉଛନ୍ତି ତାଙ୍କ ବାପା । ତାଙ୍କ ମା'ବସନ୍ତ କୁମାରୀ ଦେବୀ ନନ୍ଦକିଶୋର ଦାସଙ୍କ କନ୍ୟା । ବିଶ୍ୱର ମହୀୟସୀ ମହିଳାଙ୍କ ମଧ୍ୟରେ ରମାଦେବୀ ଅନ୍ୟତମା । ସେ ଥିଲେ ବିପ୍ଳବ ଓ ସେବା, କରୁଣା ଓ ଦୃଢ଼ତା, ସମ୍ବେଦନଶୀଳତା ଓ ନୀତିବାଦିତାର ଜ୍ୱଳନ୍ତ ଦୃଷ୍ଟାନ୍ତ । ଅପୂର୍ବ ଦୀପ୍ତିରେ ତେଜସ୍ୱିନୀ ଏହି ମହିଳା ସାରା ଓଡ଼ିଶାରେ ମାଆ ଭାବେ ପରିଚିତ ଥିଲେ । ସେବା, ତ୍ୟାଗ ଓ ସଦ୍‌ବିଚାରର ସାକ୍ଷାତ ପ୍ରତିମୂର୍ତ୍ତି ମାଆ ରମାଦେବୀ ଗୋଷ୍ଠୀ ସଂକୀର୍ଣ୍ଣତା, ଭେଦଭାବ, ଛୁଆଁ-ଅଛୁଆଁ, ଅନ୍ଧବିଶ୍ୱାସ, କୁସଂସ୍କାର ଆଦି ବିରୋଧରେ ଆଜୀବନ ଲଢ଼ିଥିଲେ । ସେ କହୁଥିଲେ ନାରୀକୁ ପରିବାର ସେବା ସହ ସମାଜସେବା ଦାୟିତ୍ୱ ମଧ୍ୟ ବହନ କରିବାକୁ ହେବ । ଗୋଟିଏ ଆଦର୍ଶ ମାଆ ରୂପରେ ତୁଲାଇବାର କଳା ଆୟତ୍ତ କରିବା ହିଁ ହେବ ନାରୀର ସାଧନା । ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ କନିଷ୍ଠ ଭ୍ରାତା ତଥା ଭାମା ଭୂର୍ଯ୍ୟାଁର ଲେଖକ ଗୋପାଳବଲ୍ଲଭ ଦାସଙ୍କର ସେ କନ୍ୟା । ରମାଦେବୀଙ୍କର ଡାକ ନାମ ଥିଲା ବେଙ୍ଗୀ । ସ୍ନେହ ସରାଗ, ପ୍ରାଚୁର୍ଯ୍ୟ ବୈଭବ ମଧ୍ୟରେ ସେ ବଢ଼ିଥିଲେ । ମାତ୍ର ପନ୍ଦର ବର୍ଷ ବୟସରେ ତାଙ୍କର ବିବାହ ହୋଇଥିଲା । ସୁନା ଅଳଙ୍କାରରେ ଛାଉଣି ହୋଇ ସେ ବେଦିରେ ବସିଥିଲେ । ବାପଘର ପରି ଶାଶୁଘରେ ମଧ କୌଣସିଥିରେ ଅଭାବ ନଥିଲା । ତେବେ, ବିବାହର ସାତ ବର୍ଷ ପରେ ମହାତ୍ମା ଗାନ୍ଧୀଙ୍କୁ ବ୍ୟକ୍ତିଗତ ଭାବେ ଭେଟିବା ପରେ ଜୀବନର ସଂଚାର୍, ବହୁ ପରିବର୍ତ୍ତନ ଘଟିଥିଲା । ବେଶଭୂଷା, ଚାଲିଚଳନ, ଆଚାର ବ୍ୟବହାର ସବୁ ବଦଳିଥିଲା । ଶସ୍ତା ଖଦଡ଼ ପିନ୍ଧିବା ଆରମ୍ଭ କରିଥିଲେ ଏବଂ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇଥିଲେ । କିଛି କାଳ ପରେ ପତି ଗୋପବନ୍ଧୁ ଚୌଧୁରୀଙ୍କ ସହ ମିଶି ବରୀରେ ପ୍ରତିଷ୍ଠା କରିଥିଲେ ସେବାଘର ଆଶ୍ରମ, ଯେଉଁଠି ଆଦର୍ଶ ଓ କର୍ମମୟ ଜୀବନର ବହୁ ବର୍ଷ କଟିଥିଲା । ୧୯୫୮ରେ ପତିଙ୍କ ଦେହାନ୍ତ ପର୍ଯ୍ୟନ୍ତ ବରୀ ଥିଲା ମୁଖ୍ୟ ଠିକଣା । ପତିଙ୍କ ମୃତ୍ୟୁରେ ବ୍ୟଥିତ ହୋଇ ସେ ସେବାଘର ଛାଡ଼ିଥିଲେ । ତେବେ ଭାଙ୍ଗିପଡ଼ି ନଥିଲେ ରମାଦେବୀ । ଶେଷ ପର୍ଯ୍ୟନ୍ତ ସେବା ହିଁ ଥିଲା ଜୀବନର ଆଭିମୁଖ୍ୟ । ୧୯୮୫ ଜୁଲାଇ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା । ଶ୍ରଦ୍ଧାଞ୍ଜଳିରେ କବି ରାଧାମୋହନ ଗଡ଼ନାୟକ ଲେଖିଥିଲେ 'ବହୁ ଖେତେ', ବହୁ ପଥେ, ଦେଖିଅଛି ମୁହିଁ ପାପଚାରୀ, ବହୁ ବିପ୍ଳବିନୀ ନେତ୍ରୀ, ବହୁ ଯୁଗନାରୀ, ମାତ୍ର ଜଣଙ୍କର ଲାଗି ଅନ୍ତରେ ମୋ ବିନମ୍ର ପ୍ରଣାମ, କିଏ ସେ ଜାଣିଛ ବନ୍ଧୁ? ଜାଣ ତାର ନାମ ରମାଦେବୀ, ମାତୃସମା ସିଏ ରମାଦେବୀ' ।

ଅଧ୍ୟକ୍ଷା, ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟ, କଟକ

# ଜୀବନ ଯନ୍ତ୍ରଣାରେ ଅର୍ଥ ସାଜିଛି ବାଧକ-୩


ପଙ୍କଜ କୁମାର ପାଣିଗ୍ରାହୀ

ମଣିଷ ଜନ୍ମ ହୋଇ ମରିବ ଦିନେ ସମସ୍ତେ ଜାଣନ୍ତି । କି'ନ୍ତୁ ମାରିବା ପୂର୍ବରୁ ଅଜସ୍ର ଧନସମ୍ପତ୍ତି, ସାମାଜିକ ସମ୍ମାନ ତଥା ପ୍ରାଧାନ୍ୟତା ଅର୍ଜନ କରିପାରିଲେ ଯେ ସେ ନିଜକୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ କରି ଚିରକାଳକୁ ସ୍ମରଣୀୟ ହୋଇ ରହିଯିବା ଲକ୍ଷ ରଖି ଏହି ମରୀଚିକା ପଛରେ ପ୍ରଧାବିତ ମଣିଷଙ୍କ ଜୀବନ ସବୁବେଳେ ଦୁଃଖମୟ ହୋଇଥାଏ, କୌଣସି କାରଣ ନଥାଇ । ସାମାଜିକ ପ୍ରହେଳିକା ମଧ୍ୟରେ ନିଜର ପରିଚୟ ସୃଷ୍ଟି କରୁଥିବା କିମ୍ବା ଅସମର୍ଥ ରହିଥିବା ଉଭୟ ମଣିଷ ସେହି ଏକ ଦ୍ୱାର ଦେଇ ଅତିକ୍ରମ କରିଥା'ନ୍ତି ସମୟ ଶେଷରେ । କି'ନ୍ତୁ କଥା ରହିଥାଏ ଯେ ଏହି ଅତିକ୍ରମ କରୁଥିବା ସମୟ ମଧ୍ୟରେ କିଏ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ଆନନ୍ଦରେ ଜୀବନ ଯାତ୍ରା ସମାପ୍ତ କରିଥା'ନ୍ତି ତ ଆଉ କିଏ ଜୀବନ ସାରା କେବଳ ହାହାକାର ହୋଇ ରହି ସମାପ୍ତ କରିଥା'ନ୍ତି ନିଜର ଜୀବନ ଯାତ୍ରା ।

ଏଠି କାହାକୁ ଠିକ୍ କିମ୍ବା କାହାକୁ ଭୁଲ୍ ସାବ୍ୟସ୍ତ ନକରି କେବଳ ସମସ୍ତଙ୍କୁ ପ୍ରାକୃତିକ ଭାବେ ବଂଚିବା ତଥା ମୃତ୍ୟୁ ପୂର୍ବରୁ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖି ଆନନ୍ଦରେ ରହିବା ପାଇଁ ପ୍ରୟାସ କରିବା ଆହ୍ୱାନ ଦିଆଯାଉ ଅଛି । ପ୍ରଥମେ ନିଜର ଜନ୍ମ ମରଣ ମଧ୍ୟବର୍ତ୍ତୀ ଜୀବନର ପଥ ଅତିକ୍ରମ କରିଚାଲିଥିବା ବେଳେ ପ୍ରାକୃତିକ ଭାବେ ନିଜକୁ ନିୟନ୍ତ୍ରିତ କରିବା ଏବଂ କାହାର ପ୍ରଚାର ପ୍ରସାରରେ ନିଜକୁ ସମାନ୍ତରାଳ କରିବା ଲକ୍ଷ ନରଖିବା ନିଜ ପାଇଁ ଉତ୍ତମ ହୋଇପାରେ ବୋଲି ବିଚାର କରାଯାଉ ଅଛି । ନିଜସ୍ୱ ଅନ୍ତର୍ଜ୍ଞାନ ଉଦୟ କରି ଜୀବନ ଯାତ୍ରାକୁ ସଫଳ କରିବା ଏବଂ ପାରିବାରିକ କ୍ଷେତ୍ରରେ ନିଜକୁ ଜଣେ ପ୍ରାକୃତିକ ମଣିଷର ସ୍ୱରୂପ ଦେଇ ମଣିଷ ପ୍ରସ୍ତୁତ ଅପ୍ରାକୃତିକ ବିଷୟ ଗୁଡିକୁ ପ୍ରତ୍ୟାଖ୍ୟାନ କରିପାରିଲେ ଯେ ସମସ୍ତଙ୍କ ଜୀବନ ଆନନ୍ଦମୟ ହେବ ସେଇଥିରେ କୌଣସି ବାଧକ ନାହିଁ । ବ୍ୟପାରୀଙ୍କ ଦ୍ୱାରା ସୃଷ୍ଟି କରାଯାଉଥିବା ସମସ୍ତ ଅପ୍ରାକୃତିକ ବସ୍ତୁ, ବିଷୟ ଗୁଡିକୁ ନିଜ ଜୀବନ ଶୈଳୀରେ ସଂଲଗ୍ନ ନକରି କେବଳ ପ୍ରାକୃତିକ ଭାବେ ନିଜକୁ ଗଢି ତାଲିବାରେ କୌଣସି ଦୁଃଖ ରହିବ ନାହିଁ କାହାର । ବରଂ ପ୍ରାକୃତିକ ଭାବେ ନିଜକୁ ସଜାଇ ତୋଳିଲେ ଯେ ଜୀବନ ଆମର ଅତ୍ୟନ୍ତ ସରସ ସୁନ୍ଦର୍ ହୋଇପାରିବ ସେଇଥିରେ କୌଣସି ଦ୍ୱିଧା ନାହିଁ । ନିଶ୍ଚିତ ଭାବେ ସମସ୍ତେ ଦିନେ ନା ଦିନେ କୌଣସି ଅର୍ଜିତ ସ୍ମୃତି ହେଉକି ସାମାଜିକ ମାନ୍ୟତା ନେଇ ଜୀବନ ହାରିବେ ସମୟ ଶେଷରେ ଏହିଜ୍ଞାନ ଦେବା ଆବଶ୍ୟକ ନାହିଁ ବରଂ ସମସ୍ତେ ଜାଣନ୍ତି । ତଥାପି ମନଯେ ଆମର ଏତେ ବ୍ୟସ୍ତତା ମଧ୍ୟରେ ରହିଥାଏ ତାହାର ମୁଖ୍ୟ କାରଣ ହେଉଛି ବ୍ୟପାରୀଙ୍କ ଅହେତୁକ ପ୍ରହେଳିକା ଜନିତ ସାମାଜିକ ବିଭୀଷିକା । ସେଗୁଡିକୁ ବର୍ଜନ ପୂର୍ବକ ନିଜର ଆବଶ୍ୟକତାକୁ କେବଳ ପ୍ରାକୃତିକ ଢଙ୍ଗରେ ସଜାଇ ପାରିଲେ ଯେ କେବଳ ନିଜର ମଙ୍ଗଳ ହେବ ତା ନୁହେଁ ତାହା ସମଗ୍ର ମଣିଷ ସମାଜ ପାଇଁ ମଙ୍ଗଳଦାୟୀ ହେବ ବୋଲି ବୁଝିବାକୁ ହେବ ସମସ୍ତଙ୍କୁ ।

ଶେଷରେ ସମସ୍ତେ ନିଜ ନିଜ ମଧ୍ୟରେ କୌଣସି ଦ୍ୱେଷ ଭାବ ନରଖି ଏକ ଉତ୍ତମ ମଣିଷ ସମାଜ ଗଠନ କରି ପିଢ଼ିକୁ ପିଢ଼ି ଆନନ୍ଦରେ ବଂଚିବା ଶିକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ ଯାହା ବ୍ୟପାରୀ କରିବାକୁ ଦିଅନ୍ତି ନାହିଁ । ତେଣୁ ବ୍ୟପାରୀଙ୍କ ପ୍ରଚାର, ବିଜ୍ଞାପନ ଗୁଡିକୁ ପ୍ରତ୍ୟାଖ୍ୟାନ କରି ବାସ୍ତବତା, ସତ୍ୟର ପଥ ଅନୁକରଣ କରି ପ୍ରାକୃତିକ ଭାବେ ବଂଚିବା ଧାର୍ଯ୍ୟ କଲେ ଯେ କେବଳ ଆର୍ଥିକ ସୁଧାର ହେବ ତା ନୁହେଁ ବରଂ ଆମେ ସମସ୍ତେ ଶାରୀରିକ ସୁସ୍ଥ ରହି ଆନନ୍ଦରେ ଜୀବନ ଯାପନ କରିପାରିବା । ବ୍ୟବସାୟୀଙ୍କ ଅପ୍ରାକୃତିକ ରାସାୟନିକ ତଥା ଅନ୍ୟାନ୍ୟ ଉପକରଣ ଗୁଡିକୁ ପ୍ରତ୍ୟାଖ୍ୟାନ କରି କେବଳ ପ୍ରାକୃତିକ ବ୍ୟବହାର ମଣିଷକୁ ଅନେକ ଦିଗରୁ ଆନନ୍ଦ ପ୍ରଦାନ ପୂର୍ବକ ସାମାଜିକ ଅଭାବନିୟତା ଗୁଡିକ ଦୂର କରିପାରିବ ଯାହା ସେମାନଙ୍କ ଦ୍ୱାରା ଲୁଣ୍ଠିତ କରାଯାଇ ସାଧାରଣ ମଣିଷକୁ ପ୍ରତାରିତ କରି ରଖିଛି ସର୍ବତ୍ର । ତେଣୁ ଅନ୍ତତଃ ସାମାଜିକ ବିଜ୍ଞାପନ, ପ୍ରଚାର ପ୍ରସାର ଗୁଡିକୁ ପ୍ରତ୍ୟାଖ୍ୟାନ ପୂର୍ବକ ନିଜର କୃତିମ ଆବଶ୍ୟକତା ଗୁଡିକୁ ସଂକୁଚିତ କରି ଶିଖିଲେ ଯେ କେବଳ ଅର୍ଥ ବାଧକ ହେବନି ସୁଖ ଶାନ୍ତିରେ ବଂଚିବା ପାଇଁ ତା ନୁହେଁ ବରଂ ସମଗ୍ର ରାଷ୍ଟ୍ରର ମଙ୍ଗଳ ଦିଗରେ କାର୍ଯ୍ୟ କରିବ ସେହି ବିଚାର କେମିତି ଥରେ ଭାବି ଦେଖିବାକୁ ହେବ । ସାଧାରଣ ଲୋକଙ୍କ ଆର୍ଥିକ ସ୍ଥିରତା ଆସିଲେ ସମାଜରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରିହେବ ଯାହା ସେମାନଙ୍କ ପାଖକୁ ଚାଲିଯାଉଛି ଏହି ସବୁ ଆଲୋଚିତ ବିଷୟ ଗୁଡିକ ମାଧ୍ୟମରେ ସାଧାରଣ ଲୋକଙ୍କ ରୋଜଗାରରୁ । କ୍ଷୁଦ୍ର କ୍ଷୁଦ୍ର ରାସ୍ତାରେ ଲୋକଙ୍କ ଠାରୁ ଏମିତି କୋଟି କୋଟି ଟଙ୍କା ଲୁଟି ବ୍ୟପାରୀ ସେମାନଙ୍କ କୋଷ ବୃଦ୍ଧି କରିବାରେ ସାମାଜିକ ଅର୍ଥାଭାବ କାରଣରୁ ସାମୁହିକ ଉନ୍ନତି ସମ୍ଭବ ହେଉନାହିଁ ଆମ ଦେଶରେ । ତେଣୁ ସାଧାରଣ ମଣିଷ ସମୂହ ଏହିସବୁ ଅପ୍ରାକୃତିକ ମନୁଷ୍ୟକୃତ ଚଳଣିକୁ ବାଜ୍ୟାପ୍ତ କରନ୍ତୁ । ଦେଖିବେ ନିଜ ପରିବାର ସହିତ ରାଷ୍ଟ୍ରର ମଙ୍ଗଳ ହେବ ନିଶ୍ଚିତ । ଆଉ ଅର୍ଥ ବାଧକ ସାଜିବ ନାହିଁ ଜୀବନ ଶୈଳୀରେ ଯେତେ କମ୍ ରୋଜଗାର ହୋଇଥଲେ ମଧ୍ୟ, ଏହା ଆମର ଦୃଢ଼ ସ୍ୱର । ଖୁସିରେ ରହିବା, ମଣିଷ ପାଇଁ ଆର୍ଥିକ ବଧକତା ଦୂର କରିବା ସହିତ ଶାରୀରିକ କ୍ଲେଶରୁ ମଧ୍ୟ ଦୁରେଇ ରଖିବାରେ ସାହାଯ୍ୟ କରିଥାଏ । ପ୍ରାକୃତିକ ଜୀବନ ଶୈଳୀକୁ ଆପଣାର କରି ସାମାଜିକ ମନୁଷ୍ୟକୃତ ଅପ୍ରାକୃତିକ ଶୈଳୀ ଗୁଡିକୁ ପ୍ରତ୍ୟାଖ୍ୟାନ କରିବା ଦ୍ୱାରା ମଣିଷର ଆର୍ଥିକ, ସାମାଜିକ ତଥା ମାନସିକ ଶାନ୍ତି ଜନିତ ଜୀବନ ବଂଚିବା ପ୍ରଣାଳୀ ଧାର୍ଯ୍ୟ ହୋଇଥିଲେ ହେଁ ତାହା ସମ୍ପୃକ୍ତ ମଣିଷକୁ କେବଳ ସୁଖରେ ରହିବା ଛଡା ଅନ୍ୟର କ୍ରିତଦାସ ହେବାଠାରୁ ମଧ୍ୟ ଦୁରେଇ ରଖିବାରେ ଅତ୍ୟନ୍ତ ସହଯୋଗୀ ହୋଇଥାଏ । ବ୍ୟପାରୀ କି'ନ୍ତୁ ସାଧାରଣ ନିର୍ବୋଧଙ୍କ ନିର୍ବୋଧତାର ସୁଯୋଗ ନେଇ ଯାହା ସବୁ ସମାଜରେ ବିତରଣ କରିଚାଲିଛନ୍ତି ସେଗୁଡିକ ଦ୍ୱରା ବ୍ୟକ୍ତିଗତ ସ୍ତରରେ ପ୍ରତାରିତ ହେବା ସହିତ ସମାଜର ଯେ ବ୍ୟାପକ କ୍ଷତି କରିଚାଲିଛି ତାହା ହୁଏତ ବୁଝୁଥିବା ଲୋକଙ୍କ ସଂଖ୍ୟା ୧ ପ୍ରତିଶତ ହେବକି ନାହିଁ ସନ୍ଦେହ । ତେଣୁ ସମାଜର ପ୍ରାୟତଃ ୯୯ ପ୍ରତିଶତ ସାଧାରଣ ମଣିଷ ସେମାନଙ୍କ ପ୍ରରୋଚନାରେ ପୀଡିତ ହୋଇ ସମାଜକୁ ଅତ୍ୟନ୍ତ ଦୁର୍ବଳ କରୁଥିବା ନବୁଝି ସେମାନଙ୍କ ମିଥ୍ୟା ବଚନରେ ଅଗ୍ରଗତିର ଯେଉଁ ସ୍ୱପ୍ନ ଦେଖି ଚାଲିଛନ୍ତି ସେଗୁଡିକ କେବଳ ମରୀଚିକାର ଜଳ ସଦୃଶ୍ୟ ହୋଇଥାଏ । ତେଣୁ ସାଧାରଣ ମଣିଷ ସମୂହ ଉପସ୍ଥିତ ସମୟର ସମସ୍ତ ପରିପାର୍ଶ୍ୱିକ ଅପ୍ରାକୃତିକ କୁହେଳିକା ଗୁଡିକୁ ପ୍ରତ୍ୟାଖ୍ୟାନ ପୂର୍ବକ ଏକ ପ୍ରାକୃତିକ ଶୈଳୀରେ ନିଜକୁ ବଂଚିବା ଶିକ୍ଷା କରିପାରିଲେ ଯେ ମଣିଷର ସମସ୍ତ ଦୁଃଖ ଦୂର ହେବ ଏବଂ ଅର୍ଥ ବାଧକ ହୋଇପାରିବ ନାହିଁ ଜୀବନ୍ ଯାତ୍ରାରେ ସେଇଥିରେ କୌଣସି ସନ୍ଦେହ ନାହିଁ ।

ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଂଜାମ-୭୬୧୦୨୦
ଦୂରଭାଷ.: ୯୪୩୭୩୨୪୯୧୭.

# ସମ୍ଭବାମି



ଆମି ଶବ୍ଦଟି ବଙ୍ଗଳା ଶବ୍ଦ ଯାହାର ଅର୍ଥ ମୁଁ, ଓଡ଼ିଆରେ ହେବ । ସମ୍ଭବ+ଆମି, ଏଠାରେ ଅ+ଆ ମିଶି ଆରେ ଏକାକାର ହୋଇ ଆକାର ହୋଇଯାଇଛି ଯାହା ସମ୍ଭବାମି ସୃଷ୍ଟି ହୋଇଛି । ଏକଥା ସର୍ବକଳା ନିପୁଣ ପୂର୍ଣ୍ଣକଳାରେ ଅବତୀର୍ଣ୍ଣ ଭଗବାନ ମହାଭାରତ ଯୁଦ୍ଧର ଅୟମା ଆରମ୍ଭରେ ଯୋଦ୍ଧା ଶ୍ରେଷ୍ଠ ତୀରନ୍ଦାଜ ଅର୍ଜୁନଙ୍କର ଭ୍ରାନ୍ତି ମୋହ ନାଶ କରିବା ପାଇଁ ବୟାନ କରୁଥିବା ଶ୍ଳୋକ ମାନଙ୍କ ମଧ୍ୟରେ ପରିତ୍ରାଣାୟଃ ସାଧୁନାଂ ଶ୍ଳୋକରେ ଏଇ ଏକ ଶବ୍ଦ । (ସଂସ୍କୃତ ଶବ୍ଦ ମାଳାର ବିନ୍ୟାସ ବିଜ୍ଞଙ୍କର ପରିସରରେ ଏ ଲେଖକ ଏପରି ଧୂରୀଣ ନୁହେଁ ଭ୍ରମ ପାଇଁ କ୍ଷମା ଦେବେ) । ସେ ମୁଁ କହିବା ଏକମାତ୍ର ବ୍ୟକ୍ତି ହୋଇପାରନ୍ତି ମୁଁ ର କରିତ କର୍ମା ଶକତି ତାଙ୍କର ପିଲା କାଳରୁ ପ୍ରକଟ ରହିଛି । ବହୁ ପ୍ରମାଣ ଶାସ୍ତ୍ରରୁ ମିଶିଯାଉଛି ସେ ଅଲୌକିକ ଶକ୍ତି ସମ୍ପନ୍ନ ସେ ପୁରୁଷ ହେଲେ ବି ପୁରୁଷୋତ୍ତମ । ସେ ମୁଁ କହିଲେ ମୁଁର ଗୌରବ ରକ୍ଷା ହେଉଛି । ମାତ୍ର ତାଙ୍କ ବ୍ୟତୀତ କେହି ପୁରୁଷ ହୁଅନ୍ତୁ ପୁରୁଷୀ ହୁଅନ୍ତୁ ସେ ମୁଁ କହିଲେ ତାର ମୂଲ୍ୟାୟାନ ଏପରି ମାପ କାଠିରେ କେବେ ହୋଇ ପାରିବ ନାହିଁ । ତେବେ ଚଣ୍ଡୀରେଭରିଷ୍ଟ ପୁରୁଷ ମନ୍ତ୍ରରେ ଦୁର୍ଗାଙ୍କୁ ଏଥିରୁ ମୁକ୍ତ କରାଯାଇନପାରେ । ସେ ବି ପ୍ରତ୍ୟକ୍ଷ ଯୁଦ୍ଧରତା ଦୁର୍ଦ୍ଧାନ୍ତ ରାକ୍ଷସ ସଂହାର କର୍ତ୍ତୀ ମାତ୍ର ଚେହେରାରେ ଷୋଡ଼ଶୀ ଷୋଳବୟସ୍କାର ଯୁବତୀ । ପ୍ରତ୍ୟେକ ଏଇ ଇଂରାଜୀର ଆଇ ସଦୃଶ ସବୁ ବହିକୁ ଦେଖୁଥିବେ ଆସିଥିବା ଚିଠିକୁ ଦେଖିଥିବେ ଖାମ, ପୋଷ୍ଟକାର୍ଡ଼ ଇନଲାଣ୍ଡଲେଟର ଏସବୁ ଆଇ ଅକ୍ଷର ସଦୃଶ ଖାମ ନ ଚିରିଲେ ତା ଭିତରେ କଣ ଲେଖା ଜାଣି ହୁଏନାହିଁ । ବହି ନଖୋଲିଲେ ତା ମଧ୍ୟରେ କଣ ପାଠ ତାବି ଜାଣି ହେବନାହିଁ, ଯାହା ଆଇକୁ ଚିରିଲେ କାଟିଲେ ଛେଦ କଲେ ତତ୍ତ୍ୱ ତଥ୍ୟ ମିଳେ । ଖ୍ରୀଷ୍ଟ ଧର୍ମର ଯେଉଁ କ୍ରଶ ନିଆଯାଇଛି ତା ମୂଳରେ ଏଇ ଆଇକଟ ଅଛି । ମୁଁ ସଂସ୍କୃତରେ ଅହମ୍ । ଯିଏ ମୁଁ ତ୍ୱ କାଟିନାହିଁ ତାର ଅହମ୍ ଅଛି ଅର୍ଥାତ ଗର୍ବ ଅହଙ୍କାର ଅଛି । ଯାହା ପୂର୍ବରୁ ରାବଣ, କଂସ, ଦୁର୍ଯ୍ୟୋଧନ ପରି ପ୍ରଶାସକଙ୍କର ଏଥିପାଇଁ ଅନ୍ତ ଘଟାଇବା ମୂଳରେ ଏଇ ଅହମ୍ ।

ପ୍ରତି ଘରେ ଘରେ ନ୍ତମୁଁ ନ୍ତମୁଁ ଚିତ୍କାର ଅଛି । ପ୍ରତି କର୍ତ୍ତାଙ୍କର ବି ଏବେ ମୁଁ ମୁଁ ଚିତ୍କାର ଶୁଣାଯାଉଛି । ଏହା ଯେ ଚିରନ୍ତନ ନୁହଁ ହୁଏତ କେହି ଭାବୁନାହାଁନ୍ତି । ସର୍ବଧର୍ମଂ ପରିତେଜ୍ୟ ମାମେକଂ ଶରଣବ୍ରଜଃ ସେହି ଗୀତାରେ ବି ଅଛି ସେ ପୁରୁଷୋତ୍ତମଙ୍କର ଉଦ୍ଦେଶ୍ୟରେ ସମସ୍ତେ କାମ କରି ଚାଲିଲେ ଜୀବନ ସାର୍ଥକ ହୋଇପାରେ । ଜଗନ୍ନାଥ ପାପୁଲି ନାହିଁ, ପାଦ ନାହିଁ ସେ ଭକ୍ତ ମାନଙ୍କୁ ସୃଷ୍ଟିର କର୍ମ ବେଳକୁ ବେଳ ସୁନ୍ଦର କରିବା ପାଇଁ ଦେଇଛନ୍ତି । ସେ ରଥଯାତ୍ରାରେ ଆଗ ରଥକୁ ଯାଆନ୍ତି ଫେରିଲେ ଆଗ ରତ୍ନ ସିଂହାସନକୁ ଫେରନ୍ତି । ମୋ ଇଂରାଜିରେ ମାଇଁ, ମୋ, ମୋର ଏକାର୍ଥରେ ଧରାଯାଏ । ପିଲାକାଳରେ ଆମେ ଶୁଣୁଥିଲୁ ଜଣେ କଳାକାର ନିର୍ଦ୍ଦେଶକଙ୍କର ଏଚଏମଭି ବାଜାକାଳ ଦମଦମ କଳିକତାରୁ ପ୍ରସ୍ତୁତ ରେକର୍ଡ଼ରେ ଏକ ପ୍ରାଥମିକ ସ୍ତରର ଛାତ୍ରକୁ ତାର ଟିଉଟର ଇଂରାଜୀ ଶିକ୍ଷା ଦେଉଥିଲେ ତହିଁରେ ପ୍ରସଙ୍ଗ ଆସିଲା ମାଇଁ ହେଡ଼ । ଶିକ୍ଷକ ଓଡ଼ିଆରେ ଅର୍ଥ କରି କହୁଛନ୍ତି ପିଲାରେ ମାଇଁ ହେଡ଼ ମାନେ ମୋ ମୁଣ୍ଡ ପିଲା ବୁଝିଲା ମାଇଁ ହେଡ ମାନେ ମାଷ୍ଟରଙ୍କ ମୁଣ୍ଡ । ପିଲାଟି ସରଳରେ ବୁଝିଲା ଏଠାରେ ମାଷ୍ଟରଙ୍କ ମୁଣ୍ଡ କଥା ମାଷ୍ଟ୍ରେ କହୁଛନ୍ତି । କାହିଁକି ମାଇଁ ମାନେ ମୋର ଏଠାରେ ମାଇଁରେ ମାଷ୍ଟ୍ରେ କହୁଛନ୍ତି ବୋଲି ତାଙ୍କ ମୁଣ୍ଡ ହେବ । ବାରମ୍ବାର ବିଭିନ୍ନ ପ୍ରକାର ମାଷ୍ଟ୍ର ଜଣକ ବୁଝାଇଲେ ବି ପିଲାଟି କାନ୍ଦି କାନ୍ଦି ସେ ମାଷ୍ଟ୍ରଙ୍କ ମୁଣ୍ଡ ଶେଷ ପର୍ଯ୍ୟନ୍ତ କହି ଚାଲିଲା । ତାପରେ ପିଲାଟି ମାଆ ଏହା ଶୁଣି ସେ ପିଲାଟିକୁ କହିଲେ କହ ମାଇଁ ହେଡ ମାନେ ମୋ ମୁଣ୍ଡ ଏବେ ପିଲାଟି କହୁଛି ମାଇଁ ହେଡ ମାନେ ମାର ମୁଣ୍ଡ, ଯେତେ ବୁଝାଇଲେ ପିଲା ଏପରି କହି ଚାଲିଥିଲା । ବର୍ତ୍ତମାନ ମୋ ଶବ୍ଦ ଲାଗି ଅନେକ ଯୋଜନା ଚାଲିଲାଣି ଅନେକ ସଂସ୍ଥା ଚାଲିଛି ପ୍ରକୃତରେ ଏହି ମୋ କାହା ପାଇଁ ଲାଗୁଛି । ରେଳଗାଡ଼ିରେ ବହୁ ସ୍ଥାନରେ ଲେଖାଯାଇଛି ଏହା ସର୍ବଜନୀନ ସମ୍ପତ୍ତି, ଆପଣଙ୍କର ସମ୍ପତ୍ତି ଏହାର ଯତ୍ନ ନେବା ଦରକାର, କିନ୍ତୁ ଗାଡ଼ି ଭିତରେ ଛିଣ୍ଡା କାଗଜ, ଖାଦ୍ୟ ଟୁକୁଡା, ବାଦାମଚୋପା, ପାନପିକ ଅନେକ ପକାଇବା ଭୁଲନ୍ତି ନାହିଁ । ଗାଡ଼ିର ପାଇଖାନାକୁ ଆବର୍ଜନାମୟ ଦୁର୍ଗନ୍ଧ କରି ରଖନ୍ତି । ଏହା ଲୋକଙ୍କର ସମ୍ପତ୍ତି ନିଜସ୍ୱ ବୋଲି ଭାବି ହୁଏତ କରନ୍ତି । ଅସଭ୍ୟ କଥା ପାଇଖାନା କାନ୍ଥରେ ଲେଖିବି ଥାନ୍ତି । ମୁଁରୁ ମୋ ବାହାରିଛି ମୁଁକାର କେବେ ନିହେଉ ସେ ହେଉଛନ୍ତି ପୁରୁଷୋତ୍ତମ ପୂର୍ବରୁ ଏପରି କେହି କାର୍ଯ୍ୟକରି ମୁଁ ମୋର କହି ଦାବୀ କରିନାହାଁନ୍ତି । ଇଂରାଜୀରେ ମୁଁ ତତସମ୍ ଶବ୍ଦ ଆଇ ଅକ୍ଷର (ଆଇ) ଏହା ଏକ ସିଧା ଲମ୍ବାର ଗାର ପରି ଲେଖାହିଯାଏ । ଦିଅଁ ଗଡୁ ଗଡୁ ଦ୍ରବ୍ୟ ମାଙ୍କଡ଼ ରୂପ ନହେଉ । ଭୋଜ୍ୟ ଦ୍ରବ୍ୟ କରଣରୁ ଲୋକଙ୍କର ସ୍ୱାସ୍ଥ୍ୟ ସମସ୍ୟା ନହେଉ ଏହା ସରକାର ମୁଖ୍ୟ ଦାୟିତ୍ୱ । ସରକାରଙ୍କର ରସାୟନ ବିଶ୍ଳେଷଣ ଗବେଷଣାଗାର ଅଛି ସେଠାରୁ ବିଶ୍ଳେଷ କରି କେଉଁଟା ଦରକାରୀ ଅଦରକାରୀ ଏହା ଦର୍ଶାଯାଉ ।

କଫ-ବାତ-ପିତ୍ତ ଆର୍ଯ୍ୟୁବେଦରେ ତ୍ରିଧାରା ରୋଗ ଏହା ହିଁ କାରଣ । କେଉଁ ଖାଦ୍ୟ କେଉଁ ତତ୍ତ୍ୱ ବୃଦ୍ଧି କରେ ଏହା ଦ୍ରବ୍ୟଗୁଣରେ ଲିପିବଦ୍ଧ ଅଛି । ଏହା ବର୍ତ୍ତମାନ ଦ୍ରବ୍ୟ ନାମରେ ରହିଲେ ବି ଗୁଣରେ ନାହିଁ । ଅତଏବ ବିଜ୍ଞମାନେ ଏହା ଉପରେ ଦୃଷ୍ଟି ଦେବା ବିଶେଷ ଜରୁରୀ ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍,*
*ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ସ୍ୱାଧିନତା ସଗ୍ରାମର ପିତାମହ:ତିଳକ


ଅକ୍ଷୟ କୁମାର ରାଉତ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ ,ପରମ ପୂଜ୍ୟ,ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ)ଗଙ୍ଗାଧର ତିଳକ ପୁଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ତୁ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ର ଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁ ଙ୍କ ର ନିବନ୍ଧ ମାଳା କୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧର ଙ୍କୁ ପ୍ରଭାବିତ କରିଥିଲା ।ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧ୍ୟମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ ।ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀ ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ ।ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ ,ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ ।ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ ।ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରାଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ । ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀ ର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ୍ୟ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ । ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁର୍ନ ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପର୍ବର୍ତନକୁ ତିଳକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ୍ଣ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ । ୧୮୮୫ ଡିସେମ୍ବର ୨୮ ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶ ଗ୍ରହଣ କରିମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡରୁଲ୍', ନୀତି ଯୋଗୁଁ ବମ୍ବେ ଓ ପୁନେରେ ସଂପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା । ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଃଶୂଳ ହେଲେ । ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟି' ନାମକ ପୁସ୍ତକ ରେ ତିଳକଙ୍କୁ ସଂପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭାଗ୍ୟଜନକ ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧ୍ୟମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ । ୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା । ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା ।୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧ୍ୟକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଳକ ନିଜ ପକ୍ଷରୁ ସ୍ୱେଚ୍ଛା ସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁ ସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୮୯୭ ଜୁନ୍ ୨୨ ମଧ୍ୟରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣଟ ଆୟବଟକୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦାଣ୍ଡ ପାଇଥିଲେ ତିଳକ ର୍ନିଦୋଷ ଥିଲେ ମଧ ପିଙ୍ଗଲ କୋଡ୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତା ମାନେ ଆପତି ଉଠାଇଲେ । ସଂସଦ ଉଇଲିୟମ୍ ହଣଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ । ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସିକୃତି ଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍ ପ୍ରକାଶିତ କରିଥିଲେ । ୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନୀଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା ।ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ତାରିଖରେ କାଲିକତାରେ କହିଥିଲେ । ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଜଦି ସ୍ୱାଧିନ ହେବାକୁ ଚାହଁ, ସ୍ୱାଧିନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ । ତୁମେ ଅସ୍ୱଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦୋଳନ ତ କରିପାରିବ । ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧିନ ଦେବ । କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଖଳା ଆରମ୍ଭ ହୋଇଗଲା । ବିଶୃଖଳା ଚରମ ସିମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ । ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ ।ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର । ୧୯୦୮ ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଧରେ ସେ ସ୍ୱର ଉତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାର କର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁର ରେ ଜଜ୍ କିଙ୍ଗସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ । କେଶରୀ ପତ୍ରିକାରେ ନ୍ତଦେଶଙ୍କା ଦୁର୍ଭାଗ୍ୟନ୍ତ ଲେଖା ପାଇଁ ରାଷ୍ଟ୍ର ଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ । ହାଇକୋର୍ଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଶ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡା ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦ ପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ । ଆବେଦନ ନାମୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ ଘ ୧୨ଫୁଟକାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣି ରହୁଥିଲେ । କୁଲକର୍ଣ୍ଣି ଅସୁସ୍ଥ ହେଲେ ତିଳକ ତାଙ୍କ ସେବା କରିଥିଲେ । ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣା ମୂଳକ କୃତି ନ୍ତଦି ଓରିୟନନ୍ତ ଥିଲା । ମାଣ୍ଡେଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା । ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ଼ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଂଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ । ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦେଙ୍କ ଅଧ୍ୟକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧ୍ୟମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ । ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢ଼ିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଳକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୱରେ ସରକାର ମଣେଟଙ୍ଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନ କୁ ଗତିଶୀଳ କରିବା ଉଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣେଟଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସ ଫ୍ରୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢ଼ିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବା କୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚେୟତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନଙ୍କ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ । ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର , ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି । ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା । ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧିଜୀ ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା,ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧ୍ୟରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚ୍ଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଳକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

ପାରାଦ୍ୱୀପ ଗଡ଼, କୁଜଙ୍ଗ ,
ଜଗତସିଂହପୁର
ମୋ-୯୯୩୭୬୯୧୪୭୫




# ଧାନ ଫସଲର କୀଟ ପରିଚାଳନା

କୃଷି ଓଡ଼ିଶାର ଅର୍ଥନୀତିର ମାପକାଠି ରୂପେ ବିବେଚନା କରାଯାଉଥିବା ବେଳେ ଏହାର ଜଳବାୟୁ ଅନୁସାରେ ଅଧିକାଂଶ ଲୋକ ଧାନ ଚାଷ ଉପରେ ନିର୍ଭରଶୀଳ। ମୁଖ୍ୟତଃ ୭୦ ଭାଗ ଲୋକ ଚାଷବାସ ଉପରେ ନିର୍ଭର କରନ୍ତି। ଓଡ଼ିଶାର ବିଭିନ୍ନ ଋତୁରେ ବିଭିନ୍ନ ଚାଷ କରାଯାଇଥିଲେ ହେଁ ଧାନ



ପ୍ରସ୍ତୁତି- **ଡ଼ି ଶୁଭମ୍**
ସଂଯୋଜକ, କୃଷି ଦୁନିଆ

ମୁଖ୍ୟ ଚାଷ ଅଟେ। ମୁଖ୍ୟତଃ ଖରିଫ ଋତୁର ଆରମ୍ଭରେ ଧାନ ଚାଷ କରାଯାଇଥାଏ, ପରନ୍ତୁ ଧାନ ଚାଷର କେତେକ କ୍ଷତିକାରକ କୀଟ ଏହାର ଉତ୍ପାଦନରେ ହ୍ରାସ କରାଇଥାଏ। ବର୍ତ୍ତମାନ ସମୟରେ ଧାନ ଫସଲରେ କୀଟ ପରିଚାଳନା ଏକ ମୁଖ୍ୟ ଚିନ୍ତା ଭାବେ ଉଭା ହୋଇଛି। ତେବେ ଆସନ୍ତୁ ନଜର ପକେଇବା ଧାନ ଫସଲର ପ୍ରମୁଖ କୀଟମାନଙ୍କ ଉପରେ...

**ଚକଡା ପୋକ-** ଧାନ ର ଏକ ପ୍ରମୁଖ ଉତ୍ପାଦନ ହ୍ରାସକାରୀ କୀଟ ଭାବେ ଚକଡା ପୋକ ବେଶ ଜଣାଶୁଣା। କୃଷି ବିଜ୍ଞାନରେ ଏହାକୁ 'ବ୍ରାଉନ ପ୍ଲାଣ୍ଟ ହୋପର' ବୋଲି କୁହାଯାଏ। ତେବେ ଚକଡା ପୋକ ମୁଖ୍ୟତଃ ତିନୋଟି ସ୍ତର ଦେଇ ଗତି କରିଥାଏ-ଅଣ୍ଡା-ଅର୍ଭକ-ପୂର୍ଣ୍ଣାଙ୍ଗ କୀଟ। ପୂର୍ଣ୍ଣାଙ୍ଗ କୀଟ ଦେଖିବାକୁ ମାଟିଆ ରଙ୍ଗର ସ୍ତ୍ରୀ କୀଟଟି ୫ମି.ମି ଲମ୍ବା ହୋଇଥିବା ବେଳେ ପୁରୁଷ କୀଟଟି ୪-୪.୫ ମି.ମି ଭିତରେ ଲମ୍ବାଥାଏ। ପତ୍ର ର ମଝି ଭାଗରେ ଅଣ୍ଡା ଗୁଡିକ ଦେଖାଯାଏ (୨-୧୨) ଅଣ୍ଡା ଟି ଧଳା ଓ ବଙ୍କା ଆକୃତିର ହୋଇଥାଏ। ସମ୍ପୂର୍ଣ୍ଣ ଜୀବନ ଚକ୍ର ୧୮-୨୨ ଦିନ ଭିତରେ ଶେଷ ହୋଇଥାଏ।

ଲକ୍ଷଣ- ଏହାର ପୂର୍ଣ୍ଣାଙ୍ଗ କୀଟଟି ଗଛର ତଳ ଭାଗର ରସକୁ ଶୋଷି ଶୋଷି ଖାଇଯାଇଥାଏ। ଖାଇବା ସମୟରେ ଏହା ଏକ ବିଷାକ୍ତ ପଦାର୍ଥ ନିର୍ଗତ କରିଥାଏ। ଯାହା ଫଳରେ (ହୋପର ବର୍ନ) ଲକ୍ଷଣ ଦେଖାଯାଇଥାଏ। ପତ୍ର ଗୁଡ଼ିକ ହଳଦିଆ ପଡିଯିବା ସହିତ ଗୋଲାକୃତି ଆକାରରେ ଗଛ ଶୁଖିଯାଏ। ଏହା ଯେଉଁ ଧାନ ଗଛକୁ ଆକ୍ରମଣ କରିଥାଏ, ତାହାର କାଣ୍ଡ ଭାଗ ଶୁଖିଯାଏ ଓ ଏହା ଭବିଷ୍ୟତରେ କୁଟା ହୋଇପାରେ ନାହିଁ।

ପ୍ରତିକାର - * ଚକଡା କୀଟ



ଆକ୍ରାନ୍ତ ଜମିରେ ଏକ କିସମକୁ ଦ୍ୱିତୀୟ ଥର ବ୍ୟବହାର କରନ୍ତୁ ନାହିଁ।

* ସହନଶୀଳ କିସମ ଯଥା ଗୋଦାବରୀ, କ୍ରିଷ୍ଣାଭେନି, ଚୈତନ୍ୟ ପ୍ରଭୃତି ବ୍ୟବହାର କରିବା ଆବଶ୍ୟକ।

* ଧାନ ଜମିର ମଝି ଭାଗରେ କନ୍ଦି କରନ୍ତୁ। ଏହାଦ୍ୱାରା ଉପଯୁକ୍ତ ସୂର୍ଯ୍ୟାଲୋକ ମିଳିପାରିବା ସହ ଆର୍ଦ୍ରତା ନିୟନ୍ତ୍ରଣ ହୋଇପାରିବ।

* ଜମିରୁ ଅନାବନା ଘାସ ଉପାଡିଦିଅନ୍ତୁ।

* ପୋକର ଗତିବିଧି ଲକ୍ଷ୍ୟ କରି କୀଟନାଶକ ବ୍ୟବହାର କରନ୍ତୁ।

* ଗଛର ତଳଭାଗକୁ କାର୍ବୋଫ୍ୟୁରାଣ ଦାନା ଏକରକୁ ୧୦ କି.ଗ୍ରା, ଏସିଫେଟ ଏକଲିଟର ପାଣିରେ ୧୫ କି.ଗ୍ରା ମିଶାଇ ୩-୪ ଥର ସ୍ପ୍ରେ କରନ୍ତୁ।

ନଳି ପୋକ- ଏହା ଧାନ ଫସଲର କ୍ଷତିକାରକ କୀଟ ମଧ୍ୟରେ ଅନ୍ୟତମ। ଏହାର ଶୁକ ଗୁଡ଼ିକ ଫିକା ସବୁଜ ରଙ୍ଗର ଓ ସଦାବେଳେ ପତ୍ରର ନଳୀ ଭିତରେ ଅବସ୍ଥାନ କରିଥାନ୍ତି।

ଏମାନେ ଫିମ୍ବରୁ ବାହାରିବା ପରେ ଧାନ ପତ୍ରର ଅଗ ଭାଗକୁ କାଟି ଛୋଟଛୋଟ ନଳୀ ତିଆରି କରନ୍ତି। ନଳୀ ଭିତରେ ରହି ପତ୍ରର ସବୁଜ କଣିକାକୁ କୋରି କୋରି ଖାଇଥାନ୍ତି। ଏହି ନଳୀ ଗୁନିକ ପାଣିରେ ସହଜରେ ଭାସି ପାରେ।

ପ୍ରତିକାର - ଏହି ପୋକ ଦାଉରୁ ରକ୍ଷା ପାଇବା ପାଇଁ କୁଇନାଲଫସ ୨୫ଇସି ୨ମିଲି ପ୍ରତି ଲିଟର ପାଣିରେ ପ୍ରୟୋଗ କରି ଜମିରେ ପ୍ରୟୋଗ କରନ୍ତୁ।

ସ୍ୱାମିଙ୍ଗ ସଁବାଳୁଆ - ଏହା ଦେଖିବାକୁ ଗାଢ଼ ସବୁଜ ରଙ୍ଗର ଶୁକ। ଏହାର ନିୟନ୍ତ୍ରଣ ପାଇଁ ଜମିରୁ ସଠିକ ଭାବେ ଜଳ ନିଷ୍କାସନ କରିବା ଆବଶ୍ୟକ।

କାହାଳିଆ ପୋକ - ଏହା ସାଧାରଣତଃ ବର୍ଷାଦିନିଆ ଉଧାନ ଫସଲରେ ଦେଖାଯାଇଥାଏ। ପିଲ ଦେଉଥିବା ଅବସ୍ଥାରେ ପିଲ ଭିତରେ ପଶି କଅଁଳିଆ ମଂଜିର ଅଗ୍ରଭାଗକୁ ଖାଇଥାନ୍ତି। ଫଳରେ ପିଲଟି କାହାଳୀ ସଦୃଶ ହୋଇ ବଢ଼ିଥାଏ। କେଣ୍ଡାର ଧାରଣ ଶକ୍ତି କମିଥାଏ।

ପ୍ରତିକାର- ସଙ୍ଗ ଆକର୍ଷକ ଯନ୍ତା ବ୍ୟବହର କରିବା ଉଚିତ୍।

-ପଟାସ ସାର ବ୍ୟବହାର କରିବା ଦରକାର।

-କାର୍ବୋସଲଫନ୍ ୨୫%ଇସି ୨ମିଲି ପ୍ରତି ଲିଟର ପାଣିରେ ଜମିରେ ସିଂଚନ କରିବା ଆବଶ୍ୟକ।

ମାଟିଆଗୁଣ୍ଡି ପୋକ - ଏହା ମାଟିଆ ଓ ବାଦାମୀ ରଙ୍ଗର ଶୋଷକ କୀଟ ଅଟେ। ବର୍ଷାଦିନିଆ ଓ ଡ଼ାଲୁଅ ଧାନରେ ଏହା ବହୁଳ କ୍ଷତି କରିଥାଏ। ଏହା ଧାନ ବୁଦା ମୂଳରେ ଜଳପତନର ଠିକ ଉପର ଭାଗରେ ରହି କାଣ୍ଡରୁ ରସ ଶୋଷି ଖାଇଥାଏ। ଏହାର ଆକ୍ରମଣରେ ପ୍ରଥମେ ପତ୍ର ଗୁଡ଼ିକ ହଳଦିଆ ପଡ଼ିଯାଏ ଓ ଶେଷରେ ଧାନଗୁଡ଼ିକ ମରିଯାଏ। ଫୁଲ ଧରିବା ସମୟରେ ଏମାନଙ୍କ ପ୍ରାଦୁର୍ଭାବ ବେଶୀ ଥାଏ।

ପ୍ରତିକାର- ସଙ୍ଗଆକର୍ଷକ ଯନ୍ତାର ବ୍ୟବହାର କରିବା

ଇମିଡ଼ାକ୍ଲୋପିଡ଼୍ ୦.୨୫ମିଲି ପ୍ରତି ଲିଟର ପାଣିରେ ପକାଇ ସିଂଚନ କରିବା।

(ସମ୍ପାଦକ-ଶ୍ୟାମଳ ସୁବର୍ଣ୍ଣ,
ବାସୁଦେବପୁର,ଭଦ୍ରକ,
ମୋ:୯୪୩୮୪୬୭୦୭୯)

# ନଡ଼ିଆ ଫସଲରେ ଗଣ୍ଡାପୋକ ଦମନ

**ଜୀବନ ଚକ୍ର :**

ଗଣ୍ଡାପୋକ ବା ରାଇନୋସରସ ବିଟିଲ ଏକ ଉତ୍ତମ ପ୍ରଜନନକ୍ଷମ ଅନିଷ୍ଟକାରୀ କୀଟ, ଯାହାର ପ୍ରାଦୁର୍ଭାବ ସମସ୍ତ ଜଳବାୟୁ ଓ ପରିବେଶରେ ଦେଖାଯାଇଥାଏ। ଏହାର ଜୀବନ ବୃତ୍ତାନ୍ତ ଅଧ୍ୟନ କଲେ ଜଣାଯାଏ ଯେ ଏହି କୀଟ ଗୋବର, ଖତଗଦା, ମୃତ ଓ ବିଘଟିତ ଜୈବିକ ପଦାର୍ଥର ଧ୍ୱଂସାବଶେଷରେ ମଧ୍ୟ ନିଜର ପ୍ରଜନନ କାର୍ଯ୍ୟ କରି ବଂଶବିସ୍ତାର କରିପାରେ ଓ ହାରାହାରି ୧୭୧ ଦିନ ମଧ୍ୟରେ ଏହାର ଜୀବନଚକ୍ର ପରିସମାପ୍ତ ହୁଏ। ତନ୍ମଧ୍ୟରୁ ଅଣ୍ଡା ଅବସ୍ଥା ୧୦ ଦିନ, ଶୁକ ଅବସ୍ଥା ୧୩୦ ଦିନ ଓ କୋଷା ଅବସ୍ଥା ୨୦ ଦିନରେ ଶେଷ ହୁଏ। ପୂର୍ଣ୍ଣାଙ୍ଗ ପ୍ରାପ୍ତ କୀଟଟି କୋଷରୁ ବାହାରିବା ପରେ ୫-୨୬ ଦିନ ପର୍ଯ୍ୟନ୍ତ ବିଶ୍ରାମ କରେ ଏବଂ ତପ୍ତରେ ନଡ଼ିଆ ଗଛର ଅଗ୍ରଭାଗକୁ ଉଡ଼ି ଚାଲିଯାଏ। ଏହି କୀଟରେ ଅଣ୍ଡିରା ପୂର୍ଣ୍ଣାଙ୍ଗ କୀଟଟି ୧୨୦ ଦିନ ବଂଚିଥିବା ବେଳେ ମାଈ କୀଟଟି ହାରାହାରି ୧୪୨ ଦିନ ଜୀବନ ଧାରଣ କରିଥାଏ। ଫେବୃୟାରୀରୁ ଏପ୍ରିଲ ଏବଂ ସେପ୍ଟେମ୍ବରରୁ ଅକ୍ଟୋବର ମଧ୍ୟରେ ଏହି ପୋକ ସର୍ବାଧିକ ଅଣ୍ଡା ଦେଇଥାଏ।

**କ୍ଷତି :**

ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକଟି ସାଧାରଣତଃ ନଡ଼ିଆଗଛର ବାହୁଙ୍ଗା ଏବଂ ଫୁଲକୁ ମାତ୍ରାଧିକ ଆକ୍ରମଣ କରି କ୍ଷତି ପହଞ୍ଚାଏ। ଏହି ପୋକ ଆକ୍ରମଣ ନଡ଼ିଆ ଫସଲରେ ହାରାହାରି ୧୦ ପ୍ରତିଶତ ଅମଳ ହ୍ରାସ କରେ। ୩-୧୦ ବର୍ଷ ବୟସ ଗଛ ଗୁଡ଼ିକରେ ଏହି ପୋକର ଆକ୍ରମଣ ଜନିତ କ୍ଷତି ଅଧିକ ହୋଇଥାଏ। ଆକ୍ରମିତ ବାହୁଙ୍ଗା ଗୁଡ଼ିକର ପତ୍ର କଟିଯାଇଥିବା ଲକ୍ଷ୍ୟ କରାଯାଏ। ଏହାକୁ ବୈଜ୍ଞାନିକ ଭାଷାରେ ଜିଓମେଟ୍ରିକ କଟ୍, ଫ୍ୟାନକଟ୍ ବୋଲି କୁହାଯାଏ। ସାଧାରଣତଃ ବିଶେଷ ଆକ୍ରମଣ ହୋଇ ନଥିଲେ ଗୋଟିଏରୁ ଦୁଇଟି ପତ୍ର କଟିଥାଏ। ଯଦି ଏହି ପୋକର ପ୍ରାଦୁର୍ଭାବ ମାତ୍ରାଧିକ ହୁଏ ଓ ଏହାର ଆର୍ଥିକ ଦେହଳୀ ସୀମା ଉଲ୍ଲଂଘନ କରେ, ସମସ୍ତ ପତ୍ର ଏହିଭଳି କଟିଥିବା ଲକ୍ଷ୍ୟ କରାଯାଏ। ଏହା ବ୍ୟତୀତ ସମ୍ପୂର୍ଣ୍ଣ ଖୋଲି ନଥିବା ବାହୁଙ୍ଗା ମୂଳରେ



ଭୁବନାନନ୍ଦ ଅଧିକାରୀ
*କୀଟ ଟିଏ କଥା ଟିଏ - ୪*

ଆୟତକାର କଣା ଦେଖାଯାଏ ଏବଂ ଏହି କଣା ପାଖରେ ପୋକ ଦ୍ୱାରା ନଷ୍ଟ ହୋଇଥିବା ବୃକ୍ଷର ତନ୍ତୁଗୁଡ଼ିକର ଅବଶିଷ୍ଟାଂଶ ଦେଖିବାକୁ ମିଳେ। ମାତ୍ରାଧିକ କ୍ଷତି ହେବା ପୂର୍ବରୁ ଏହି ପୋକର ଦମନ ନ କରାଗଲେ ନଡ଼ିଆଗଛ ଅନ୍ୟ କ୍ଷତିକାରୀ କୀଟ ଆକ୍ରମଣ ତଥା କବକଜନିତ ରୋଗ ଆକ୍ରମଣ ପାଇଁ ଉପଯୋଗୀ ହୋଇଯାଏ।

**ନିୟନ୍ତ୍ରଣ :**

ଏହି କୀଟର ନିୟନ୍ତ୍ରଣ ପାଇଁ ପ୍ରଥମେ ପରିଷ୍କାର ପରିଚ୍ଛନ୍ନ ଚାଷ ପ୍ରଣାଳୀ ଅବଲମ୍ବନ ଆବଶ୍ୟକ। ଗଛର ଆଖପାଖ ପରିଷ୍କାର ରଖିବା ସହ ଗଛରେ ଥିବା ମୃତଅଂଶ, ପଚା ଅଂଶ, ପତ୍ରଗୁଡ଼ିକୁ ସମୟାନୁସାରେ କାଟି ସଫା କରିବା ଦ୍ୱାରା ଏହି ପୋକ ଆକ୍ରମଣରୁ ରକ୍ଷା ମିଳେ। ଏହି ପୋକ ଦ୍ୱାରା ସୃଷ୍ଟି ଆୟତକାର ଗଣାରେ ସ୍ପୋକ ବା ଏକ ସରୁ ତାର ପୂରାଇ ପୂର୍ଣ୍ଣାଙ୍ଗପ୍ରାପ୍ତ ପୋକକୁ ଧରି ତାକୁ ନଷ୍ଟ କରିବା ମଧ୍ୟ ଜରୁରୀ। ନଡ଼ିଆ ବାହୁଙ୍ଗା ବାହାରିଥିବା ଗଛର ଅଂଶ ବା କନ୍ଦରେ ସେଭିଡଲ ୨୫ ଗ୍ରାମ ଓ ସରୁବାଲି ୨୦୦ ଗ୍ରାମର ମିଶ୍ରଣ ବା ଫୋରେଟ୍ ଓ ବାଲିର ମିଶ୍ରଣକୁ ପ୍ରୟୋଗ କଲେ ଏହାର ଉତ୍କଟ ଗନ୍ଧ ଦ୍ୱାରା ଏହି ପୋକଗୁଡ଼ିକ ଫସଲ ଆଡ଼କୁ ଆକର୍ଷିତ ହୁଅନ୍ତି ନାହିଁ। ଯାହାଦ୍ୱାରା ଆକ୍ରମଣଜନିତ କ୍ଷତି ହ୍ରାସପାଏ। ଜୈବିକ ଉପାୟରେ ଏହି ପୋକର ମଧ୍ୟ ନିୟନ୍ତ୍ରଣ ସମ୍ଭବପର। ଏହି କୀଟକୁ ନିୟନ୍ତ୍ରଣ କରୁଥିବା ଭୂତାଣୁ ବା ବ୍ୟାକୁଲୋ ଭାଇରସର ପ୍ରୟୋଗ ବା କୀଟ ବିନାଶକାରୀ କବକ ମେଟାରିଜିୟମ୍ ଆନିସୋପିଲେର ପଇଡ଼ପାଣି ବା ମକାଗୁଣ୍ଡ ବା କୁଣ୍ଡାରେ ବଂଶବିସ୍ତାର କରାଇ ଏହି କବକର ସ୍ପୋରକୁ ଗଛ ପାଖରେ ଥିବା ଖତଗଦାରେ କ୍ୟୁବିକ୍ ମିଟର ପ୍ରତି ୫ ଢ ୧୦୧୧ ସ୍ପୋର ପ୍ରୟୋଗ ଦ୍ୱାରା ଏହି କୀଟ ଦମନ ସମ୍ଭବପର ହୋଇଥାଏ। କେତେକ ଉପକାରୀ କୀଟ ମଧ୍ୟ ଅଛନ୍ତି ଯେଉଁମାନେ ଏହି ଗଣ୍ଡାପୋକକୁ ବିନାଶ କରିବାରେ ସାହାଯ୍ୟ କରନ୍ତି। କିନ୍ତୁ ଆମ ରାଜ୍ୟରେ ବା ପ୍ରାକୃତିକ ଅବସ୍ଥାରେ ଏହାର ପ୍ରୟୋଗ ଏତେଟା ସଫଳକାମୀ ହୋଇ ନଥାଏ। ଜୈବିକ ନିୟନ୍ତ୍ରଣର ଅନ୍ୟ ପ୍ରମୁଖ ଦିଗ ସ୍ୱରୂପ କୀଟ ନିୟନ୍ତ୍ରକ ସୂତ୍ରକୃମିର ଉତ୍ପାଦଡିଡି ୧୩୬ର ପ୍ରୟୋଗ କଲେ ଏହାର ପ୍ରଭାବରେ ଗଣ୍ଡାପୋକର ଶୁକ ବା କୋଷାଗୁଡ଼ିକର ଦମନ ସମ୍ଭବ ହୁଏ। ଏହି ସୂତ୍ରକୃମି ଜାତ ଉତ୍ପାଦର ପ୍ରୟୋଗ ଦ୍ୱାରା ୬୦-୧୦୦ ପ୍ରତିଶତ କୀଟ ଦମନର ନଜିର ରହିଛି। ଏତଦ୍ ଭିନ୍ନ କ୍ଷତିକାରୀ ଗଣ୍ଡାପୋକର ସଂଘ ଆକର୍ଷକ ଯନ୍ତା ବସାଇ (୫ ଏକରକୁ ୧ଟି ଯନ୍ତା ବସାଇବାର ୬୦ ଦିନ ପରେ ଆକ୍ରମଣ ଜନିତ କ୍ଷତିକୁ ୮୦ ପ୍ରତିଶତ କମାଇ ଦିଆଯାଇପାରେ। ଏହିସବୁ ଅଣରାସାୟନିକ ନିୟନ୍ତ୍ରଣ ବ୍ୟତୀତ ସମୟାନୁସାରେ ଗଛ ନିକଟରେ ଥିବା ଖତଗଦା ବା କମ୍ପୋଷ୍ଟ ପିଟରେ ବାର୍କାଟିଲ ୫୦ ପ୍ରତିଶତ ଗୁଣ୍ଡ ଲିଟରେ ପ୍ରତି ୩ ଗ୍ରାମ ଦ୍ରବଣକୁ ସିଞ୍ଚନ କଲେ ଏହି କୀଟ ଆକ୍ରମଣରୁ ରକ୍ଷା ମିଳେ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଚାଷୀଭିମାନେ ନିଜେ ନିଜ ଫସଲ ସମସ୍ୟା ପାଇଁ ସମାଧାନ ଉପାୟ ନ ଭାବି ପାଖରେ ଥିବା କୃଷି ବିଜ୍ଞାନ କେନ୍ଦ୍ର ବା କୃଷି ଅନୁସନ୍ଧାନ ଓ ବୈଷୟିକ ଜ୍ଞାନକୌଶଳ କେନ୍ଦ୍ର, କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ବା ଓଡ଼ିଶା କୃଷି ବୈଷୟିକ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ପରିଚାଳନା କଲେ ସେମାନେ ଫସଲ ସବସ୍ୟା ଦୂର କରିବା ସହ ନିଜର ଜ୍ଞାନ ପରିସର ମଧ୍ୟ ବଢ଼ାଇ ପାରିବେ।

ମୋ- ୯୫୮୩୨୮୫୪୯୯

# କପା ଫସଲରେ ପୋକ ପରିଚାଳନାରେ ଉପକାରୀ କୀଟର ଭୂମିକା

ଦୀପାୟନ ପାଢ଼ୀ

*କପା ଏକ ମୁଖ୍ୟ ଅର୍ଥକାରୀ ଫସଲ। ଏହାର ଆବଶ୍ୟକତା ଏବଂ ଉତ୍ପାଦନ କ୍ଷମତାକୁ ଆଖି ଆଗରେ ରଖି ଏହାକୁ 'ଧଳା ସୁନା' ମଧ୍ୟ କୁହାଯାଏ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲର ବିଭିନ୍ନ ପ୍ରକାରର ଅପକାରୀ ପୋକର ପ୍ରାଦୁର୍ଭାବ ବଢ଼ି ଚାଲିଛି ଯଥା ବିଭିନ୍ନ ପ୍ରକାରର ଶୋଷକ ପୋକ, ପତ୍ରଖିଆ ପୋକ ଏବଂ ଫଳବିନ୍ଧା ପୋକ। ପ୍ରଥମେ ପ୍ରଥମେ ଏହି ପୋକମାନଙ୍କ ନିରାକରଣ ପାଇଁ ରାସାୟନିକ କୀଟନାଶକ ବ୍ୟବହାର କରିବା ଦ୍ୱାରା ପୋକର ପ୍ରାଦୁର୍ଭାବକୁ କମାଯାଇ ପାରୁଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତି ଅଲଗା। ବର୍ତ୍ତମାନ ପରିସ୍ଥିତିରେ ଏହି ଫସଲକୁ ଆକ୍ରମଣ କରୁଥିବା ପୋର ନିୟନ୍ତ୍ରଣ ନିମନ୍ତେ ସବୁଦାୟ ଫସଲରେ ବ୍ୟବହୃତ ରାସାୟନିକ କୀଟନାଶକର ଶତକଡ଼ା ୫୦ ଭାଗ କେବଳ କପା ଫସଲରେ ପ୍ରୟୋଗ କରାଯାଏ। ଏହା ଯୋଗୁଁ ପରିବେଶ ପ୍ରଦୂଷଣ ସହିତ ପୋକ ମାନଙ୍କର ସହନଶକ୍ତି ବଢ଼ି, ଏହା ନୂଆ ସମସ୍ୟା ସୃଷ୍ଟି କରେ। ଏଠାରେ ଏହା କୁହାଯାଇପାରେକି, ଆମେ ପୋକ ନିୟନ୍ତ୍ରଣ ପାଇଁ କେବଳ ରାସାୟନିକ ପଦ୍ଧତି ଉପରେ ନିର୍ଭର କରିପାରିବା ନାହିଁ।*

*ଏହି କାରଣ ଯୋଗୁଁ ସମନ୍ୱିତ କୀଟ ପରିଚାଳନାର ସୃଷ୍ଟି। ଜୈବିକ ନିୟନ୍ତ୍ରଣ ପଦ୍ଧତି, ସମାନ୍ୱିତ କୀଟ ପରିଚାଳନା ବ୍ୟବସ୍ଥାର ଏକ ଅବଚ୍ଛେଦ୍ୟ ଅଙ୍ଗ। ଫସଲ ପରିବେଶରେ ଅପକାରୀ କୀଟ ସହିତ ଉପକାରୀ କୀଟ ପରାଶ୍ରୟୀର ଉପଯୁକ୍ତ ସଂରକ୍ଷଣ, ବଂଶବୃଦ୍ଧି ଏବଂ ଆବଶ୍ୟକ ଅନୁଯାୟୀ ପ୍ରୟୋଗ ଦ୍ୱାରା ଅନିଷ୍ଟକାରୀ କୀଟ ମାନଙ୍କର ଆଶାତୀତ ବୃଦ୍ଧିରେ ବାଧା ଉପୁଜେ। ଜୈବ ନିୟନ୍ତ୍ରଣ ଏକ ମିତବ୍ୟୟୀ, ଯୁକ୍ତିଯୁକ୍ତ ଓ ଦୀର୍ଘସ୍ଥାୟୀ କୀଟ ନିୟନ୍ତ୍ରଣ ପଦ୍ଧତି ହେଇଥିବାରୁ ଅତ୍ୟଧିକ କୀଟନାଶକ ପ୍ରୟୋଗର ଆବଶ୍ୟକତା ପଡ଼ି ନଥାଏ।*

*ଏହି ବିଷୟବସ୍ତୁରେ କପା ଫସଲରେ ଦେଖାଯାଉଥିବା କେତେକ ମୁଖ୍ୟ ପରଭୋଜୀ କୀଟ ଏବଂ ପରାଶ୍ରୟୀ କୀଟ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଛି।*

ପରଭୋଜୀ କୀଟ :

**ଇନ୍ଦ୍ରଗୋପୀ ଭୃଙ୍ଗ (Lady bird beetle):**

ଏହାର ଅନ୍ୟ ନାମ କାନ୍ଦୁଲ ଫାଳିଆ ପୋକା ପୂର୍ଣ୍ଣାଙ୍ଗ କୀଟଟି ଦେଖିବାକୁ ଗୋଲାକାର, ଲାଲ, କମଳା ଓ ନାରଙ୍ଗି ରଙ୍ଗର ହୋଇଥାନ୍ତି। କିନ୍ତୁ ଭୃଙ୍ଗ ଗୁଡ଼ିକଲମ୍ବାଳିଆ ଏବଂ ପଛଭଗତି ତିନିକୋଣିଆ। ଏହି ପୋକଟି ଅଣ୍ଡାରୁ ପୂର୍ଣ୍ଣାଙ୍ଗ ଅବସ୍ଥାରେ ପରିଣତ ହେବା ପାଇଁ ପାଖାପାଖି ୨ ରୁ ୩ ସପ୍ତାହ ଆବଶ୍ୟକ କରିଥାଏ। ଏହି ପୋକ ଗୁଡ଼ା ଜଉପୋକ ମେଳନୀ ସ୍ଥାନରେ ଧାଡ଼ିରେ ୧୫୦ରୁ ୨୦୦ଟି ଅଣ୍ଡା ଦିଅନ୍ତି।

ଏହାର ସୁକ ପୋକଟିକୁ ଠିକ୍ ଭାବରେ ନଚିହ୍ନି ପାରିବା ଦ୍ୱାରା ବେଳେବେଳେ ଏହାକୁ ଲୋକେ ଭୁଲରେ ପରଭୋଜୀ ଭାବିନିଅନ୍ତି। ଦିନବେଳେ ଏହି ଭୃଙ୍ଗ ସବୁ ବିଶେଷ ଭାବରେ ସକ୍ରିୟ ହୋଇଥାନ୍ତି। ଏହି କୀଟ ବିଶେଷ ଭାବରେ ଶୋଷକ ପୋକଙ୍କୁ ଖାଏ। ଯଥା- ଜଉପୋକ, ପତ୍ରଡିଆଁ ପୋକ, ଧଳା ମାଛିର ଅର୍ଭକ, ପାତ୍ର ଉକୁଣି ଇତ୍ୟାଦି। ସୁକ ଅବସ୍ଥାରେ ଏମାନେ ଅଧିକ ପୋକ ଖାଇନିଅନ୍ତି (ହାରାହାରି ୪୫ଟି ପୋକ/ଦିନ)

**ବୁଢ଼ିଆଣୀ :**

କପା ଫସଲରେ ସାଧାରଣତ ଦୁଇ ପ୍ରକାରର ପରଭୋଜୀ ବୁଢ଼ିଆଣୀ ଦେଖାଯାନ୍ତି। କିଛି ଅପକାରୀ କୀଟକୁ ସିଧାସଳଖ ଖାଇନିଅନ୍ତି, ତ କିଛିଜାଲ ତିଆରି କରି ଜାଲରେ ପଡ଼ିବା କୀଟମାନଙ୍କୁ ଖାଇ ନିଅନ୍ତି। କପା ଫସଲରେ ବିଭିନ୍ନ ପ୍ରକାରର ବୁଢ଼ିଆଣୀ ଯଥା- ଲମ୍ବା ଦାନ୍ତିଆ ବୁଢ଼ିଆଣୀ, ବାଘୁଆ ବୁଢ଼ିଆଣୀ, ପତ୍ରଡ଼ିଆଁ ବୁଢ଼ିଆଣୀ ଇତ୍ୟାଦି ଦେଖାଯାନ୍ତି। ଏମାନେ ଶୋଷକ ପୋକର ଅର୍ଭକ ତଥା ପତ୍ରଖିଆ ଏବଂ ଫଳବିନ୍ଧା ପୋକମାନଙ୍କର ଶୁକକୁ ଭକ୍ଷଣ କରନ୍ତି।

**ସିରଫିଡ଼ ମାଛି :**

ବଡ଼ ବା ପୂର୍ଣ୍ଣାଙ୍ଗ ମାଛି ଫୁଲର ମଧୁ ବା ପରାଗରେଣୁ ଖାଇ ବଂଚିଥାଏ। ମାଈ ପୂର୍ଣ୍ଣାଙ୍ଗ ମାଛି ଜଉପୋକ ଦଳରେ ଅଣ୍ଡା ଦେଇଥାଏ। ଅଣ୍ଡାରୁ ଶୂକ (ଗୋଡ଼ ବିହିନ ଏବଂ ମୁଣ୍ଡ ସରୁ ଓ ପଛ ଭାଗଟି ଓସାରିଆ) ହେବା ପାଇଁ ଏହା ୩ ରୁ ୪ ଦିନ ନେଇଥାଏ। ପୂର୍ଣ୍ଣାଙ୍ଗ ମାଛିର ପେଟ ପାଖରେ ହଳଦିଆ ଏବଂ କଳା ରଙ୍ଗର ଦାଗ ଥାଏ। ସାଧାରଣତ ମାଛି ଶୂକଟି ଯଉପୋକର ଅର୍ଭକର ରସ ଶୋଷି କେବଳ ଖୋଳପାକୁ ଛାଡ଼ି ଦିଅନ୍ତି। ଏହାର ଶୂକ ପୋକଟି ଦିନକୁ ହାରାହାରି ୫୭ଟି ଜଉପୋକ ଖାଇଥାଏ।

**କ୍ରାଇସୋପର୍ଲା :**

ଏହାକୁ ଜଉପୋକର ଖାଦନ ବୋଲି ମଧ୍ୟ କୁହାଯାଏ। ପୂର୍ଣ୍ଣାଙ୍ଗ ମାଈ ପୋକଟି ରେଶମ ସୂତାରେ ଗୋଟି ଗୋଟି କରି ଅଣ୍ଡା ଦିଏ। ମୁଖ୍ୟତଃ ଶୁକ ଗୁଡ଼ିକ ଜଉପୋକ ଅର୍ଭକ ଖାଇଥାନ୍ତି। ଶୁକ କୀଟର ଦା ଆକାରର ଦୁଇଟି ଦାନ୍ତ ଥାଏ। ଯାହାଦ୍ୱାରା ଏମାନେ କୀଟ ଶରୀରରୁ ରସ ଶୋଷଣ କରିନିଅନ୍ତି। ଜଉପୋକ ବ୍ୟତୀତ ଏମାନେ ଅନ୍ୟ ନରମ ଶରୀର ବିଶିଷ୍ଟ କ୍ଷୁଦ୍ର କୀଟମାନଙ୍କର ନିୟନ୍ତ୍ରଣରେ ସହାୟକ ହୋଇଥାନ୍ତି ଏହା ଦିନକୁ ହାରାହାରି ୪୬ ଜଉପୋକ ଖାଇଥାଏ।

**ଶିକାରୀ ଝିଣ୍ଟିକା :**

ଏହା ଏକ ସର୍ବକୀଟଭୋଜୀ ପୋକ। ଏହା ସବୁ ପ୍ରକାର ଫସଲରେ ଦେଖାଯାଏ। ଏହାର ଆଗ ଗୋଡ଼ ଦୁଇଟି ଟାଣ, କଣ୍ଟା କଣ୍ଟା ଓ ଶିକାର ଧରିବାରେ ସହାୟକ ହୋଇଥାଏ। ଏହାର ମୁଣ୍ଡଟି ଚାରି ଦିଗକୁ ଘୂରିପାରେ। ଏହାର ମାଈ ପୋକଟି ଏକ ଟାଣ ଆବରଣ ମଧ୍ୟରେ ଅଣ୍ଡା ଦେଇଥାଏ। ଏଥିରେ ଅର୍ଭକ ଓ ପୂର୍ଣ୍ଣାଙ୍ଗ କୀଟ ଅନ୍ୟ କୀଟ ମାନଙ୍କୁ ଖାଇଥାନ୍ତି। ଏହି ଉପକାରୀ ପୋକଟି ଗୋଟିଏ ଦିନରେ ହାରାହାରି ୪ଟି ଶୂକ ପୋକ ଖାଇପାରେ।

**ରେଡୁଭିଡ଼ ବଗ ବା ହତ୍ୟାକାରୀ ପୋକ :**

ହତ୍ୟାକରୀ ପୋକ ଏକ ବିଶେଷ ଧରଣର ଉପକାରୀ କୀଟ। ଏହା ନିଜ ଠାରୁ ଭାରି ଓ ବଡ଼ ଆକାରର କୀଟ ମାନଙ୍କୁ ଶିକାର କରିଥାନ୍ତି। ଏହି ହତ୍ୟାକାରୀ କୀଟ ମୁଖ୍ୟତଃ ଶୂକ ପୋକ, ଜଉପୋକ ଓ ଅନ୍ୟ ପୋକମାନଙ୍କର ଅଣ୍ଡା ଖାଏ। ଏହା ନିଜର ଶୁଣ୍ଢ ଦ୍ୱାରା ଶିକାର ଶରୀର ମଧ୍ୟରେ ଏକ ବିଷାକ୍ତ



ପଦାର୍ଥ ଛାଡ଼ିଥାଏ। ତଦ୍ୱାରା ଶିକାର ପୋକଟି ନିସ୍ତେଜ ହୋଇଥାଏ, ଯାହାକି ଶିକାରୀ ପୋକକୁ ଶିକାର ଠାରୁ ରସ ଶୋଷିବାରେ ସହାୟକ ହୋଇଥାଏ। ଏହା ଦିନକୁ ହାରାହାରି ୬ଟି ଶୂକପୋକକୁ ଶିକାର କରେ।

ପେଣ୍ଟାଟୋମିଡ଼ (ପଞ୍ଚକୋଣୀ)

**ବଗ ବା ଢ଼ାଲ ବଗ :**

ଏହାର ମାଈ ପୋକଟି ପତ୍ରର ଉପରି ଭାଗରେ ଉଜ୍ଜ୍ୱଳ ଧାତୁ ରଙ୍ଗର ଅଣ୍ଡା ଧାଡ଼ିରେ ଦେଇଥାନ୍ତି। ଏହିପୋକ ଗୁଡ଼ିକ ନିଜ ଲମ୍ବା ଶୁଣ୍ଢ ଦ୍ୱାରା ରସ ଶୋଷି ନିଜ ଆକାର ଠାରୁ ବଡ଼ କୀଟମାନଙ୍କୁ ଖାଇ ପାରନ୍ତି। ଏମାନେ ଗୋଟିଏ ଦିନରେ ହାରାହାରି ୫ଟି ଶୂକକୁ ଶିକାର କରିପାରନ୍ତି।

କାରାବିଡ଼ ଭୃଙ୍ଗ ବା ଗ୍ରାଉଣ୍ଡ ବିଟିଲ :ଗ୍ରାଉଣ୍ଡ ବିଟିଲର ଉଭୟ



ପୂର୍ଣ୍ଣାଙ୍ଗ ଅବସ୍ଥା, ଶୂକ କଳାରଙ୍ଗର। ଏହାର ଉଭୟ ପୂର୍ଣ୍ଣାଙ୍ଗ ଏବଂ ଶୂକ ଅବସ୍ଥାରେ ଶିକାର କରନ୍ତି। ଏହାର ପୂର୍ଣ୍ଣାଙ୍ଗ ଅବସ୍ଥାରେ ମୁହଁରେ ଦା ଆକୃତିର ଦାନ୍ତ ଥାଏ। ଗୋଟିଏ ପୋକ ଦିନରେ ହାରାହାରି ୫ଟି ଶୂକ ପୋକ ଖାଇଥାଏ।

**ଶିକାରୀ ବିରୁଡ଼ି :**

ଏମାନେ ଘରର କାନ୍ଥ କୋଣରେ ମାଟି ଘର ତିଆରି କରିଥାଏ। ପୂର୍ଣ୍ଣାଙ୍ଗ ବିରୁଡ଼ି ବିଭିନ୍ନ ପ୍ରକାରର ଶୂକ ଗୁଡ଼ିକୁ ବୋହିଆଣି, ସେମାନଙ୍କୁ ନିସ୍ତେଜ କରି ଏହାର ଛୁଆ ଗୁଡ଼ିକୁ ଖାଇବାକୁ ଦେଇଥାନ୍ତି। ଏମାନେ ନିଜ ନାହୁଡ଼କୁ ଅନ୍ୟ କୀଟମାନଙ୍କୁ ଭୟଭୀତ କରିବାରେ ବ୍ୟବହାର କରନ୍ତି।

**ଧବନ ଭୃଙ୍ଗ :**

ଏହା ଏକ ଉଜ୍ଜ୍ୱଳ ଲାଲ ରଙ୍ଗର ଟାଣ ଶରୀର ଥିବା ପୋକ। ଏହାକୁ ମୁଖ୍ୟତଃ ଗୋଟି ପୋକ ଏବଂ ଆମେରିକୀୟ ବକରା ବିନ୍ଧା ପୋକର ଶୁକ ନିୟନ୍ତ୍ରଣରେ ବ୍ୟବହାର କରାଯାଏ।

**ପରାଶ୍ରୟୀ କୀଟ :**

**ଟ୍ରାଇକୋଗ୍ରାମ :**

ଏହା ଏକ ଅଣ୍ଡା ପରାଶ୍ରୟୀ କୀଟ। ପୂର୍ଣ୍ଣାଙ୍ଗ ମାଈ କୀଟଟି ମୋଥ ବା ପ୍ରଜାପତି ଜାତୀୟ କୀଟମାନଙ୍କ ଅଣ୍ଡା ମଧ୍ୟରେ ଅଣ୍ଡା ଦେଇଥାଏ। ଟ୍ରାଇକୋଗ୍ରାମା ଅଣ୍ଡାର ଛୁଆ ଶିକାର କୀଟର ଅଣ୍ଡାକୁ ନଷ୍ଟ କରି ଏଥିରୁ ପୁଣିଟ୍ରାଇକୋଗ୍ରାମା କୀଟ ବାହାରିଥାଏ। ଏହାକୁ କପା ଫସଲରେ ବକରା ବିନ୍ଧା କୀଟ, ପତ୍ରଖିଆ ଘୋଡ଼ାପୋକ ଓ କାହାଳୀ ପୋକ ଇତ୍ୟାଦିର ନିୟନ୍ତ୍ରଣ ପାଇଁ ବ୍ୟବହାର କରାଯାଏ। ଏହି କୀଟକୁ ଗବେଷଣାଗାରରେ ବୃଦ୍ଧି କରାଯାଇ ଟ୍ରାଇକୋକାର୍ଡ଼ ଭାବରେ ବିକ୍ରି କରାଯାଇ ପାରିବ। ଗୋଟିଏ ଟ୍ରାଇକୋକାର୍ଡ଼ରେ ପାଖାପାଖି ୨୦,୦୦୦ କୀଟ ଥାଏ। ୬୦,୦୦୦ ଟ୍ରାଇକୋଗ୍ରମା କୀଟ ଏକରକୁ ପ୍ରତି ସପ୍ତାହ ଅନ୍ତରରେ ୪/୬ ଥର ଛଡ଼ାଯାଏ।

**କୋଟେସିଆ:**

ଏହା ଏକ ଶୁକ ପରାଶ୍ରୟୀ କୀଟ। ଅଣ୍ଡାରୁ ଫୁଟିବା ପରେ ଛୁଆ ଗୁଡ଼ିକ ଶୁକ ପୋକ ଶରୀରର ଅଭ୍ୟନ୍ତରୀୟ ତନ୍ତୁ ଗୁଡ଼ିକୁ ଖାଇ ଯାଆନ୍ତି। ଏମାନେ କପା ଫସଲରେ ଫଳବିନ୍ଧା ପୋକ, ପତ୍ରଖିଆ ଗୋଟି ପୋକ ଇତ୍ୟାଦିର ଶୁକରେ ଅଣ୍ଡା ଦେଇ ଏହାର ନିୟନ୍ତ୍ରଣ କରନ୍ତି।

ସହ ପ୍ରାଧ୍ୟାପକ, କୀଟତତ୍ତ୍ୱ ବିଭାଗ,
ଏମ୍.ଏସ୍. ସ୍ୱାମୀନାଥନ କୃଷି ବିଶ୍ୱ ବିଦ୍ୟାଳୟ,
ପାରଳାଖେମୁଣ୍ଡି
ମୋ- ୮୨୮୦୦୨୮୧୬୬




## ବିନିକା ବ୍ଲକ କାର୍ଯ୍ୟାଳୟ ଠାରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର : ବିଭିନ୍ନ ୩୦ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, (ପି.ଏନ): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଆଜି ବିନିକା ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ ଓ ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ନିହିତ ୩୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧରେ ବ୍ୟକ୍ତିଗତ ଦରଖାସ୍ତ ୨୪ ଗୋଟି, ସାମୁହିକ ଦରଖାସ୍ତ ୬ ଗୋଟି ରହିଥିବା ସୂଚନା ପ୍ରଦାନ କରାଯାଇଛି। ତନ୍ମଧ୍ୟରୁ ୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟ ସମସ୍ତ ଅଭିଯୋଗ ଦରଖାସ୍ତକୁ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତୁରନ୍ତ ସମାଧାନ ନିମନ୍ତେ ପ୍ରେରଣ କରାଯାଇଛି।


## ଫସ୍‌ଫରିକ୍ ଏସିଡ୍ ଉତ୍ପାଦନରେ ପାରାଦୀପ ଇଫକୋ ୟୁନିଟ୍‌ର ରେକର୍ଡ

ପାରାଦୀପ (ପିଏନ୍)- ଚଳିତ ୨୦୨୧-୨୨ ବର୍ଷ ପାଇଁ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କ୍ଷେତ୍ରରେ ପାରାଦୀପ ଇଫକୋ ପାରାଦୀପ ୟୁନିଟ୍ ରେକର୍ଡ ସୃଷ୍ଟି କରିଛି । ପ୍ରତିଦିନ ୨୬୫୦ ଟନ୍ ଫସଫେଟ୍ ପାରାଦୀପ ଇଫକୋ ୟୁନିଟ୍ ରେ ଉତ୍ପାଦନ ହେଉଥିବା ନେଇ ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ସୂଚନା ମିଳିଛି । ସମଗ୍ର ବିଶ୍ୱରେ ଗୋଟିଏ ୟୁନିଟ୍ ରେ ରେକର୍ଡ ସଂଖ୍ୟକ ୮୦୫,୦୦୦ ଟନ୍ ଫସ୍‌ଫରିକ୍ ଏସିଡ୍ ଉତ୍ପାଦନ କରି ଇଫକୋ ପାରାଦୀପ ୟୁନିଟ୍ ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି । ଏହା ଦ୍ୱାରା ଡିଏପି,ଏନ୍.ପି.ଏସ୍. ଉତ୍ପାଦନ କ୍ଷେତ୍ରରେ ସହାୟକ ହେବ । ପ୍ରଧାନମନ୍ତ୍ରୀଙ୍କ ଆତ୍ମନିର୍ଭର ଭାରତର ମାର୍ଗଦର୍ଶନ ଆଧାରରେ ଇଫକୋ ନିଜକୁ ସ୍ୱାବଲମ୍ବନ କରିପାରିଛି । ଏହି ସଫଳତା ହାସଲ ମହାମାରୀ କୋଭିଡ୍-୧୯ ସମୟରେ ସମଗ୍ର ଦେଶରେ ସାରର ଆବଶ୍ୟକତାକୁ ଉପଲବ୍ଧି କରି ଇଫକୋ ସାର ଉତ୍ପାଦନକୁ ଗୁରୁତ୍ୱ ଦେଇଥିଲା । ସମ୍ପ୍ରତି ଚଳିତ ମାର୍ଚ୍ଚ ମାସରେ ଦିଲ୍ଲୀର ବିଜ୍ଞାନ ଭବନରେ ଇଫକୋ ପାରାଦୀପ ୟୁନିଟ୍ କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଚଳିତ ବର୍ଷ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ପାରାଦୀପ ଇଫକୋ ୟୁନିଟ୍ କୁ ଅନେକ ପୁରସ୍କାର ହାସଲ କରିପାରିଛି ।। ବିଭିନ୍ନ ସରକାରୀ ତଥା ବେସରକାରୀ ସଂସ୍ଥା ପକ୍ଷରୁ ଇଫକୋକୁ ଅନେକ ସମ୍ମାନ ପ୍ରଦାନ କରାଯାଇଛି ।

### ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷରେ ଉତ୍କଳ ଦିବସ ପାଳନ

ଯାଜପୁର (ପିଏନ୍): ପୂର୍ଣ୍ଣାନନ୍ଦ ମିଶ୍ର ସ୍ମୃତି ପାଠାଗାର ଓ ପଠନ କକ୍ଷ ପରିସରେ ସଭାପତି କହ୍ନାଇ ଚରଣ ମହନ୍ତିଙ୍କ ସଭାପତିତ୍ୱରେ ଉତ୍କଳ ଦିବସ ପାଳିତ ହୋଇଯାଇଅଛି। କାର୍ଯ୍ୟକ୍ରମ ଆରମ୍ଭରେ ଯୁଗ୍ମ ସମ୍ପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁଷ୍ପକାନ୍ତ ମଲ୍ଲିକ, ସରତ ଚନ୍ଦ୍ର ମହାରଣା, ଧନଞ୍ଜୟ କେଶରୀ ରାଉତରା, ଜଗନ୍ନାଥ ଧଳ, ବିରଜା ସ୍ୱାଇଁ, ଗଦାଧର ରାଉତରା, ନବକିଶୋର ଦାସ ଉତ୍କଳ ଦିବସ ଉପରେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛତିଶ ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ବିହାରୀ, କରୁଣାକର ନାୟକ, ସୁପ୍ରଭା ନାୟକ, ଅଜୟ କୁମାର ଦାସ, ବୃନ୍ଦାବନ ମିଶ୍ର, ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସର୍ବଶେଷରେ ପାଣ୍ଡବ ଚରଣ ସାହୁ ବକ୍ତବ୍ୟ ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ନବଜାତ ଶିଶୁମାନଙ୍କ ଚକ୍ଷୁ ପରୀକ୍ଷା



କେନ୍ଦୁଝର (ପିଏନ୍): ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନ୍ତର୍ଗତ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ (ଆର୍.ବି.ଏସ୍.କେ) ଏବଂ ଭୁବନେଶ୍ୱରର ଥିବା ଏଲ୍.ଭି ପ୍ରସାଦ ଚକ୍ଷୁ ଚିକିତ୍ସାଳୟ ସହଯୋଗରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଏସ୍.ଏନ୍.ସି.ୟୁରେ ତା୦୮.୦୪.୨୦୨୨ରିଖ ଦିନ କେନ୍ଦୁଝର ଜିଲ୍ଲାର ବିଭିନ୍ନ ବ୍ଲକ୍ ସମେତ ମୟୁରଭଞ୍ଜ ଏବଂ ଯାଜପୁର ଜିଲ୍ଲାରୁ ଆସିଥିବା ୨୯ ଜଣ ନବଜାତ ଶିଶୁମାନଙ୍କୁ ବିନା ମୂଲ୍ୟରେ ଏଲ୍.ଭି. ପ୍ରସାଦ୍ ଚକ୍ଷୁ ଚିକିତ୍ସାୟରୁ ଆସିଥିବା ଚକ୍ଷୁ ବିଶେଷଜ୍ଞଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା ସମ୍ପାଦନ କରାଯାଇଛି । ଉକ୍ତ ଚକ୍ଷୁ ପରୀକ୍ଷା ଦ୍ୱାରା ଶିଶୁମାନଙ୍କଠାରେ ମିଳିଥିବା ଚକ୍ଷୁଜନିତ ସମସ୍ୟାର ଉତ୍ତମ ଚିକିତ୍ସା ପାଇଁ ଭୁବନେଶ୍ୱର ସ୍ଥିତ ଏଲ୍.ଭି. ପ୍ରସାଦ ଚିକିତ୍ସାଳୟକୁ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ପଠାଯାଇ ତାଙ୍କୁ ବିନା ମୂଲ୍ୟରେ ଚିକିତ୍ସା ଯୋଗାଇଦିଆଯିବ ଏବଂ ଏହିପରି ଚକ୍ଷୁ ପରୀକ୍ଷା କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ ଅନୁଷ୍ଠିତ ହେବ ବୋଲି ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର କିଶୋର କୁମାର ପୃଷ୍ଟି କହିଥିଲେ । ଏହି କାର୍ଯ୍ୟକ୍ରମକୁ ଆର୍.ବି.ଏସ୍.କେ. ମ୍ୟାନେଜର ବିଜନ କୁମାର ସାହୁ ପରିଚାଳନା କରିବା ସହିତ ଡିଆଇଇସି ଏବଂ ଏସ୍‌ଏନ୍‌ସିୟୁର କର୍ମଚାରୀ ଉପସ୍ଥିତ ରହି ଚକ୍ଷୁ ପରୀକ୍ଷାରେ ସହଯୋଗ କରିଥିଲେ ।

## ସୁନାହାର ଫେରାଇଲେ ସ୍ୱେଚ୍ଛାସେବୀ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ପଞ୍ଚାୟତରେ ଚାଲିଥିବା ବାରୁଣୀ ମେଳାରେ ବୁଡ ପକାଇବାକୁ ଆସିଥିବା ଜଣେ ମହିଳାଙ୍କ ହଜିଯାଇଥିବା ସୁନାହାର ଫେରାଇ ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ଚର୍ଚ୍ଚାକୁ ଆସିଛନ୍ତି। ତାଙ୍କୁ ପୋଲିସ ପ୍ରଶାସନ ଓ ଜନସାଧାରଣ ବେଶ ପ୍ରସଂଶା କରିବା ସହ ସାଧୁବାଦ ଜଣାଇଛନ୍ତି। ସୂଚନା ଅନୁଯାୟୀ ଇନ୍ଦୁପୁରକୁ ବାରୁଣୀ ବୁଡ଼ ପକାଇବାକୁ ଭଦ୍ରକ ଧାମନଗରୁ ସନ୍ଧ୍ୟାରାଣୀ ନାୟକ ନାମକ ଜଣେ ମହିଳା ଆସିଥିଲେ। ସନ୍ଧ୍ୟାରାଣୀଙ୍କ ବାପଘର ନିକିରାଇରେ ହୋଇଥିବା ବେଳେ ତାଙ୍କ ଶାଶୁଘର ଭଦ୍ରକରେ। ବାରୁଣୀ ବୁଡ଼ ପାଇଁ ସେ ବାପ ଘରକୁ ଆସିଥିଲେ। ସେ ବ୍ରାହ୍ମଣୀ ନଦୀରେ ବୁଡ଼ ପକାଇବା ବେଳେ ତାଙ୍କ ସୁନାହାର କେଉଁଆଡେ ହଜି ଯାଇଥିବା ସେ ଜାଣିବାକୁ ପାଇଥିଲେ। ସ୍ୱେଚ୍ଛାସେବୀ ଗୌତମ କୁମାର ସାହୁ ମେଳାରେ ସ୍ୱେଚ୍ଛାସେବୀ କାର୍ଯ୍ୟ କରୁଥିଲେ। ଏହି ସମୟରେ ସେ ଏକ ସୁନାହାର ପାଇଥିଲେ। ଏହାକୁ ନେଇ ସେ ସ୍ଥାନୀୟ ପୋଲିସକୁ ଦେଇଥିଲେ। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହେରାଙ୍କ ଉପସ୍ଥିତିରେ ସୁନାହାର ହଜିଥିବା ମହିଳା ତାଙ୍କ ସୁନାହାର ଫେରି ପାଇଥିଲେ। ଏ ନେଇ ଏସ୍‌ଡିପିଓ ଗୌତମଙ୍କୁ ବେଶ ପ୍ରସଂଶା କରିଥିଲେ। ଗୌତମଙ୍କ ଏହି କାର୍ଯ୍ୟକୁ ସମାଜିକ ଗଣମାଧ୍ୟମରେ ବେଶ ପ୍ରସଂଶା କରାଯାଇଛି।

### ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ପୂର୍ଣ୍ଣାହୂତି ଓ ପ୍ରବଚନ

ଯାଜପୁର (ପିଏନ୍): ଯାଜପୁରର ରାମବାଗ ଛକସ୍ଥିତ ଅବ୍ୟକ୍ତ ବ୍ରହ୍ମ ଆଶ୍ରମରେ ଦୀର୍ଘ ୫ଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୂତି ହେବା ସଙ୍ଗେ ସଙ୍ଗେ ସ୍ଥାନୀୟ ଶ୍ରଦ୍ଧାଳୁମାନେ ନାରିକେଳ ଓ ଘୃତ ଯଜ୍ଞକୁଣ୍ଡରେ ପ୍ରଦାନ କରିଥିଲେ। ଆଶ୍ରମର ମଠାଧିଶ ଗୟାବାବା ସମସ୍ତ ଭକ୍ତମାନଙ୍କର ମନୋସ୍କାମନା ପୂର୍ଣ୍ଣ କରିବା ନିମନ୍ତେ ଯଜ୍ଞକୁଣ୍ଡରେ ସହସ୍ରାଧିକ ଆହୂତ ମନ୍ତ୍ରଉଚ୍ଚାରଣ ପୂର୍ବକ ଦାନ କରିଛନ୍ତି। ଅନନ୍ତ ବାସୁଦେବଙ୍କର ବଡ଼ସିଂହାର ବେଶ ଓ ଘୋଡଣ ଉପଚାର ପୂଜା, ଭଜନ କୀର୍ତ୍ତନ, ଆଳତୀ ସହ ଶହ ଶହ ଭକ୍ତମାନଙ୍କ ଗହଣରେ ଯଜ୍ଞକର୍ମ ଶେଷ କରାଯାଇଛି। ଏହି ଅବସରରେ ପଣ୍ଡିତ ହୃଷୀକେଶ ପତିଙ୍କର ଅଧକ୍ଷତାରେ ଅନୁଷ୍ଠିତ ପ୍ରବଚନରେ ବିଶିଷ୍ଟ ମାଳିକାକାର ଡା. କାହ୍ନୁ ଚରଣ ମିଶ୍ର ଯୋଗଦେଇ ମାଳିକାରେ ବର୍ଣ୍ଣିତ କଳିଯୁଗର ଶେଷ ପ୍ରାନ୍ତରେ ପୃଥିବୀରେ ଯୁଦ୍ଧର ଘନଘଟା, ପରସ୍ପର ମଧରେ ବିଦ୍ୱେଷ, ନାନାଦି ରୋଗରେ ପୃଥିବୀର ସମସ୍ତ ରାଷ୍ଟ୍ରର ଅଧିବାସୀମାନେ ପ୍ରପୀଡ଼ିତ ହେବା ସହ ସତ୍ୟଯୁଗର ଆଗମନରେ ଅନନ୍ତ ବାସୁଦେବଙ୍କର ଶରଣ ନିମନ୍ତେ ପ୍ରାର୍ଥନା କରିବାକୁ ପ୍ରବଚନ ମାଧ୍ୟମରେ ଆହ୍ୱାନ ଦେଇଥିଲେ। ବିଶିଷ୍ଟ ପ୍ରବଚକ ଅଧିକାରୀ ନବକିଶୋର ଦାସ ବିରଜାକ୍ଷେତ୍ରର ମହିମା ଓ ତାତ୍ପର୍ଯ୍ୟ, ସୁଧର୍ମା ସଭା ଓ ମୁନିଋଷିମାନଙ୍କର ଯାଜପୁର କ୍ଷେତ୍ରକୁ ଆଗମନ ତଥା ଜଗନ୍ନାଥ ସଂସ୍କୃତି ସହ ବିରଜାକ୍ଷେତ୍ର ସଂସ୍କୃତିର ସମନ୍ୱୟ ସଂପର୍କରେ ଆଲୋଚନା କରିଥିଲେ। ଏହି ଉପଲକ୍ଷେ ବୈତରଣୀ ନଦୀ ସିଦ୍ଧେଶ୍ୱର ଘାଟ ଠାରୁ ଆଶ୍ରମର ଯଜ୍ଞସ୍ଥଳୀ ପର୍ଯ୍ୟନ୍ତ ୧୦୮ ପୂର୍ଣ୍ଣ କୁମ୍ଭ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅବ୍ୟକ୍ତ ବ୍ରହ୍ମ ଆଶ୍ରମର ସମସ୍ତ ଶ୍ରଦ୍ଧାଳୁ ଏଥିରେ ଅଂଶ ଗ୍ରହଣ କରିଥିଲେ। ସର୍ବଶ୍ରୀ ନିରାକାର ସାହୁ, ମନୀଷା ସାହୁ, ସୁଶାନ୍ତ ସାହୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପଣ୍ଡିତ ଲମ୍ବୋଧର ପାଢ଼ୀ, ମୁଖ୍ୟ ପୁରୋଧା ଭାବେ ଯଜ୍ଞକାର୍ଯ୍ୟ ଓ ପୂର୍ଣ୍ଣାହୂତ ସମାପନ କରିଥିଲେ।

## ପୋଷଣ ଅଭିଯାନ ୨୦୨୨ର ସଚେତନତା ଏବଂ ନିଃଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ

ଖୋର୍ଦ୍ଧା (ପିଏନ)- ଭାରତ ସରକାର ଆରମ୍ଭ କରିଥିବା ପୋଷଣ ଅଭିଯାନ ୨୦୨୨ର ସଚେତନତା ବାର୍ତ୍ତା ବାଂଟିବା ଏବଂ ନିଶୁଳ୍କ ଆୟୁଷ ସ୍ୱାସ୍ଥ୍ୟ ଶିବିର ଖୋରଧା ବ୍ଲକ୍ କୁରାଢମଲ୍ଲ ଠାରେ ପାଳିତ ହୋଇଯାଇଛି। ଜିଲ୍ଲା ହୋମିଓପ୍ୟାଥି ଏବଂ ଆର୍ଯ୍ୟୁବେଦ ଚିକିତ୍ସା ଅଧିକାରୀ ପୂର୍ବାଚଂଳ ମଣ୍ଡଳ ଭୁବନେଶ୍ୱର ତରଫରୁ ଆୟୋଜିତ ଏବଂ ଜାତୀୟ ଆୟୁଷ ମିଶନ ଭାରତ ସରକାର ଏବଂ ଆୟୁଷ ନିର୍ଦ୍ଦେଶାଳୟ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପ୍ରାୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ କୁରାଢମଲ୍ଲ ଗ୍ରାମପଂଚାୟତର ସରପଂଚ ଶ୍ରୀରାମ ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାଧିକାରୀଣୀ ଡ଼ାକ୍ତର ବନଶ୍ରୀ ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଜିଲ୍ଲା ମୁଖ୍ୟ ହେମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ସୁମନା କୁମାରୀ ପଣ୍ଡା ଏବଂ ଜିଲ୍ଲା ମୁଖ୍ୟ ଆର୍ଯ୍ୟୁବେଦ ଚିକିତ୍ସାଧିକାରୀ ଡ଼ାକ୍ତର ରେଣୁପ୍ରଭା ମହାପାତ୍ର ଅତିଥି ଭାବରେ ଯୋଗ ଦେଇ ଗର୍ଭବତୀ ମହିଳା ସ୍ତନ୍ୟପାନ କରାଉଥିବା ମା’, କିଶୋରୀ ବାଳିକା ଏବଂ ଶିଶୁ ମାନଙ୍କର ରକ୍ତହୀନତାର ପ୍ରତିରୋଧ ଏବଂ ଚିକିତ୍ସା ନିମନ୍ତେ ଆୟୁଷ ତଥା ହେମିଓପ୍ୟାଥି ଆର୍ଯ୍ୟୁବେଦର ଭୂମିକା ଶିର୍ଷକ ଆଲୋଚନା କରି ରୋଗୀମାନଙ୍କୁ ତଥା ସ୍ଥାନୀୟ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ବାଂଟିଥିଲେ। ଆୟୋଜିତ ଏହି ସ୍ୱାସ୍ଥ୍ୟ ଶିବିରରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ରାଜ୍ୟର ସୁନାମ ଧନ୍ୟ ହୋମିଓପ୍ୟାଥି ଡ଼ାକ୍ତର ଆଭାମୟୀ ନାୟକ ଡ଼ାକ୍ତର ଅରୁଣ କୁମାର ମଲ୍ଲିକ, ଡ଼ାକ୍ତର ଚିନ୍ମୟୀ ସାହୁ ଓ ସ୍ଥାନୀୟ କୁରାଢ ମଲ୍ଲର ହୋମିଓପ୍ୟାଥି ଚିକିତ୍ସାଧିକାରୀ ଡ଼ାକ୍ତର ନିବେଦିତା ମିଶ୍ର, ଆର୍ଯ୍ୟୁବେଦର ଡ଼ାକ୍ତର ସୁବ୍ରତ ଛୋଟରାୟ, ଡ଼ାକ୍ତର ସୁଶାନ୍ତ ବିଶୋୟି, ଡ଼ାକ୍ତର ଧନେଶ୍ୱର ସାହୁ ପ୍ରମୁଖଙ୍କ ଦ୍ୱାରା ରୋଗୀମାନଙ୍କୁ ପରୀକ୍ଷା କରାଯାଇ ଆର୍ଯ୍ୟୁବେଦୀ ଓ ହୋମିଓପ୍ୟାଥି ଔଷଧ ମାଗଣାରେ ବଂଟନ କରାଯାଇଥିଲା। ସ୍ଥାନୀୟ ସମାଜ ସେବୀ ପ୍ରକାଶ ଚନ୍ଦ୍ର ପରିଡ଼ା ଶ୍ରୀରଂଜନ ମଙ୍ଗରାଜ, ଗଣେଶ୍ୱର ପରିଡ଼ା, କୈଳାସ ଚନ୍ଦ୍ର ସାମନ୍ତରାୟ, ଦୀପକ ବଳିଆରସିଂହଙ୍କ ସଯୋଗ ଏବଂ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଦିନିକିଆ ଶିବିରରେ ହୋମିଓପ୍ୟାଥି ସହକାରୀ ପ୍ରଭଞ୍ଜନୀ ପାତ୍ର, ରଶ୍ମିତା ସ୍ୱାଇଁ କେଳୁଚରଣ ମାପିସ୍ଥ ଏବଂ ଆର୍ଯ୍ୟୁବେଦ ସହକାରୀ ଶୁଭଶ୍ରୀ ପ୍ରିୟଦର୍ଶନୀ ଓ ହିମାଙ୍ଗୀନି ପାତ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସ୍ଥାନୀୟ କୁରାଢମଲ୍ଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ କଳ୍ପନା ରାଉତ ଅନ୍ୟତମ ଅତିଥି ଭାବରେ ଯୋଗ ଦେଇ ବିଦ୍ୟାଳୟ ତରଫରୁ ସମସ୍ତ ସହଯୋଗ ଯୋଗାଇଥିଲେ।

## ଆଇଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟି ପକ୍ଷରୁ ଡାକ୍ତର ଅର୍ଚ୍ଚନାଙ୍କ ଦୁଃଖଦ ମୃତ୍ୟୁ ପାଇଁ ପ୍ରତିବାଦ



କଟକ (ପିଏନ୍): କେବଳ ଓଡ଼ିଶାରେ ନୁହେଁ ସର୍ବଭାରତୀୟ ସ୍ତରରେ ଲୋକମାନଙ୍କ ପାଇଁ ଯେତିକ ଡାକ୍ତର ରହିବା କଥା ସେତିକ ସମ୍ଭବ ହୋଇପାରୁନାହିଁ ଏବଂ ସରକାରଙ୍କ ପ୍ରୋତ୍ସାହନ ଅଭାବରୁ ବାଧ ହୋଇ ସେମାନେ ଅନ୍ୟତ୍ର ଚାଲିଯାଉଛନ୍ତି । ରାଜସ୍ଥାନର ଡାକ୍ତର ଅର୍ଚ୍ଚନା ଶର୍ମାଙ୍କ ମୃତ୍ୟୁ ଘଟଣାରେ ଦୃଢ଼ ପ୍ରତିବାଦ କରିଛନ୍ତି ଡାକ୍ତର ଛାତ୍ରଛାତ୍ରୀମାନେ। ଡାକ୍ତରଙ୍କ ଉପରେ ମାନସିକ ଚାପ ଓ ନିର୍ଯାତନା ବନ୍ଦ ହେଉବୋଲି ଦାବି କରିବା ସହିତ ଏହି ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ ପରିସରରେ ଆଏମଏ ଓଡ଼ିଶା ଶାଖା ଓ ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ମିଳିତ ଆୟୋଜନରେ ସଭାପତି ଡାକ୍ତର ରଜତ ରାୟ, ଇଣ୍ଡିଆନ ସାଇକାଟ୍ରିକ ସୋସାଇଟିର ସର୍ବଭାରତୀୟ ସଭାପତି ଡାକ୍ତର ଏନ୍. ରାଜୁ, ସାଧାରଣ ସମ୍ପାଦକ ଡାକ୍ତର ଅରବିନ୍ଦ ବ୍ରହ୍ମା, ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଭେଷଜ ବିଭାଗର ବିଭାଗୀୟ ମୁଖ୍ୟ ଡାକ୍ତର ଜୟନ୍ତ କୁମାର ପଣ୍ଡା, ସମ୍ପାଦକ ଡାକ୍ତର ବ୍ରଜ କିଶୋର ଦାଶ, ସାଧାରଣ ସମ୍ପାଦକ ତଥା ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର, କୋଷାଧ୍ୟକ୍ଷ ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର, ସଭ୍ୟ ଡାକ୍ତର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ଡାକ୍ତର ଜନ୍ମେଜୟ ମହାପାତ୍ର, ଡାକ୍ତର ଦେବ ପ୍ରସାଦ ମହାନ୍ତି ପ୍ରମୁଖ। ଏହି କାର୍ଯ୍ୟକ୍ରମରେ ଡାକ୍ତର ସମ୍ରାଟ କର ସମର୍ଥନ ଓ ସହଯୋଗ ଦେବା ସହ ଦୁଃଖ ପ୍ରକାଶ କରିଥିଲେ ଓ ସରକାର ତୁରନ୍ତ ଏହା ଉପରେ ନିଷ୍ପତ୍ତି ନିଅନ୍ତୁ ବୋଲି ଦାବୀ କରିଛନ୍ତି।

## ମାଳ ମାଳ ଇଟାଭାଟି, ପ୍ରଶାସନର ନିଘା ନାହିଁ



ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଅଞ୍ଚଳରେ ମାଳ ମାଳ ବେଆଇନ ଇଟାଭାଟି । ପ୍ରଶାସନର ଏଥିପ୍ରତି ନିଘାନାହିଁ । ଯିଏ ଯେଉଁଠି ପାରିଲା ମନଇଛା ଇଟାଭାଟି କରୁଛି । ଅସାଧୁ କର୍ମଚାରୀଙ୍କ ମୁନାଫାଖୋର ମନୋଭାବ ପାଇଁ ଗ୍ରାମାଞ୍ଚଳରେ ଇଟା ବ୍ୟବସାୟ ଏବେ କୁଟୀର ଶିଳ୍ପ ପାଲଟି ଯାଇଥିବା ଅଭିଯୋଗ ହୋଇଛି । ପ୍ରଶାସନର ଅନୁମତିକ୍ରମେ ଜନବସତି ଠାରୁ ଏକ କିମି ଦୂରରେ ଏବଂ ଶୀତଦିନେ ଇଟାଭାଟି ହେବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସମସ୍ତ ନୀତି ନିୟମକୁ ଦଳିମକଚି ଗାଁ ମଝିରେ କିମ୍ୱା ଜନବସତିର ଅତି ନିକଟରେ ଇଟାଭାଟି କରୁଛନ୍ତି । ଏପରିକି କିଛି ବ୍ୟକ୍ତି ନିଜ ଘରବାଡି ନିକଟରେ ଇଟାଭାଟି କରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଏବେ ଠାରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ତାପମାତ୍ରା ୪୦ଡିଗ୍ରି ଛୁଇଁଲାଣି । ଖରା ଗରମ ଅସହ୍ୟ ହେଉଥିବା ବେଳେ ଦିନରାତି ଇଟାଭାଟି ଜଳୁଥିବାରୁ ଏହା ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଅଧିକ କଷ୍ଟଦାୟକ ହୋଇଛି । କେତେକ ପ୍ରଶାସନକୁ ଚକ୍‌ମା ଦେଖାଇ ବିନା ଅନୁମତିରେ ଭାଟି ଲଗାଇଥିବା ବେଳେ ଆଉ କିଛି ବେପାରୀ ନିଜ ଘର ପାଇଁ ଇଟା ତିଆରି କରିବେ ବୋଲି ତହସିଲରୁ ସାମୟିକ ଅନୁମତି ଆଣି ବେଧଡକ ଭାବେ ଇଟା ବେପାର କରୁଛନ୍ତି । ତେବେ ଇଟା ତିଆରି ପାଇଁ ରାଜସ୍ୱ ପୈଠ କରିବା ପରେ ନିୟମାନୁସାରେ ନିଜସ୍ୱ ଜମିରୁ ଚୁକ୍ତି ମୁତାବକ ଆବଶ୍ୟକ ପରିମାଣର ମାଟି ବ୍ୟବହାର କରାଯିବା କଥା । ମାତ୍ର ଇଟା ପ୍ରସ୍ତୁତକାରୀମାନେ ସର୍ବସାଧାରଣ ବ୍ୟବହାର କରୁଥିବା ସରକାରୀ ଜମିରୁ ମନଇଛା ମାଟି ଖନନ କରି ସମତଳ ଜମିକୁ ପୋଖରୀ, ଗଡିଆ କରି ଦେଉଛନ୍ତି । ସେହିପରି ନିକଟସ୍ଥ ନଦୀନାଳରୁ ବାଲି ଚୋରାରେ ଆଣି ବ୍ୟବହାର କରୁଛନ୍ତି । ଏଥିରେ ରାଜ୍ୟ ସରକାରଙ୍କ ବିପୁଳ ପରିମାଣର ରାଜସ୍ୱହାନୀ ହେଉଥିବା ବେଳେ ଇଟା ବେପାରୀ ମାଲାମାଲ୍ ହେଉଛନ୍ତି । ଅନେକ ସମୟରେ ଏସବୁ ସ୍ଥାନରେ ଛୋଟବଡ ଅଘଟଣ ମଧ୍ୟ ଘଟୁଛି । ଗୋରୁଗାଈ ଖାଲରେ ପଡି ମୃତାହତ ହେଉଛନ୍ତି । ଏପରିକି ମାଫିଆମାନେ ଗୋଚର, ଶ୍ମଶାନ ଓ ଦେବୋତର ଜମିକୁ ଜବରଦଖଲ କରି ମାଟି ଉଠାଉଛନ୍ତି । ବର୍ଷା ଋତୁକୁ ଛାଡି ଦେଲେ ଅବଶିଷ୍ଟ ୮ମାସ ଇଟାଭାଟି କରାଯାଉଛି । ବିଶେଷ କରି ଏହି ବେଆଇନ ବେପାର ସ୍ଥାନୀୟ ଅଭୟପୁର, ମଙ୍ଗରାଜପୁର, ବମ୍ଫୁ, ରତନପୁର, ନୀଳାଦେଇପୁର, ଡେରାବର, ପାଟପୁର, ପଲାର ମୌଜା ସମେତ ବିଭିନ୍ନ ଗାଁ ଗହଳିରେ ହେଉଥିବା ଅଭିଯୋଗରେ ଦର୍ଶାଯାଇଛି । ଏ ସଂପର୍କରେ ବାରମ୍ବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏହି ବେଆଇନ ବେପାରକୁ ରୋକା ଯିବା ସମ୍ଭବ ହେଉନାହିଁ । ନିକଟରେ ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ ମଙ୍ଗରାଜପୁର ଗ୍ରାମର ଏକ ଇଟା ଭାଟିରେ ଚଢ଼ଉ କରିଥିଲେ ହେଁ, ଏହା ଇଟା ବେପାରୀଙ୍କ ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ । ଏଥିପ୍ରତି ଯାଜପୁର ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଦାୟିତ୍ୱ ଗ୍ରହଣ କଲେ ବ୍ଲକ ଉପାଧକ୍ଷ ପ୍ରତାପ ମହାପାତ୍ର



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ବ୍ଲକର ନବନିର୍ବାଚିତ ଉପାଧକ୍ଷ ପ୍ରତାପ ମହାପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ବିଭିନ୍ନ ପଞ୍ଚାୟତର ଉନ୍ନତି ପାଇଁ ବ୍ଲକ ଅଧକ୍ଷଙ୍କ ସହ ମିଶି କାମ କରିବି। ବର୍ତ୍ତମାନ ଗ୍ରୀଷ୍ମ ପ୍ରକୋପ ବଢି ଚାଲିଛି। ତେଣୁ ଯେଉଁ ପଞ୍ଚାୟତରେ ପାନୀୟ ଜଳର ଅଭାବ ଥିବ ସେହି ପଞ୍ଚାୟତଗୁଡିକରେ ତୁରନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ସେହିପରି ପଞ୍ଚାୟତ ଗୁଡିକରେ ଥିବା ରାସ୍ତା ସମସ୍ୟା, ଷ୍ଟ୍ରୀଟ୍ ଲାଇଟ୍ ସମସ୍ୟା, ଡ୍ରେନ୍ ସମସ୍ୟାର ସମାଧାନ ଯୁଦ୍ଧକାଳୀନ ଭିତ୍ତିରେ କରାଯିବ। ଏଥିସହ ପଞ୍ଚାୟତଗୁଡିକରେ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସମସ୍ୟାର ସମାଧାନ କରାଯିବ। ଶ୍ରୀ ମହାପାତ୍ରଙ୍କୁ ଜିଲ୍ଲା ପରିଷଦ ସଭାପତି ଗୀତାଞ୍ଜଳୀ ସେଠୀ, ବ୍ଲକ ଅଧକ୍ଷା ରଶ୍ମିତା ସେଠୀ, ପୂର୍ବତନ ବ୍ଲକ ଅଧକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ୮ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ, ୫ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ, କୁତରଙ୍ଗ ପଞ୍ଚାୟତର ଯୁବନେତା ନରୋତ୍ତମ ମଲ୍ଲିକ, ଜିଲ୍ଲା ଏସ୍‌ସି ସେଲ ସମ୍ପାଦକ ମାନସ ସେଠୀ ଓ ବିଡିଓ ବନ୍ଦନା ଖଟୁଆ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ସାପ କାମୁଡାରେ ବାଳିକାର ମୃତ୍ୟୁ

କେନ୍ଦୁଝର (ପିଏନ୍): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଦ୍ୱାରିକାପଶି ଗାଁ ଦୀନବନ୍ଧୁ ସେଠୀଙ୍କ ଝିଅ ଜ୍ୟୋତ୍ସ୍ନାରାଣୀ ସେଠୀର ସାପ କାମୁଡାରେ ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି। ମିଳିଥିବା ସୂଚନା ଅନୁସାରେ, ଜ୍ୟୋତ୍ସ୍ନାରାଣୀ ସେଠୀ(୧୨) ଘର ଅଗଣାରେ ପରିବାରର ୪ଜଣ ସଦସ୍ୟଙ୍କ ସହ ଶୋଇଥିବା ସମୟରେ ରାତି ପ୍ରାୟ ୨ଟା ବେଳେ ଏକ ବିଷାକ୍ତ ଚିତି ସାପ କାମୁଡି ଦେଇଥିଲା। ଏକଥା ଜଣାପଡିବା ପରେ ତାଙ୍କୁ ସଂଗେ ସଂଗେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ ବାଳିକା ଶବ ବ୍ୟବଚ୍ଛେଦରେ ବିଳମ୍ବ ହେବାରୁ କିଛି ସମୟ ପାଇଁ ମେଡିକାଲ ପରିସରରେ ଉତ୍ତେଜନା ଦେଖାଦେଇଥିଲା। ଘଟଗାଁ ପୋଲିସ ମୃତ ବାଳିକାର ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ନୂଆପଡା ଅବକାରୀ ବିଭାଗକୁ ବଡ ସଫଳତା



ନୂଆପଡା,(ପି.ଏନ): ନୂଆପଡା ଜିଲ୍ଲା ଅବକାରୀ ବିଭାଗକୁ ମିଳିଛି ବଡ ସଫଳତା ।ବାହାର ରାଜ୍ୟକୁ ଗଞ୍ଜେଇ ଚ଼ାଲାଣ ବେଳେ ୭୧ କେଜି ଗଞ୍ଜେଇ ସହ ଗୋଟିଏ କାର୍ ଜବତ କରିଛି ବିଭାଗ। ଜିଲ୍ଲା ଅବକାରୀ ଅଧିକାରୀ ସଂଘମିତ୍ରା ପ୍ରଧାନଙ୍କ ସୂଚ଼ନା ମୁତାବକ ଝଗ୍ରାହୀ ଚ଼ାରିଛକ ଠାରୁ ସଞ୍ଜୟ ରାଜବଂଶ ଓ ଭଗତ ରାମ ଜଗତ ଠାରୁ ୨୫କେଜି ,ବରନ୍ଦାପାଟ ଗ୍ରାମର ସୀମାଞ୍ଚଳ ଓ ଦେବରାଜ ନାୟକ ଠାରୁ ୨୧କେଜି ଗଞ୍ଜେଇ ସହ ଡଙ୍ଗ ୦୧ ଇଇ ୬୬୯୯ ନମ୍ବର ବିଶିଷ୍ଟ ଏକ ମାରୁତୀ ଡିଜାର୍ କାର୍ ଓ ଛତା ଗ୍ରାମରୁ ଲକ୍ଷ୍ମଣ ଓ ସାରଦା ନାମ୍ନୀ ମହିଳାଙ୍କ ଠାରୁ ୨୫କେଜି ଗଞ୍ଜେଇ ଜବତ ହେଇଛି ।ଅଭିଯୁକ୍ତ ୬ ଜଣଙ୍କ ମଧ୍ୟରୁ ଜଣେ ମହିଳା ଓ ଜଣେ ପୁରୁଷ ରାଜସ୍ଥାନ ର ହେଇଥିବା ବେଳେ ଜଣେ ମଧ ପ୍ରଦେଶ, ଦୁଇଜଣ କଳାହାଣ୍ଡି ଓ ଜଣେ ସ୍ଥାନୀୟ ଥିବାର ଜଣାପଡିଛି ।ଅଧିକଂଶ ଗଞ୍ଜେଇ ଚୋରା ଚ଼ାଲାଣ ସମୟରେ ଏବେ ମହିଳା ମଧ ପ୍ରତ୍ୟକ୍ଷ ଭାବରେ ସଂଶ୍ଳିଷ୍ଟ ରହୁଥିଲା ବେଳେ ସ୍ଥାନୀୟ ଦଲାଲଙ୍କ ସାହାଯ୍ୟରେ ଏହି ଚୋରା ବ୍ୟବସାୟ ବାହାର ରାଜ୍ୟକୁ ସମ୍ପ୍ରସାରଣ ହେଉଛି । ଅଭିଯୁକ୍ତଙ୍କୁ କୋର୍ଟ ଚ଼ାଲାଣ କରିଥିବାର ବିଭାଗ ସୂଚ଼ନା ଦେଇଥିବା ବେଳେ ଅଧିକାରୀଙ୍କ ସହ ଖଡିଆଳ ଅବକାରୀ ଅଧିକାରୀ ଡମ୍ବରୁ ହରିଜନ, ଇନିସପେକ୍ଟର୍ ହୀରାବତି ଥାଟି ଓ ଗୁପ୍ତେଶ୍ୱର ପଟେଲ ଜବତ ସମୟରେ ଉପସ୍ଥିତ ଥିଲେ ।

## ଦୁର୍ଘଟଣାରେ ୧୧ରୁ ଅଧିକ ଗୋରୁଙ୍କ ମୃତ୍ୟୁ, ୫ରୁ ଅଧିକ ଗୋରୁ ଗୁରୁତର

ଖୋର୍ଦ୍ଧା, (ପି.ଏନ): ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ବ୍ରାହ୍ମଣି ନିକଟରେ ଦୁର୍ଘଟଣା ଘଟି ୧୧ରୁ ଅଧିକ ଗୋରୁଙ୍କର ମୃତ୍ୟୁ ଘଟିଛି । ୫ ରୁ ଅଧିକ ଗୋରୁ ଗୁରୁତର ହୋଇଥିବା ଜଣାପଡିଛି । ତେବେ ମଶା ଦାଉରୁ ରକ୍ଷା ପାଇବା ପାଇଁ ଜାତୀୟ ରାଜପଥରେ ଗୋରୁ ମାନେ ଶୋଇ ରହିଥିବା ବେଳେ ଆଜି ଭୋର ସମୟରେ ଗୋରୁ ପଲ ଉପରେ କୌଣସି ଅଜଣା ଗାଡି ମାଡି ଯିବାରୁ ଗୋରୁ ମାନଙ୍କର ଏଭଳି ମୃତ୍ୟୁ ହୋଇଥିବା ଜଣାପଡିଛି । ତେବେ ଗୋରୁ ପଲ ଉପରେ ଗାଡି ମାଡି ଯିବା ହେତୁ ଜାତୀୟ ରାଜପଥର ରାସ୍ତା ଜାମ୍ ରହିଛି । ଏପରିକି କିଛି ସମୟ ପାଇଁ ଜାତୀୟ ରାଜପଥରେ ଏକ ପ୍ରକାର ଟ୍ରାଫିକ ସମସ୍ୟା ଉପୁଜିଥିଲା । ସେହିପରି ଏକ ବୋଲେରୋକୁ ରକ୍ଷା କରିବାକୁ ଯାଇ ଟ୍ରକ୍ ପଛରେ ଏକ ସିମେଂଟ ବୋଝେଇ ଟ୍ରକ୍ ପିଟି ହେବାରୁ ଟ୍ରକ୍ ର ସମ୍ମୁଖ ଭାଗ ଭାଙ୍ଗିରୁଜି ଚୁରମାର ହୋଇଯାଇଛି ।

# ମାଲକାନଗିରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଖିଧରା ରୋଗ ବ୍ୟାପୁଛି

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗତ କିଛି ଦିନ ହେଲା ଚକ୍ଷୁରୋଗୀଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବଢ଼ିଛି। ଦୈନିକ ୨ଶହରୁ ଅଧିକ ରୋଗୀ ଡାକ୍ତରଖାନାକୁ ଚକ୍ଷୁ ସମସ୍ୟା ନେଇ ଆସୁଛନ୍ତି। ସେଥିରୁ ଅଧିକାଂଶ ଆଖିଧରା ରୋଗୀ। ଭୂତାଣୁଜନିତ ରୋଗ ହୋଇଥିବାରୁ ଏହା ଦ୍ରୁତ ଗତିରେ ବ୍ୟାପୁଥିବା ବେଳେ ସ୍ଥିତି ଚିନ୍ତାଜନକ ରହିଛି। କାରଣ ରୋଗୀଙ୍କ ମଧ୍ୟରେ ଅଧିକାଂଶ ବିଦ୍ୟାଳୟ ଛାତ୍ରଛାତ୍ରୀ। ଏତେ ସଂଖ୍ୟାରେ ରୋଗୀ ଆସୁଥିବାରୁ ସେମାନଙ୍କ ତଥ୍ୟ ମଧ୍ୟ ରେକର୍ଡ ହୋଇପାରୁନି। ଅନ୍ୟପକ୍ଷରେ ଏଠାରେ ଜଣେ ମାତ୍ର ଡାକ୍ତର ରହିଥିବାରୁ କାର୍ଯ୍ୟଚାପ ଅଧିକ ପଡୁଛି। ଏମିତି ସ୍ଥିତିରେ କିଛି ଜରୁରୀ ଔଷଧ ମଧ ଡାକ୍ତରଖାନାରେ ନିଅଂଟ ପଡ଼ିଲାଣି। ତେଣୁ ରୋଗୀଙ୍କୁ ବିକଳ୍ପ ଔଷଧ ଦିଆଯାଉଛି। ଯଦି କିଛି ଦିନ ମଧ୍ୟରେ ଔଷଧ ନଆସେ ତେବେ ବଡ଼ ସଂକଟ ସୃଷ୍ଟି ହେବ ବୋଲି କୁହାଯାଉଛି। ମାଲକାନଗିରି ଜିଲ୍ଲାରେ ବର୍ଷା ପ୍ରଭାବ ବଢ଼ିବା ପରେ ଆଖିଧରା ଭଳି ଡିଆଁ ରୋଗ ବେକାବୁ ହୋଇଛି। ପରିବାରରୁ ଜଣେ ସଂକ୍ରମିତ ହେଲେ ଅନ୍ୟ ଜଣଙ୍କୁ ଡେଉଁଛି। ବିଶେଷ କରି ଛାତ୍ରଛାତ୍ରୀ ଏହି ରୋଗରେ ସର୍ବାଧିକ ସଂକ୍ରମିତ ହୋଇଛନ୍ତି। ହଷ୍ଟେଲରେ ରହି ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା ଅଧିକ। ଆଖି ସଂପୂର୍ଣ୍ଣ ନାଲି ହୋଇଯାଇ ଅନବରତ ଲୁହ ଝରୁଛି। ଯନ୍ତ୍ରଣା ସହ ଜ୍ୱର ଭଳି ଲକ୍ଷଣ କିଛି ରୋଗୀଙ୍କ ନିକଟରେ ଦେଖିବାକୁ ମିଳିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଚକ୍ଷୁ ଚିକିତ୍ସା ବିଭାଗକୁ ଗତ ମଇ ମାସରେ ସମୁଦାୟ ୯୫୬ ଜଣ ରୋଗୀ ଚିକିତ୍ସା ପାଇଁ ଆସିଥିଲେ। ଜୁନ୍ ମାସରେ ହଠାତ୍ ୩ ଗୁଣ ଅଧିକ ଅର୍ଥାତ ୨୭୧୧ ଜଣ ରୋଗୀ ଚିକିତ୍ସିତ ହୋଇଥିଲେ। ଚଳିତ ମାସରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ମାସର ପ୍ରଥମ ସପ୍ତାହରେ ଦୈନିକ ଶହେରୁ ଅଧିକ ରୋଗୀ ଆସୁଥିଲେ। ଗତ ସପ୍ତାହ ଠାରୁ ଦୈନିକ ରୋଗୀ ସଂଖ୍ୟା ୨ଶହରୁ ଅଧିକ ରହିଥିବା ଜଣାପଡ଼ିଛି। ଅନ୍ୟପଟେ ଜିଲ୍ଲାରେ ସ୍ଥାୟୀ ଚକ୍ଷୁରୋଗ ବିଶେଷଜ୍ଞ ନାହାନ୍ତି। ତୁରନ୍ତ ଚକ୍ଷୁରୋଗ ବିଶେଷଜ୍ଞ ନିଯୁକ୍ତି ପାଇଁ ସାଧରଣରେ ଦାବୀ ହେଉଛି।

# ପଂଚାୟତରେ କଳାକନା ବୁଲାଇଲେ ଲୁଟେରା, ଲୁଟିନେଲେ ଲକ୍ଷାଧିକ ଟଙ୍କାର ସାମଗ୍ରୀ

ହରିଚନ୍ଦନପୁର,(ପି.ଏନ): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ଥାନା ଅଂଚଳରେ ମାତିଛନ୍ତି ଲୁଟେରା। ପଂଚାୟତ କାର୍ଯ୍ୟାଳୟ ତାଲା ଭାଙ୍ଗି ଲୁଟିନେଲେ ଲକ୍ଷାଧିକ ଟଙ୍କାର କମ୍ପୁଟର ସାମଗ୍ରୀ ।ଖବର ଅନୁଯାୟୀ, ଗତ ବୁଧବାର ବିଳମ୍ବିତ ରାତିରେ ଜାମୁଯୋଡ଼ି ଗ୍ରାମପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରୁ ବଡଧରଣର ଚୋରି ହୋଇଛି । ଗୁରୁବାର ସକାଳେ ସରପଂଚ କୌଶଲ୍ୟା ନାୟକ ଏହା ଜାଣିବା ପରେ ହରିଚନ୍ଦନପୁର ଥାନାଧିକାରୀ ଓ ବିଡ଼ିଓଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ଲୁଟେରା ମାନେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ତାଲା ଭାଙ୍ଗି ଗ୍ରାମ ରୋଜଗାର ସେବକଙ୍କ କାର୍ଯ୍ୟାଳୟରୁ ୩ଟି ପ୍ରିଂଟର, ୨ଟି ବ୍ୟାଟେରୀ, ୧ଟି ଇନଭର୍ଟର ଚୋରି ହୋଇଛି । ଉକ୍ତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଲାଗିଥିବା ସାମାଜିକ ଶିକ୍ଷା ସାଧନ କେନ୍ଦ୍ରର ତାଲା ଭାଙ୍ଗି ୨ଟି ବ୍ୟାଟେରୀ, ୧ଟି ଇନଭେଟର, ୨ଟି ମନିଟର, ୧ଟି ସିପିୟୁ, ୨ଟି ୟୁପିଏସ ଏବଂ ୭ ଟି କିବୋର୍ଡ଼ ଚୋରି ହୋଇଛି । ଏଥିସହ ବିଭିନ୍ନ କମ୍ପ୍ୟୁଟର ସାମଗ୍ରୀ ଭଙ୍ଗାରୁଜା ହୋଇଥିବା ଥାନାରେ ଅଭିଯୋଗ ହୋଇଛି । ଠିକ୍ ସେହିପରି ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କମିଟି ତରଫରୁ ସମାନ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି । ସୂଚନା ଅନୁଯାୟୀ ଜାମୁଯୋଡ଼ି ଗ୍ରାମ ପଂଚାୟତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଆସ୍ପାୟାର ଓ ପଂଚାୟତ ମିଳିତ କ୍ରମେ ସାମାଜିକ ଶିକ୍ଷା ସାଧନ କେନ୍ଦ୍ର କରି ମାଗଣାରେ ପଂଚାୟତ ବାସୀଙ୍କୁ କମ୍ପ୍ୟୁଟର ଶିକ୍ଷା ପ୍ରଦାନ କରି ଆସୁଥିବା ବେଳେ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର କମ୍ପ୍ୟୁଟର ସାମଗ୍ରୀ ଲୁଟି ନେଇଥିବା ଜଣାପଡିଛି । ତେବେ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରୁ କିଛି ଦୂରରେ ଦୁର୍ବୃତ ମାନେ କିଛି ସାମଗ୍ରୀ ଫୋପାଡ଼ି ଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ତାଲା ଭାଙ୍ଗିବା ନିମନ୍ତେ ବ୍ୟବହାର ହୋଇଥିବା ଆରିପାତ, ଶାବଳ ଛାଡି ଦୁର୍ବୃତ ମାନେ ପଳାଇ ଥିବା ଦେଖିବାକୁ ମିଳିଛି । ଥାନାରେ ଦୁଇଟି ଅଭିଯୋଗ ପରେ ପୋଲିସ ଘଟଣାସ୍ଥଳରେ ପହଂଚି ପଡ଼ିଥିବା ଜିନିଷ ଗୁଡ଼ିକୁ ଜବତ କରି ତଦନ୍ତ ଆରମ୍ଭ କରିଛି । ତେବେ ଉକ୍ତ ଘଟଣାରେ ସ୍ଥାନୀୟ ଲୋକେ ସଂପୃକ୍ତ ଥିବା ସନ୍ଦେହ ସହ ସ୍ଥାନୀୟ ଅଂଚଳରେ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି ।

# ଆଦିବାସୀ ବହୁଳ ଗ୍ରାମ ଶିର୍ଲିର ଦୃଶ୍ୟ : ଶୋଚନୀୟ ସଡ଼କ, ସଡ଼କ ଉପରେ ବର୍ଷା ଜଳ ପ୍ରବାହିତ

ନୂଆପଡ଼ା,(ପି.ଏନ): କେନ୍ଦ୍ର ସହିତ ରାଜ୍ୟ ସରକାର ୫ ଗୋଟି ସମସ୍ୟାକୁ ଦୂରୀକରଣ କରିବା ପାଇଁ ପ୍ରୟାସ କରୁଥିବା ଡିଣ୍ଡିମ ପିଟୁଛନ୍ତି । ତାହା ହେଲା ଗମନାଗମନ ପାଇଁ ରାସ୍ତା, ସ୍ୱାସ୍ଥ୍ୟ, ଖାଦ୍ୟ, ଶିକ୍ଷା ଓ ରହିବା ପାଇଁ ଆବାସ । ସରକାରଙ୍କ ଯୋଜନା କେତେକାଂଶରେ ସଫଳ ହେଉଥିବା ବେଳେ କେତେକାଂଶରେ ଦାୟିତ୍ୱରେ ଥିବା କର୍ମଚାରୀ ମାନଙ୍କ ଅବହେଳା ଯୋଗୁଁ ସମସ୍ୟା ଗୁଡିକ ଦୂରୀକରଣ ହୋଇ ପାରୁନାହିଁ । ଏହିପରି ଏକ ରାସ୍ତାର ଦୁରାବସ୍ଥା ଦେଖିବାକୁ ମିଳିଛି ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଆଦିବାସୀ ବହୁଳ ଗ୍ରାମ ଶିର୍ଲିରେ । ଗାଁ ଦାଣ୍ଡର ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡି ଥିବା ବେଳେ ସଡ଼କ ଉପରେ ଚଳିତ ଲଘୁଚାପ ବର୍ଷାର ଜଳ ପ୍ରବାହିତ ହେଉଅଛି। ଉକ୍ତ ଗ୍ରାମ ଆଦିବାସୀ ବହୁଳ ଗ୍ରାମ । ସରକାରଙ୍କ ନିୟମ ଅନୁସାରେ ମାଡା ଗ୍ରାମରେ ରାସ୍ତା, ଆବାସ ଯୋଜନା ସହିତ ଅନେକ ଉନ୍ନୟନମୂଳକ କାର୍ଯ୍ୟ ହେବା କଥା । କିନ୍ତୁ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଅବହେଳା ଯୋଗୁଁ ସ୍ୱାଧୀନତା ପରବର୍ତୀ ଚିତ୍ର ଯାହାଥିଲା ଏବେ ବି ସେମିତି ରହିଛି । ବିକାଶ ବିକାଶରେ ହିଁ ରହିଯାଇଛି ।ଏ ବିଷୟରେ ବୋଡ଼େନ ବିଡିଓ ପ୍ରିୟରଞ୍ଜନ କୁମାରଙ୍କୁ ଯୋଗାଯୋଗ କରାଯିବାରୁ ମୁଁ ମଧ ଉକ୍ତ ଗ୍ରାମକୁ ଯାଇଛି ଓ ସେହି ଗ୍ରାମର ରାସ୍ତା ଦୁରାବସ୍ଥା ଦେଖିଛି । ଅତିଶୀଘ୍ର ରାସ୍ତା ମରାମତି କରି ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ ।

# ମଟର ଯାନ ଚଳାଇବା ସମୟରେ ଆବଶ୍ୟକ ନିୟମ ମାନିବା ନିମନ୍ତେ ବ୍ୟାପକ ସଚେତନ ଆବଶ୍ୟକ ସମ୍ବନ୍ଧେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଦାବୀ ପ୍ରଦାନ

ମାଲକାନଗିରି, (ପି.ଏନ): ଗତ ଦିନମାନଙ୍କରେ ମଟର ସାଇକଲ ଦୂର୍ଘଟଣା ଆମଜିଲ୍ଲାରେ ଅନେକ ମାତ୍ରାରେ ବୃଦ୍ଧି ହେବାରେ ଲାଗିଛି !ଅନେକ ମଟରଯାନ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନାହିଁ !କମ୍ ବୟସର ଅନେକ ପୁଅ ଝିଅ ମଟରଯାନ ଚଳାଉଛନ୍ତି ! ଏ ବିଷୟରେ ବାପା, ମା ଓ ଅବିଭାବକମାନେ ସଚେତନ ନୁହନ୍ତି, ପରିବାରର ସାଧାରଣ ଆବଶ୍ୟକତା ନିମନ୍ତେ ପିଲାମାନଙ୍କୁ ମଟର ସାଇକଲ ଦେଇ ମୂଖ୍ୟ ସଡକକୁ ପଠାଉଛନ୍ତି !ପ୍ରାୟତଃ ମଙ୍ଗଳବାର କୁ ବାଦ୍ ଦେଲେ ଅନ୍ୟ ଦିନରେ ଅନେକ ମଟରଚାଳକ ହେଲ୍‌ମେଟ୍ ବ୍ୟବହାର କରୁନାହାନ୍ତି !ଏଣୁ ଏହି ଚାଳକମାନଙ୍କୁ ଧରିବା, ସଚେତନ କରିବା ଓ ମୋଟାଅଙ୍କରେ ଜୋରିମାନା ଆଦାୟର ବ୍ୟବସ୍ଥା କରାଯାଉ !ଆମ ଜିଲ୍ଲାରେ ସିନିଅର୍ ରେଡ୍‌କ୍ରସ୍, ଆପଦର ମିତ୍ର, ଏନ୍.ଏସ୍.ଏସ୍, ସ୍କାଉଟ୍ ଓ ଏନ୍.ସି.ସି ଶିକ୍ଷାର୍ଥି ଅଛନ୍ତି, ଯଦି ଆମେ ସେମାନଙ୍କୁ ପୋଲିସ୍ ପ୍ରଶାସନସହ ସଡକ ଦୂର୍ଘଟଣା ବିଷୟରେ ସଚେତନ କାର୍ଯ୍ୟରେ ସାମିଲ୍ କରାଯାଉ ! ଏହି ପ୍ରକାର ବ୍ୟବସ୍ଥା ଆମରାଜ୍ୟର ଅନ୍ୟଜିଲ୍ଲାମାନଙ୍କରେ ଓ ଆମ ରାଜଧାନୀ ଭୁବନେଶ୍ୱରରେ ତଥା ନିକଟ ରାଜ୍ୟ ଆନ୍ଧ୍ର ପ୍ରଦେଶ୍ର ବିଭିନ୍ନ ସହରରେ ଟ୍ରାଫିକ୍ ଛକ ଓ ମଟରଯାନ ଯାଂଚ ସମୟରେ କାର୍ଯ୍ୟକାରୀ କରାଯାଉଛି ! ପ୍ରତ୍ୟେକ ଛୋଟ ସହର ଯେପରି କିଆଙ୍ଗ, ମହୁପଦର, ମାଥିଲି, ଗୋବିନ୍ଦପାଲି, ଖଇରପୁଟ୍, କୁଡୁମୁଲୁଗୁମ୍ମା, ସୋମନାଥପୁର, ବାଲିମେଳା, ମୁଦୁଲିପଡା, ଟନଲ୍ କ୍ୟାମ୍ପ୍, ଚିତ୍ରକୋଣ୍ଡା, ପପୁଲୁର, ସ୍ୱାଭିମାନ ଅଂଚଳ, ପାଙ୍ଗାମ୍, କୋତାମେଟା, ପାଣ୍ଡ୍ରିପାଣି, ପଦ୍ମଗିରି, କୋରକୁଣ୍ଡା, କାମ୍ୱେଡା, ନିଳାଦ୍ରିନଗର, ଭେଜାଙ୍ଗିୱାଡା, କାଲିମେଳା, ଏମ୍.ଭି - ୭, ଗଙ୍ଗଲା, ସିମିଳିବାଞ୍ଚି, ଗମ୍ପାକୋଣ୍ଡା, ନିଲିଗୁଡା, ବାପନପାଲି, ପଟେରୁ, ଶିଖପାଲି, ପଡିଆ, ଏମ୍ .ଭି -୭୯, ଏମ୍. ଭି -୭୨, ଏମ୍ .ଭି -୮୩, ଏମ୍ .ଭି -୮୮, ମୋଟୁ ପରି ସମସ୍ତ ସ୍ଥାନ ମାନଙ୍କରେ ବିଶେଷକରି ହାଟ ଦିନରେ ସଚେତନ କାର୍ଯ୍ୟ କଲେ ଅନେକ ଲୋକ ମଟରଚାଳନା ବିଷୟରେ ସଚେତନ ହୋଇପାରନ୍ତେ । ସମସ୍ତ ଉଚ୍ଚ ବିଦ୍ୟାଳୟ, କେ.ଜି.ବି.ଭି, ଆଦର୍ଶ ବିଦ୍ୟାଳୟ, ଏକଲବ୍ୟ ବିଦ୍ୟାଳୟ ଓ ସମସ୍ତ ସରକାରୀ ବେସରକାରୀ ମହାବିଦ୍ୟାଳୟରେ ମଧ ଏହି ସଚେତନ କାର୍ଯ୍ୟ କରିବା ନିମନ୍ତେ ଯୋଜନା କରିବା ଉଚିତ୍ !ସମସ୍ତ ଜନପ୍ରତିନିଧି ମାନଙ୍କ ବୈଠକରେ ବ୍ଲକ୍ ଓ ଜିଲ୍ଲା ସ୍ତରରେ ସଡକ ସୁରକ୍ଷା ସଚେତନା ନିମନ୍ତେ କିଛି ସମୟ ରଖିବା ଦରକାର । ସମସ୍ତ ସରକାରୀ ଦପ୍ତର, ବେସରକାରୀ ଅନୁଷ୍ଠାନ ରେ ପ୍ରତି ମାସରେ ଏହି ସଚେତନ କାର୍ଯ୍ୟ ନିମନ୍ତେ ସ୍ୱତନ୍ତ୍ର ସମୟ ବାହାର କରିବା ଦରକାର । ସଚେତନତାହିଁ ଦୂର୍ଘଟଣା କୁ ସହଜରେ ଏଡାଇ ଦେଇ ଅମୂଲ୍ୟ ଜୀବନ ବଂଚାଇବାରେ ଏକ ମାତ୍ର ପନ୍ଥା ମନେହୁଏ !ଏହାସହ ପ୍ରଥମେ ଅଳ୍ପ ଜୋରିନାମା ଓ ପରେ ଯଦି ସେହି ବ୍ୟକ୍ତି ବାରମ୍ବାର ଆଇନ୍ ଉଲଙ୍ଘନ କରେ ତେବେ ମୋଟାଅଙ୍କର ଜୋରିମାନା ସହ ଥାନାରେ ନିଜ ତରଫରୁ ପୁନଃ ଏ ପ୍ରକାର ଭୁଲ ଯେପରି ନହୁଏ ତାହାର ଏକ ଲିଖିତ ଘୋଷଣାନାମା ଲେଖି ଉଭୟ ସ୍ୱାମୀ ଓ ସ୍ତ୍ରୀ କିମ୍ବା ଅବିଭାବକ ଉଭୟ ପିଲା ସହ ଦସ୍ତଖତ ଦେବା ନିମନ୍ତେ ବ୍ୟବସ୍ଥା କରାଯାଉ ! ଜିଲ୍ଲାର ବିଭିନ୍ନ ଥାନା ନିକଟରେ ଓ ଜନଗହଳି ସ୍ଥାନ ମାନଙ୍କରେ ଥିବା "ସି ସି କ୍ୟାମେରା"ରେ ମଧ ଅନୁଧ୍ୟାନ କରି ପ୍ରଥମେ ସଚେତନ ବାର୍ତ୍ତା ମଟରସାଇକଲ ମାଲିକ କୁ ଓ ପରେ ଜୋରିମାନା ନିମନ୍ତେ ମଧ ମୋବାଇଲ୍ ସନ୍ଦେଶ ଦିଆଯାଉ !କାର୍ଯ୍ୟ ଆରମ୍ଭ କଲେ ଅଭିଜ୍ଞତା ଆଧାରରେ ଆଉ ଅନେକ ଯୋଜନା ମନକୁ ଆସିବ, ସେଗୁଡିକୁ ବୈଠକ ମାଧ୍ୟମରେ ଉଚିତ୍ ବିଷୟକୁ କାର୍ଯ୍ୟକାରୀ ନିମନ୍ତେ ନିର୍ଦ୍ଦେଶ ଦେବାକୁ ସମାଜସେବୀ ତଥା ଭାରତୀୟ ରେଡ୍‌କ୍ରସ୍ ସୋସାଇଟିର ଆଜୀବନ ସଦସ୍ୟ ରାମ କୃଷ୍ଣ ଚୌଧୁରୀ ଅଧିକାରୀଙ୍କ ସହ ବିଶେଷ ଆଲୋଚନା କରିବା ସହ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ । ଏହି ବିଷୟରେ ଜିଲ୍ଲାପାଳ ମାଲକାନଗିରି / ଜିଲ୍ଲା ପରିବହନ ନିରିକ୍ଷଣ ଅଧିକାରୀ, ମାଲକାନଗିରି / ସମସ୍ତ ଥାନା ଅଧିକାରୀ, ମାଲକାନଗିରି ଜିଲ୍ଲା / ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ମାଲକାନଗିରି ଜିଲ୍ଲା ଙ୍କୁ ପତ୍ର ମାଧ୍ୟମରେ ମଧ ପତ୍ରାଳାପ କରିବେ ବୋଲି ରାମ କୃଷ୍ଣ କହିଛନ୍ତି !




2023-2024

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Saturday July 22, 2023 ଭୁବନେଶ୍ୱର ଶନିବାର, ଜୁଲାଇ ୨୨,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# କେରଳ ଫିଲ୍ମ ଫେଷ୍ଟରେ ସ୍କ୍ରିନିଂ ପାଇଁ 'ସି ଆଣ୍ଡ ସେଭେନ୍ ଭିଲେଜେସ୍' ମନୋନୀତ

ଭୁବନେଶ୍ୱର ,(ପି.ଏନ): ଅଚ୍ୟୁତ ସାମନ୍ତଙ୍କ ନିବେଦିତ ଖ୍ୟାତି ସମ୍ପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ହିମାଂଶୁ ଖଟୁଆଙ୍କ ନିର୍ଦ୍ଦେଶିତ ପ୍ରାମାଣିକ ଓଡ଼ିଆ ଚଳଚ୍ଚିତ୍ର 'ସି ଆଣ୍ଡ ସେଭେନ୍ ଭିଲେଜେସ୍' କେରଳରେ ଅନୁଷ୍ଠିତ ହେବାକୁ ଥିବା ୧୫ତମ ଅନ୍ତର୍ଜାତୀୟ ଡକ୍ୟୁମେଣ୍ଟାରୀ ଓ କ୍ଷୁଦ୍ର ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶନ ପାଇଁ ମନୋନୀତ ହୋଇଛି। ଅଗଷ୍ଟ ୪ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମହୋତ୍ସବର ଦୀର୍ଘ ଡକ୍ୟୁମେଣ୍ଟାରୀ ପ୍ରତିଯୋଗିତା ବିଭାଗରେ ଏହା ସ୍ଥାନ ପାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ସାତଭାୟା ଅଞ୍ଚଳରେ ହେଉଥିବା ସମୁଦ୍ର ପତ୍ତନ ବୃଦ୍ଧି, ସମୁଦ୍ର ପ୍ରଭାବରେ କିଭଳି ଉପକୂଳ କ୍ଷୟ ହେବାରେ ଲାଗିଛି, ବାରମ୍ବାର ଘୂର୍ଣ୍ଣିବଳୟ ଓ ଉପକୂଳବର୍ତ୍ତୀ ଜମିର ପରିଚାଳନାଗତ ତ୍ରୁଟି ଯୋଗୁଁ କିଭଳି ବଙ୍ଗୋପସାଗର ଏହି ଅଞ୍ଚଳର ସାତୋଟି ଗ୍ରାମକୁ ନଷ୍ଟ କରିଦେଇଛି ତା ଉପରେ ଶ୍ରୀ ଖଟୁଆ ଦୀର୍ଘ ଦିନ ଧରି ଗବେଷଣା କରିବା




ସହ ଏହି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରିଛନ୍ତି। ଜଳବାୟୁ ପରିବର୍ତ୍ତନ ଓ ସାତଭାୟା ଅଞ୍ଚଳ ଉପରେ ଏହାର ପ୍ରଭାବ ଉପରେ ଏହି ପ୍ରାମାଣିକ ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଯୋଗୁଁ ଏଠାରେ ବାସଗୃହ, ଚାଷଜମି ଓ ସମଗ୍ର ଜନବସତି କିଭଳି ନଷ୍ଟ ହୋଇଯାଇଛି ତାହା ବର୍ଣ୍ଣନା କରାଯାଇଛି। ସୂଚନାଯୋଗ୍ୟ, ଚଳଚ୍ଚିତ୍ର ନିର୍ମାତାମାନଙ୍କ ପାଇଁ ସେମାନଙ୍କ ସର୍ଜନାତ୍ମକ ଚିନ୍ତାଧାରା ଉପରେ ନୂଆ କିଛି କରି ଦେଖାଇବା ନିମନ୍ତେ କେରଳ ଚଳଚ୍ଚିତ୍ର ମହୋତ୍ସବ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ। ଏହି ପ୍ରାମାଣିକ ଚଳଚ୍ଚିତ୍ରରେ ସାତାଭାୟା ଅଞ୍ଚଳର ଲୋକଙ୍କ ଜୀବନ ଓ ସଂଘର୍ଷର ବାସ୍ତବ ଚିତ୍ରକୁ ଉପସ୍ଥାପନ କରାଯିବା ସହ ଜଳବାୟୁର ପ୍ରଭାବ ଓ ସେଥିନେଇ ଅସୁରକ୍ଷିତ ସମ୍ପ୍ରଦାୟଙ୍କ ସୁରକ୍ଷା ନେଇ ବିଶେଷ ଗୁରୁତ୍ୱ ଦିଆଯାଇଛି। କାଦମ୍ବିନୀ ମିଡ଼ିଆ ବ୍ୟାନରରେ ପ୍ରସ୍ତୁତ ଏହି ପ୍ରାମାଣିକ ଚଳଚ୍ଚିତ୍ରକୁ ଡ. ଇତି ସାମନ୍ତ ପ୍ରଯୋଜନା କରିଛନ୍ତି।

## ନିଶା କାରବାରରେ ଦୁଇ ଛାତ୍ର ନେତା ଗିରଫ : ୮୩ ଗ୍ରାମ ବ୍ରାଉନ ସୁଗାର ଜବତ

ପାରାଦୀପ,(ପି.ଏନ): ପାରାଦୀପରେ ଦୁଇ ଜଣ ଛାତ୍ର ନେତାଙ୍କ ୮୩ ଗ୍ରାମ ବ୍ରାଉନ ସୁଗାର ସହ ଗିରଫ କରିଛି ଅବକାରୀ ବିଭାଗ । ଧଳା ଜହର କାରବାରରେ ଲିପ୍ତ ପାରାଦୀପ ଲକପଡା ଅଂଚଳର ଚନ୍ଦ୍ରକାନ୍ତ ମହାଳି ଓ ରାକେଶ କୁମାର ସ୍ୱାଇଁ ବୋଲି ଜଣାପଡିଛି । ଉଭୟଙ୍କ ବିରୁଦ୍ଧରେ ମାମଲା ରୁଜୁ କରି କିଙ୍ଗପିନ୍‌କୁ ଧରିବାକୁ ଅଧିକ ତଦ' ଜାରୀ ରଖିଛି ଅବକାରୀ ବିଭାଗ। ଏହି ବ୍ରାଉନ ସୁଗାର ମୁଲ୍ୟ ୮ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଅନୁମାନ କରାଯାଉଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଲା ଏହି ଦୁଇ ଜଣଙ୍କ ମଧ୍ୟରୁ ଜଣେ ପାରାଦୀପ ବିଜୁ ଛାତ୍ର ଜନତା ଦଳର ଉପପସଭାପତି ଥିବା ବେଳେ ଅନ୍ୟ ଜଣେ ସାଧାରଣ ସମ୍ପାଦକ ବୋଲି ଜଣାପଡିଛି।

## ବିପର୍ଯ୍ୟସ୍ତ ଅବସ୍ଥାରେ ବାଘଧରିଆ ଏକ ନମ୍ବର ଅଙ୍ଗନାୱାଡି

ହିନ୍ଦୋଳ,(ପି.ଏନ) :ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ ନୂଆବଗ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଘଧରିଆ ଏକ ନମ୍ବର ଅଙ୍ଗନାୱାଡି ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି !ସେହି ଅଙ୍ଗନାୱାଡି ରେ ପିଲାମାନେ ବିପଦ ସଂକୁଳ ଅବସ୍ଥାରେ ଅଛନ୍ତି !ପିଲାମାନେ ସ୍କୁଲ କୁ ଆସିବା ସମୟ ଠାରୁ ଯିବା ସମୟ ପର୍ଯନ୍ତ ବିପଦ ରେ ରହୁଛନ୍ତି କାରଣ ସେହି ସ୍ଥାନରେ ଝରକା କବାଟ ନ ଥିବା ଦ୍ୱାରା ମାଙ୍କଡ଼ ହନୁ ଓ୍ ଅନ୍ୟାନ୍ୟଯିବ ମାନଙ୍କର ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି !ସେହି ପିଲାମାନେ ଅତି ଛୋଟ ପିଲା ଥିବାରୁ ମାଙ୍କଡ଼ ହନୁ କ୍ଷତ ବିକ୍ଷତ କରୁଛନ୍ତି !ଅଙ୍ଗନାୱାଡି ଶିକ୍ଷକ ପାଠ ପଢ଼ାଉଥିବା ସମୟ ରେ ମାଙ୍କଡ଼ ହନୁ ମାନଙ୍କ ପ୍ରଭାବ ଦେଖିବାକୁ ମିଳିଛି !ପିଲାମାନଙ୍କର ଖାଦ୍ୟ କୁ ଜୀବଜନ୍ତୁ ମାନେ ବୋହି



ନେଉଛନ୍ତି !ଅନେକ ସମୟ ରେ ପିଲାମାନେ ଉପବାସ ରହୁଛନ୍ତି କାରଣ ତାଙ୍କ ଖାଦ୍ୟ କୁ ହନୁ ମାଙ୍କଡ଼ ବୋହିନେଉଛନ୍ତି !ଏଣୁ ଝରକା କବାଟ କେବେ ଲାଗିବ ପିଲାମାନେ ବିପଦ ରୁ କେବେ ରକ୍ଷା ପାଇବେ ଦେଖିବାକୁ ବାକି ରହିଲା !ସରକାର ବାହାବା ମାରୁଛନ୍ତି ଯେ କୋମଳମତି ଶିଶୁମାନେ ସୁବିଧାରେ ପଢିବେ, ତାଙ୍କର ସବୁ ସୁବିଧା ସରକାର କରିବ, କୁଆଡ ? ଗଲା ସେ ବହସ୍ପଟ କଥା, କେବେ ପିଲାମାନଙ୍କର ସୁବିଧା ହେବ ଓ୍ ଅଙ୍ଗନାୱାଡି ରେ କବାଟ, ଝରକା ଲାଗିବ, ଅପେକ୍ଷା ରେ ଗ୍ରାମବାସୀ !କେବେ ଦୂର ହେବ ବାଘଧରିଆ ଏକ ନମ୍ବର ଅଙ୍ଗନାୱାଡି ର ବିପର୍ଯ୍ୟସ୍ତ ଅବସ୍ଥା କୋମଳମତି ପିଲାମାନେ କେବେ ବିପଦ ଅବସ୍ଥା ରୁ ଦୂର ହୋଇ ଠିକ ରେ ପଢିବେ ଓ୍ ଖାଦ୍ୟ ଠିକ ରେ ଖାଇବେ ଦେଖିବାକୁ ବାକି ରହିଲା !

## ଦାରିଙ୍ଗବାଡି ଅଂଚଳରେ ଭୂ-ସ୍ଖଳନ ପାଇଁ ପୂର୍ବ ସତର୍କତା

କନ୍ଧମାଳ, (ପି.ଏନ): ଆଗକୁ ପ୍ରବଳ ବର୍ଷା ସମ୍ଭାବନା ନେଇ ଜିଲ୍ଲା ପ୍ରଶାସନର ସତର୍କତା । ଆସନ୍ତା ୫ ଦିନ ଯାଏ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଆଂଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇବା ସହିତ ପାହାଡ଼ିଆ ଅଂଚଳରେ ଭୂ-ସ୍ଖଳନ ହେବା ନେଇ ସତର୍କତା ଜାରି କରିଛନ୍ତି। ଦାରିଙ୍ଗବାଡ଼ି ବ୍ଲକ ଅଂଚଳରେ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବ୍ଲକ ପ୍ରଶାସନ ତରଫରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି। ଗତବର୍ଷ ଭୂ-ସ୍ଖଳନ ହୋଇଥିବା ତାମାଙ୍ଗି- କୁମ୍ଭାରୀପଦର ଭୂ-ସ୍ଖଳନ ଅଂଚଳକୁ ନିଷିଦ୍ଧାଂଂଳ ଘୋଷଣା କରାଯାଇଛି ।ସୂଚନା ପ୍ରକାରେ ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ହାତିମୁଣ୍ଡା ପଂଚାୟତର କୁମ୍ଭାରୀପଦର ଗାଁ ମୁଣ୍ଡ ପାହାଡ଼ରେ ପ୍ରତିବର୍ଷ ଲଗାଣ ବର୍ଷାରେ ଭୂ-ସ୍ଖଳନ ଦେଖାଦେଉଥିବା ବିଷୟ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ସହ ଗ୍ରାମବାସୀ ମାନେ ଭୟଭୀତ ହୋଇ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ଖବର ପ୍ରସାରଣ ହେବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଭୂତତ୍ୱବିତ୍ ମାନେ ଆସି ଉକ୍ତ ଅଂଚଳର ମାଟି ନେଇ ପରୀକ୍ଷା ନିରୀକ୍ଷା କରିବା ପରେ ସେଠାକାର ଗ୍ରାମବାସୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରି ଥଇଥାନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ଗୃହ ନିର୍ମାଣ କାର୍ଯ୍ୟ ସରି ନ ଥିବାରୁ ଗ୍ରାମବାସୀ ମାନେ ନିଜ ନିଜ ଗୃହରେ ରହୁଛନ୍ତି।

## ଡିଏଭି ପୋଖରୀପୁଟରେ ମେଧାବୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର ,(ପି.ଏନ): ଡିଏଭି ପୋଖରୀପୁଟର ଦଶମ ଓ ଦ୍ୱାଦଶ ଶ୍ରେଣୀରେ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ପ୍ରାପ୍ତ କରିଥିବା ମୋଟ ୧୦୯ (ଦଶମ-୭୮, ଦ୍ୱାଦଶ-୩୧) ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଭବ୍ୟ ସମାରୋହରେ ପଦାର୍ଥ ବିଜ୍ଞାନ ଅନୁଷ୍ଠାନ, ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର କରୁଣାକର ନନ୍ଦ ପ୍ରଦୀପ ପ୍ରଜ୍ୱଳନପୂର୍ବକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି 'ବିଜ୍ଞାନ ହିଁ ସମସ୍ତ ସଫଳତାର ପ୍ରଚ୍ଛଦପଟ୍ଟ ନାୟକ' ବୋଲି ନିଜର ଅଭିଭାଷଣରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଶିକ୍ଷୟିତ୍ରୀ/ ଶିକ୍ଷକମାନଙ୍କ ଦ୍ୱାରା ପରିବେଷିତ ଚିତ୍ତାକର୍ଷକ ସମୂହଗାନ ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର




ଚେୟାରମ୍ୟାନ୍ ଡକ୍ଟର ଅରୁଣ କୁମାର ରଥ ସ୍ୱାଗତ ପରିଚୟ ପ୍ରଦାନ କରିବା ସହ କଠୋର ପରିଶ୍ରମ ହିଁ ସଫଳତାର ମହାମନ୍ତ୍ର ବୋଲି କହିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଡିଏଭି ଅନୁଷ୍ଠାନ ସମୂହର ସହ ଆଞ୍ଚଳିକ ଅଧିକାରୀ ଡ. ସୁଜାତା ଯୋଗଦାନ କରି ବିଦ୍ୟାର୍ଥୀଙ୍କର ସାଧନା, ଏକାଗ୍ରତା ଓ ନିଷ୍ଠା କେବେ ବିଫଳ ହୁଏ ନାହିଁ ବୋଲି କହିବା ସହ ସମ୍ବର୍ଦ୍ଧିତ ବିଦ୍ୟାର୍ଥୀଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ଅନୁଷ୍ଠାନର ସଫଳତା ବିବରଣୀ ପାଠପୂର୍ବକ ସମାଜର ଅଗ୍ରଣୀ ସେବକ ଭାବେ ନିଜକୁ ଗଢ଼ିତୋଳିବା ପାଇଁ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ୟୁ.ପି.ଏସ୍.ସି ପରୀକ୍ଷାରେ ସଫଳତା ଲାଭ କରିଥିବା ବିଦ୍ୟାଳୟର ଦୁଇଜଣ ପୁରାତନ ଛାତ୍ରୀ ପ୍ରଣିତା ଦାଶ ଓ ଶୁଭସ୍ନିଗ୍ଧା ସେଠୀଙ୍କୁ ମଧ୍ୟ ଉକ୍ତ ଉତ୍ସବରେ ସେମାନଙ୍କ କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରିଥିଲେ ।

## ଓଡ଼ିଶା ମିଲେଟ୍ସ ମିଶନ ଓ ଏମ୍ସ ଭୁବନେଶ୍ୱର ମିଳିତ ଭାବରେ କରିବେ ମିଲେଟର ପ୍ରୋତ୍ସାହନ

ଭୁବନେଶ୍ୱର,(ପି.ଏନ): ଗତ ୨୦ ତାରିଖରେ ଓଡ଼ିଶା ମିଲେଟ୍ସ ମିଶନ (ଓଏମ୍ଏମ୍), ଏମ୍ସ ଭୁବନେଶ୍ୱର ସହଭାଗୀତାରେ ଏମ୍ସ ପରିସରରେ ମିଲେଟ ବା ପୁଷ୍ଟିସାରର ପ୍ରୋତ୍ସାହନ ପାଇଁ ଏକ ମିଲେଟ କିଓସ୍କର ଉଦ୍‌ଘାଟନ ହୋଇଯାଇଛି। ଏମ୍ସର କର୍ମଚାରୀ ଓ ସାଧାରଣ ଜନତାଙ୍କ ସ୍ୱାସ୍ଥ୍ୟ ହିତ ପାଇଁ ଏଭଳି ପଦକ୍ଷେପ ନିଆଯାଇଛି। ଏହି ଉଦ୍‌ଘାଟନ ଉତ୍ସବରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ସଚିବ ଏବଂ ଏମ୍ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ତଥା କୃଷି ବିଭାଗ ଓ ଏମ୍ସର ବରିଷ୍ଠ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କିଓସ୍କ ଜୁଲାଇ ୨୨ ତାରିଖ ପର୍ଯ୍ୟନ୍ତ ଏମ୍ସ କର୍ମଚାରୀ ଓ ସାଧାରଣ ଜନତାଙ୍କ ପାଇଁ ଖୋଲା ରହିବ। ମିଶନ ଶକ୍ତି ମହିଳାମାନଙ୍କ ଦ୍ୱାରା ପରିଚାଳିତ ଏହି କିଓସ୍କରେ ପୁଷ୍ଟିସାର ବା ମିଲେଟରୁ ନିର୍ମିତ ବିଭିନ୍ନ ଖାଦ୍ୟ ସାମଗ୍ରୀ ଯଥା ଖୁରୁମା, କୁକିଜ୍, ମିକ୍ସଚର, ଗୋଟା ଶସ୍ୟ, ପେଷା ଶସ୍ୟ ଇତ୍ୟାଦି ମିଳିବ। ସଚେତନତା ବୃଦ୍ଧିପାଇଁ ଡାକ୍ତର, ନର୍ସ ଓ ଜନ ସାଧାରଣଙ୍କୁ ପ୍ରଚାର ପତ୍ର ବର୍ଣ୍ଟନ ସହ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମାନ ଆୟୋଜିତ ହେଉଛି। ମିଲେଟ ଆଧାରିତ ଖାଦ୍ୟ ତିଆରି କରିବାରେ ଲୋକଙ୍କ ଆଗ୍ରହ ବୃଦ୍ଧି କରିବାପାଇଁ ବ୍ୟବସ୍ଥା କରାଯାଇଥିଲା ।ଉଦ୍‌ଘାଟନୀ



କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ମୁଖ୍ୟ ସଚିବ ଡଃ ଅରବିନ୍ଦ କୁମାର ପାଢୀ ଓଡ଼ିଶା ମିଲେଟ୍ସ ମିଶନ ସଫଳତା ପାଇଁ ରାଜ୍ୟ ସରକାରଙ୍କ ରଣନୀତି ବିଷୟରେ ଆଲୋକପାତ କରିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ଯଥା ମିଶନ ଶକ୍ତି, କ୍ରୀଡା, ସ୍ୱାସ୍ଥ୍ୟ, ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଗୁଡିକ ସହ ସାମୁହିକ ଭାବରେ ଓଡ଼ିଶା ମିଲେଟ୍ସ ମିଶନ କାର୍ଯ୍ୟ କରୁଛି। ଏମ୍ସ ଓ ଆପେଡା ଭଳି କେନ୍ଦ୍ରୀୟ ଅନୁଷ୍ଠାନମାନଙ୍କ ସହଭାଗୀତାରେ ଏହି କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ବେସରକାରୀ ଅନୁଷ୍ଠାନ, ସଂସ୍ଥା ଏବଂ ଓଡ଼ିଶା ହୋଟେଲ ଓ ରେଷ୍ଟୁରାଣ୍ଟସଂଘ ମାନଙ୍କୁ ଏହି ଆନ୍ଦୋଳନ ସହ ଜଡିତ କରାଯାଇ ମିଲେଟ ସଚେତନତା ଯଥେଷ୍ଟ ମାତ୍ରାରେ ବୃଦ୍ଧି କରାଯାଉଛି। ଏମ୍ସର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଡା. ଆଶୁତୋଷ ବିଶ୍ୱାସ ନିଜ ବକ୍ତବ୍ୟରେ ମିଲେଟର ବିଭିନ୍ନ ଉପକାରୀତା ବିଷୟରେ କହିଥିଲେ। ପୁରୁଣା ରୋଗରେ ଥିବା ରୋଗୀ, ଗର୍ଭବତୀ ଏବଂ ପ୍ରସୂତୀ ମହିଳାମାନଙ୍କ ପାଇଁ ମିଲେଟ ବିଶେଷ ଉପଯୋଗୀ ବୋଲି ଉଲ୍ଲେଖ କରିଥିଲେ। ନିକଟରେ ଏହାର କାର୍ଯ୍ୟକାରୀ ନିର୍ଦ୍ଦେଶକଙ୍କ ଲିଖିତ ଏବଂ ଭୁବନେଶ୍ୱର ଏମ୍ସ ପ୍ରକାଶିତ ମିଲେଟ ବୁକଲେଟରେ ମିଲେଟରେ ଥିବା ପୌଷ୍ଟିକ ତତ୍ତ୍ୱ ଏବଂ ସ୍ୱାସ୍ଥ୍ୟ ଉପକାରୀତା ବିଷୟରେ ବିଶଦ ଭାବରେ ଉଲ୍ଲେଖ କରିଛନ୍ତି। ଏମ୍ସ ଦନ୍ତ ବିଭାଗର ପ୍ରଫେସର ଡା. ଅଶୋକ କୁମାର ଜେନା ମିଲେଟର ବ୍ୟବହାରକୁ ସ୍ୱାସ୍ଥ୍ୟ ଦୃଷ୍ଟିକୋଣରୁ ବାଧ୍ୟତାମୂଳକ କରିବା ଏପରେ ଗୁରୁତ୍ୱାରୋପ କରିଥିଲେ। କ୍ୟାଲସିୟମ, ମାଙ୍ଗାନିଜ, ଫସଫେଟ, ଆଇରନ୍, ଏବଂ ଅନ୍ୟ ମାଇକ୍ରୋ ନ୍ୟୁଟ୍ରାଣ୍ଟସ୍‌ରେ ଭରପୁର ମିଲେଟ ଦୁରୁହ ରୋଗରୁ ରକ୍ଷା କରିପାରିବ ବୋଲି ନିଜ ଅଭିମତ ରଖିଥିଲେ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଏମ୍ସ ଭୁବନେଶ୍ୱର ସହ ମିଳିତ ଭାବରେ ବିଭିନ୍ନ ଆବଶ୍ୟକୀୟ ପଦକ୍ଷେପମାନ ଗ୍ରହଣ କରୁଅଛି। ଏମ୍ସ କ୍ୟାଣ୍ଟିନ ଓ ହଷ୍ଟେଲ ଗୁଡିକରେ ମିଲେଟ ପ୍ରସ୍ତୁତ ଖାଦ୍ୟ ପରିବେଷଣ, ରୋଗୀମାନଙ୍କୁ ମିଲେଟ ପ୍ରସ୍ତୁତ ଖାଦ୍ୟ ଗ୍ରହଣ ପାଇଁ ଡାକ୍ତର, ଡାଏଟେସିଆନ ପରାମର୍ଶ ଦେବା ଏବଂ ଜିଲ୍ଲା ସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଏମ୍ସରେ ତାଲିମ ଦେବା ଭଳି ଅନେକ କାର୍ଯ୍ୟକ୍ରମ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସହଭାଗୀତା ମିଲେଟକୁ ଅଧିକରୁ ଅଧିକ ଲୋକାଦୃତ କରିବ। ମଧୁମେହ ରୋଗୀ, ଗର୍ଭବତୀ, ପ୍ରସୂତୀ ମହିଳା ଏବଂ ଶିଶୁ ମାନଙ୍କ ପାଇଁ ଏହା ବିଶେଷ ଉପକାରୀ । ଏମ୍ସ ମିଲେଟ କିଓସ୍କରେ ବହୁ ସଂଖ୍ୟାରେ ଡାକ୍ତର, ପୁଷ୍ଟି ବିଶେଷଜ୍ଞ, କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ଭିଡ ଦେଖାଯାଉଛି ଏବଂ ସେମାନଙ୍କ ପ୍ରତିକ୍ରିୟା ସକରାତ୍ମକ ଓ ଉତ୍ସାହବର୍ଦ୍ଧକ ରହିଛି।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray